# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୩୦/୨୦୧୯ (୨୦ ପୃଷ୍ଠା) Bhubaneswar, Wednesday, January 30/ 2019 ★★★★★★

୪୫ଶ ଭାଗ ୬୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



DADLS-262

ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

ମୟୂରଭଞ୍ଜ ଜିଲ୍ଲା ଗସ୍ତ

**୩୦ ଜାନୁଆରୀ ୨୦୧୯ ବୁଧବାର**

**ବାରିପଦା ଛଉପଡ଼ିଆ ମଧ୍ୟାହ୍ନ ୧୨.୨୫**

ଓଡ଼ିଶା ସରକାର



### ୧୧ଟି ଜନହିତକାରୀ ପ୍ରକଳ୍ପର ଶୁଭ ଉଦ୍‌ଘାଟନ

- ଉଦଳା ବ୍ଲକ୍‌ର ରାଜ୍ୟ ରାଜପଥ-୧୯ରେ ଚମ୍ପା ନଦୀ ଉପରେ ହାଇଲେଭ୍‌ଲ ସେତୁ ।
- ଉଦଳା ଉପଖଣ୍ଡ ଚିକିତ୍ସାଳୟର ୫୦ ଶଯ୍ୟା ବିଶିଷ୍ଟ ନବନିର୍ମିତ ମାତୃ ଓ ଶିଶୁ ଚିକିତ୍ସାକେନ୍ଦ୍ର ।
- ବାରିପଦା ମହିଳା ମହାବିଦ୍ୟାଳୟ ଏବଂ ଏମ୍.ପି.ସି ଜୁନିଅର କଲେଜ୍‌ର ୩୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ।
- ତକତପୁରଠାରେ ଏମ୍.ପି.ସି ସ୍ୱୟଂଶାସିତ କଲେଜର ୪୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ।
- ମୋରଡା ବ୍ଲକ୍‌ର ଗଡିଆ-କେନ୍ଦୁଡିହ ରାସ୍ତାର ଜମ୍ବିରା ନାଳ ଉପରେ ହାଇଲେଭ୍‌ଲସେତୁ ।
- ଉଦଳା ବ୍ଲକ୍‌ର ଉଦଳା-ଦିମାଗଡିଆ ରାସ୍ତାରେ ସୋନ ନଦୀ ଉପରେ ହାଇଲେଭ୍‌ଲସେତୁ ।
- ବଡସାହି ବ୍ଲକ୍‌ର ବର୍ତ୍ତନା-ନିଶ୍ଚିନ୍ତପୁର ରାସ୍ତାରେ ବୁଢାବଳଙ୍ଗ ନଦୀ ଉପରେ ହାଇଲେଭ୍‌ଲ ସେତୁ ।
- ଶୁଳିଆପଦା ବ୍ଲକ୍‌ର ଫଣିଆ, ମୋରଡାବ୍ଲକ୍‌ର ଜୁଆଳିଭଙ୍ଗା ଏବଂ ଶାମାଖୁଣ୍ଟା ବ୍ଲକ୍‌ର ଜ୍ୟୋତିପୁରଠାରେ ୩ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ।
- ବାରିପଦା ବ୍ଲକ୍‌ର ନବନିର୍ମିତ ଜିଲ୍ଲା ପଞ୍ଚାୟତ ସମ୍ବଳ କାର୍ଯ୍ୟାଳୟ ।

### ୬ଟି ଜନହିତକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ବଡ଼ସାହି-ବାରିପଦା ବ୍ଲକ୍‌ର ବୁଢ଼ାବଳଙ୍ଗ ନଦୀ ଉପରେ ହାଇଲେଭଲ୍ ସେତୁ ।
- ବାରିପଦା-ପ୍ରତାପପୁର -ବଡ଼ସାହି-ମାଣତ୍ରୀ ରାସ୍ତାର ଉରା ନାଳ ଉପରେ ହାଇଲେଭଲ୍ ସେତୁ ।
- କପ୍ତିପଦା ବ୍ଲକ୍‌ର ବଡ଼ଗୁଡୁଗୁଡିଆ ଏବଂ ଶୁଳିଆପଦା ବ୍ଲକ୍‌ର ଧାତିକାଠାରେ ୨ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ।
- ଶାମାଖୁଣ୍ଟା ବ୍ଲକର ବାଲିଡିହ ଜଳସେଚନ ପ୍ରକଳ୍ପ ଉନ୍ନତିକରଣ କାର୍ଯ୍ୟ ।
- ରାସଗୋବିନ୍ଦପୁର ବ୍ଲକ୍‌ର ରାହିଡିହା-କୁଶଡିହା ମଧରେ ଜମ୍ବିରା ନଦୀର ଉଭୟ ପାର୍ଶ୍ୱ ତଟ ସୁରକ୍ଷା ବନ୍ଧ ।

### ମିଶନ ଶକ୍ତି

- ୨୦,୨୯୫ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ୧୫ ହଜାର ଟଙ୍କା ଲେଖାଏଁ ସିଡ୍ ମନି ସହାୟତା ।
- ୨୬ଟି ବ୍ଲକ୍‌ସ୍ତରୀୟ ମହାସଂଘକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ।
- ଡିଜିଟାଲ୍ ସଶକ୍ତିକରଣ ନିମନ୍ତେ ୩୯୪୧୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ।
- ମୟୂରଭଞ୍ଜ ଜିଲ୍ଲାରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମହାସଂଘଗୁଡ଼ିକୁ ସମୁଦାୟ ୪୯ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ ।

15001/13/0565/1819



**ମିଶନ ଶକ୍ତି ମହାସମାବେଶରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ ଏବଂ ଉଦ୍‌ବୋଧନ ।**

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ



“ କଂଗ୍ରେସର ‘ଗରିବୀ ହଟାଓ’ ସ୍ଲୋଗାନ ପରେ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରିବା ପାଇଁ ଭାଜପା ପ୍ରତିଶ୍ରୁତି ଦେଇଥିଲା। ଏବେ କଂଗ୍ରେସ ଗରିବଙ୍କୁ ସର୍ବନିମ୍ନ ଆୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ଏକ ନିଷ୍ଠୁର ଉପହାସ। ଦୁଇ ଦଳ ଏପରି ପ୍ରତିଶ୍ରୁତି ଦେବା ଅନୁଚିତ, ଯାହା ସେମାନେ ପୂରଣ କରିପାରିବେ ନାହିଁ। – ମାୟାବତୀ, ବିଏସ୍‌ପି ସୁପ୍ରିମୋ



## ସଂକ୍ଷେପରେ

### ୫ ମାଓବାଦୀ ନିହତ

ରାଞ୍ଚି,୨୯।୧: ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ୍ ଓ ଖୁଣ୍ଟି ସୀମାନ୍ତ ରୋଡକାଡୋଲି ଗାଁରେ ମଙ୍ଗଳବାର ସକାଳେ ସିଆର୍‌ପିଏଫ୍‌ର ୨୦୯ କୋବ୍ରା ବାଟାଲିୟନ ସହ ଗୁଳି ବିନିମୟରେ ୫ ମାଓବାଦୀ ପ୍ରାଣ ହରାଇଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଏନ୍‌କାଉଣ୍ଟରସ୍ଥଳରୁ ଏ.କେ-୪୭, .୩୦୩ ରାଇଫଲ, ୫ ପିସ୍ତଲ ଜବତ ହୋଇଛି। ଆହତ ଓ ମୃତକଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ସର୍ଚ୍ଚ ଅପରେଶନ ବେଳେ ଏହି ଏନ୍‌କାଉଣ୍ଟର ହୋଇଥିଲା।

### ବସିଲା ଲୋକପାଳ ବୈଠକ

ନୂଆଦିଲ୍ଲୀ,୨୯।୧(ପି.ଟି.): ଲୋକପାଳ ସର୍ଚ୍ଚ କମିଟି ବୈଠକର ପ୍ରଥମ ବୈଠକ ମଙ୍ଗଳବାର ବସିଛି। କେନ୍ଦ୍ର ସରକାର ୮ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିବାର ୪ ମାସ ପରେ ଏହି ବୈଠକ ଆୟୋଜିତ ହୋଇଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଲୋକପାଳ ମୁଖ୍ୟ ଓ ଏହାର ସଦସ୍ୟ ନିଯୁକ୍ତି ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟି ଲୋକପାଳ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନାମ ଫେବୃୟାରୀ ଶେଷ ସୁଦ୍ଧା ସୁପାରିସ କରିବା ପାଇଁ ସୁପ୍ରିମକୋର୍ଟ ଗତ ୧୭ ତାରିଖରେ ନିର୍ଦ୍ଦେଶ ଦେଇଥିବାବେଳେ ଏହି ବୈଠକ ବସିଛି।

### ଶାହଙ୍କ ସଭା ପରେ ହିଂସା

କୋଲକାତା,୨୯।୧: ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓଡ଼ିଶାରୁ ପଶ୍ଚିମବଙ୍ଗ ଯାଇ ପୂର୍ବ ମେଦିନୀପୁର ଜିଲାରେ ମଙ୍ଗଳବାର ଏକ ନିର୍ବାଚନୀ ସଭା କରିଛନ୍ତି। କାନ୍ଥିରେ ଆୟୋଜିତ ଏହି ସଭା ପରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଓ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଭାଜପା କର୍ମୀମାନେ ଟିଏମ୍‌ସିର ଏକ ଅଫିସରେ ଭଙ୍ଗାରୁଜା ଓ କେତେକ ଯାନବାହନ ଜଳାପୋଡ଼ା କରିଛନ୍ତି। ଏଥିରେ ୩ ଆହତ ହୋଇଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କଠାରୁ ହିଂସା ସମ୍ପର୍କରେ ରିପୋର୍ଟ ମାଗିଛନ୍ତି।

### ଏମ୍‌ଜେ ଆକବର ମାନହାନି ମାମଲା
### ପ୍ରିୟା ରମାନୀଙ୍କୁ ନୋଟିସ

ନୂଆଦିଲ୍ଲୀ,୨୯।୧: ଯୌନ ଶୋଷଣ ଅଭିଯୋଗ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବର ଦାଏର କରିଥିବା ମାନହାନି ମାମଲାରେ ଖବରଦାତା ପ୍ରିୟା ରମାନୀଙ୍କୁ ଦିଲ୍ଲୀ କୋର୍ଟ ନୋଟିସ୍ କରିଛି। ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ସମର ବିଶାଲ ଫେବୃୟାରୀ ୨୫ରେ ରମାନୀଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋସିଆଲ୍ ମିଡିଆରେ # ମି ଟୁ ଅଭିଯାନ ଅନ୍ତର୍ଗତ ପ୍ରଥମ ମହିଳା ଖବରଦାତା ଭାବେ ରମାନୀ ଆକବରଙ୍କ ବିରୋଧରେ ଯୌନାଚାର ଅଭିଯୋଗ ଆଣିଥିଲେ। ଜଣେ ବରିଷ୍ଠ ଖବରଦାତା ଆକବର ତାଙ୍କୁ କିପରି ଯୌନ ତାଡ଼ନା ଦେଇଥିଲେ ତାହା ସେ ସୋସିଆଲ୍ ମିଡିଆରେ ଶେୟାର କରିଥିଲେ। ଏହା ରାଜନୈତିକ ମହଲରେ ଚହଳ ସୃଷ୍ଟି କରିବା ପରେ ନୈତିକତା ଦୃଷ୍ଟିକୋଣରୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ମନ୍ତ୍ରୀ ପଦରୁ ୨୦୧୮ ଅଗଷ୍ଟ ୧୮ରେ ଆକବର ଇସ୍ତଫା ଦେଇଥିଲେ। ରମାନୀ ଆଣିଥିବା ଅଭିଯୋଗ ଭିତ୍ତିହୀନ ଦର୍ଶାଇବା ସହ ଏହା ରାଜନୈତିକ ଚକ୍ରାନ୍ତ ବୋଲି ଆକବର କହିଥିଲେ ଏବଂ ଆଇନ ପରାମର୍ଶଦାତାଙ୍କ ପରାମର୍ଶ କ୍ରମେ ତାଙ୍କ ବିରୋଧରେ ମାନହାନି ମକଦ୍ଦମା ରୁଜୁ କରିଥିଲେ।

## ଅଯୋଧ୍ୟା ଜମିକୁ ନେଇ କେନ୍ଦ୍ରର ଆବେଦନ

# ରାମମନ୍ଦିର ନିର୍ମାଣ ଆଡ଼କୁ ପାଦେ

ନୂଆଦିଲ୍ଲୀ,୨୯।୧(ପି.ଟି.)



ସାଧାରଣ ନିର୍ବାଚନକୁ ୩ ମାସ ବାକି ଥିବାବେଳେ ପୁଣି ମୁଣ୍ଡ ଟେକିଛି ରାମମନ୍ଦିର ନିର୍ମାଣ ପ୍ରସଙ୍ଗ। ବିବାଦୀୟ ଜମି ସଂଲଗ୍ନ ନିର୍ବିବାଦୀୟ ୬୭ ଏକର ଜମି ରାମ ଜନ୍ମଭୂମି ନ୍ୟାସ ସମେତ ମୂଳ ମାଲିକଙ୍କୁ ଫେରାଇ ଦେବା ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଛନ୍ତି କେନ୍ଦ୍ର ସରକାର। ଏହାକୁ ରାମମନ୍ଦିର ନିର୍ମାଣ ପାଇଁ ସରକାରଙ୍କ ଏକ ସକାରାତ୍ମକ ପଦକ୍ଷେପ ବୋଲି ଭାଜପା ବିବେଚନା କରୁଛି। କେନ୍ଦ୍ର ସରକାର ଅଧ୍ୟାଦେଶ ଆଣି କିମ୍ବା ପାର୍ଲାମେଣ୍ଟରେ ଆଇନ ପ୍ରଣୟନ କରି ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ପଥ ପରିଷ୍କାର କରନ୍ତୁ ବୋଲି ଦାବି ଜୋର୍ ଧରିଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍), ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ଏବଂ ଅନ୍ୟ ହିନ୍ଦୁତ୍ୱବାଦୀ ସଙ୍ଗଠନଗୁଡ଼ିକ ସରକାରଙ୍କ ଉପରେ ଏନେଇ ଚାପପକାଉଥିଲେ। ଏପରି କି ପ୍ରୟାଗରେ ଚାଲିଥିବା କୁମ୍ଭମେଳାରେ ସାଧୁସନ୍ଥ ରାମମନ୍ଦିର ନିର୍ମାଣ ପାଇଁ ବଡ଼ ପଦକ୍ଷେପ ନେବା ଲାଗି ଘୋଷଣା କରିଥିଲେ। ମନ୍ଦିର ରାମ ଜନ୍ମଭୂମିରେ ହିଁ ନିର୍ମାଣ କରାଯାଉ ବୋଲି ଭାଜପା ସବୁବେଳେ ଦାବି କରିଆସିଛି। ଏଥିପାଇଁ ଯାହା ଆଇନଗତ ଉପାୟ ଆପଣାଇବାକୁ ପଡ଼ିବ ଆମେ ଆପଣାଇବୁ ବୋଲି ଦଳ ପକ୍ଷରୁ କୁହାଯାଇଛି। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୌଣସି ବିବାଦୀୟ ପଦକ୍ଷେପ ନେବା ସପକ୍ଷରେ ଥିବା ଭଳି ମନେହେଉନାହିଁ। ଏହି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଆଇନାନୁସାରେ ରାସ୍ତା ବାହାରିବ। କଂଗ୍ରେସ ସବୁବେଳେ ରାମମନ୍ଦିର ନିର୍ମାଣ ରାସ୍ତାରେ ପ୍ରତିବନ୍ଧକ ସାଜିଛି ବୋଲି ପୂର୍ବରୁ ମୋଦି କହିସାରିଛନ୍ତି। ଏଭଳି ସମୟରେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାର ରିଟ୍ ପିଟିଶନ ଦାଏର କରିବା ପରେ ଭାଜପା ଏହି ପ୍ରସଙ୍ଗରେ ସରକାରଙ୍କୁ ସମର୍ଥନ କରିଛି। ସରକାର ବିବାଦୀୟ ଜମିକୁ ଛୁଉଁନାହାନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ଜମି ଫେରସ୍ତ ପାଇଲେ ତାକୁ ନେଇ କ’ଣ କରାଯିବ ତାହା ରାମ ଜନ୍ମଭୂମି ନ୍ୟାସ ନିଷ୍ପତ୍ତି ନେବ। ସରକାର ଏଥିରେ ହସ୍ତକ୍ଷେପ କରିବେ ନାହିଁ ବୋଲି ଏକ ଖବରଦାତା ସମ୍ମିଳନୀରେ ଜାଭଡେକର ସ୍ପଷ୍ଟ କରିଛନ୍ତି। ସେହିପରି ଭାଜପାର ପ୍ରମୁଖ ହିନ୍ଦୁତ୍ୱ ଚେହେରା ତଥା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ କେନ୍ଦ୍ରର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ନିର୍ବିବାଦୀୟ ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ସୁପ୍ରିମକୋର୍ଟ ଅନୁମତି ଦେବେ ବୋଲି ଯୋଗୀ ଆଶାବ୍ୟକ୍ତ କରିଛନ୍ତି।

## ସ୍ୱାଗତ କଲା ଭିଏଚ୍‌ପି

ନୂଆଦିଲ୍ଲୀ,୨୯।୧(ପି.ଟି.): ଅଯୋଧ୍ୟାସ୍ଥିତ ନିର୍ବିବାଦୀୟ ଜମି ମୂଳ ମାଲିକଙ୍କୁ ଫେରାଯାଉ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ରିଟ୍ ପିଟିଶନ ଦାଏର କରିବା ପରେ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ଭିଏଚ୍‌ପି କାର୍ଯ୍ୟକାରୀ ଅଧ୍ୟକ୍ଷ ଆଲୋକ କୁମାର ଏକ ବିବୃତିରେ କହିଛନ୍ତି, ରାମ ଜନ୍ମଭୂମି ନ୍ୟାସ ରାମମନ୍ଦିର ନିର୍ମାଣ ପାଇଁ ଏହି ଜମି ହାସଲ କରିଛି। ଏହି ଜମି ରାମ ଜନ୍ମଭୂମି ନ୍ୟାସର। ଏହାକୁ ନେଇ କିଛି ବିବାଦ ନାହିଁ। କେନ୍ଦ୍ର ସରକାର ଏହାକୁ ଫେରାଇବା ଲାଗି ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ସୁପ୍ରିମକୋର୍ଟ ଏମ୍. ଇସ୍‌ମାଇଲ୍ ମାମଲାରେ ଏହି ଜମି ମୂଳ ମାଲିକଙ୍କୁ ଫେରାଇବା ପାଇଁ କହିଥିଲେ। ଏବେ କେନ୍ଦ୍ରର ପିଟିଶନ ପରେ ସର୍ବୋଚ୍ଚ ଅଦାଲତ ଏଦିଗରେ ତୁରନ୍ତ ନିଷ୍ପତ୍ତି ନେବେ ବୋଲି ଆଶା।



## ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ,୨୯।୧(ପି.ଟି.): ଅଯୋଧ୍ୟା ଜମି ଫେରସ୍ତ ପାଇଁ ସର୍ବୋଚ୍ଚ ଅଦାଲତରେ କେନ୍ଦ୍ରର ପିଟିଶନ ଦାଏର ସମୟକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ। ସାଧାରଣ ନିର୍ବାଚନର ଦୁଇମାସ ପୂର୍ବରୁ କେନ୍ଦ୍ର ଏଭଳି ପଦକ୍ଷେପ ନେଇଥିବାରୁ ଏହା ପଛର ଉଦ୍ଦେଶ୍ୟ ନେଇ ଲୋକେ ନିଷ୍ପତ୍ତି ନେବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଂଘଭୀ କହିଛନ୍ତି, ବିବାଦୀୟ ଜମି ଚାରିପାର୍ଶ୍ୱରେ ଥିବା ନିର୍ବିବାଦୀୟ ଜମି ଉପରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ୨୦୦୩ର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହି ରାୟର ୧୬ ବର୍ଷ ପରେ ନିର୍ବିବାଦୀୟ ଜମି ମୂଳ ମାଲିକଙ୍କୁ ଫେରାଇ ଦେବାକୁ କେନ୍ଦ୍ର ଅନୁମତି ଲୋଡ଼ିଛି। ତାହା ଗ୍ରହଣୀୟ ହେବ କି ନାହିଁ ସୁପ୍ରିମକୋର୍ଟ ବିଚାର କରିବେ। କିନ୍ତୁ ଏଭଳି ସମୟରେ ଏହି ପଦକ୍ଷେପ କାହିଁକି ନିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।



## ଗଙ୍ଗା ଏକ୍ସପ୍ରେସ୍‌ୱେକୁ ମଞ୍ଜୁରୀ

ଆଲ୍ଲାହାବାଦ,୨୯।୧(ପି.ଟି.):

ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ମଙ୍ଗଳବାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ପ୍ରୟାଗରେ ଚାଲିଥିବା କୁମ୍ଭମେଳାରେ ପ୍ରଥମଥର ପାଇଁ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ପଶ୍ଚିମ ଜିଲାଗୁଡ଼ିକ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ଗଙ୍ଗା ଏକ୍ସପ୍ରେସ୍‌ୱେକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୈଠକରେ ଅଧ୍ୟକ୍ଷତା କରି ୬୦୦ କି.ମି. ଲମ୍ବ ବିଶିଷ୍ଟ ବିଶ୍ୱର ଏହି ଦୀର୍ଘତମ ଏକ୍ସପ୍ରେସ୍‌ୱେ ନିର୍ମାଣ ପାଇଁ ଅନୁମତି ଦେଇଛନ୍ତି। ଏଥିଲାଗି ୬,୫୫୬ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ଏହି ପ୍ରକଳ୍ପରେ ୩୬,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏହା ପୂର୍ବରୁ ଯୋଗୀ ଆଦିତ୍ୟନାଥ ଓ ତାଙ୍କ କ୍ୟାବିନେଟ ମନ୍ତ୍ରୀମାନେ ସଙ୍ଗମରେ ପବିତ୍ର ବୁଡ଼ ପକାଇଥିଲେ।



# ୭୮ତମ ସ୍ଥାନକୁ ଉଠିଲା ଭାରତ

ନୂଆଦିଲ୍ଲୀ,୨୯।୧

**ବିଶ୍ୱ ଦୁର୍ନୀତି ସୂଚକାଙ୍କ**

କେନ୍ଦ୍ର ସରକାରଙ୍କ କ୍ରମାଗତ ଉଦ୍ୟମର ଫଳସ୍ୱରୂପ ଭାରତ ବିଶ୍ୱ ଦୁର୍ନୀତି ସୂଚକାଙ୍କରେ ୩ ପାଦ ଉପରକୁ ଉଠିଆସିଛି। ଦୁର୍ନୀତିକୁ ନେଇ ଗ୍ଲୋବାଲ ୱାଚ୍‌ଡଗ୍ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ପକ୍ଷରୁ ଲଣ୍ଡନରେ ୨୦୧୮ ବର୍ଷ ଲାଗି ୧୮୦ଟି ଦେଶର ଏକ ତାଲିକା ପ୍ରକାଶ କରାଯାଇଛି। ଏଥିରେ ଭାରତ ୮୧ରୁ ୭୮ତମ ସ୍ଥାନକୁ ଉଠିଆସିଥିବା ବେଳେ ପଡ଼ୋଶୀ ଦେଶ ଚାଇନା ୮୭ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପାକିସ୍ତାନ ର୍‍ୟାଙ୍କିଙ୍ଗରେ ୧୧୭ତମ ସ୍ଥାନ ପାଇଛି। ବିଶ୍ୱ ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ନିର୍ବାଚନ ପୂର୍ବରୁ ଦୁର୍ନୀତି ସୂଚକାଙ୍କରେ ଭାରତର ର୍‍ୟାଙ୍କିଙ୍ଗରେ ସାମାନ୍ୟ ସୁଧାର ହୋଇଛି। ୨୦୧୭ରେ ଭାରତକୁ ୪୦ ପଏଣ୍ଟ ମିଳିଥିଲା ବେଳେ ୨୦୧୮ରେ ୪୧ ମିଳିଛି। ଏହି ତାଲିକାରେ ୮୮ ଓ ୮୭ ପଏଣ୍ଟ ସହିତ ଡେନମାର୍କ ଓ ନ୍ୟୁଜିଲାଣ୍ଡ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ସେହିପରି ସୋମାଲିଆ, ସିରିଆ ଏବଂ ଦକ୍ଷିଣ ସୁଦାନ କ୍ରମଶଃ ୧୦, ୧୩ ଓ ୧୩ ପଏଣ୍ଟ ସହିତ ତାଲିକାର ସର୍ବନିମ୍ନ ସ୍ଥାନ ପାଇଛନ୍ତି। ସୂଚନାଥାଉ କି, ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଦେଶରେ ଦୁର୍ନୀତିର ମୂଳୋତ୍ପାଟନ ଲାଗି ଏକାଧିକ ପଦକ୍ଷେପ ଘୋଷଣା କରିଥିଲେ ହେଁ ଏହାର ପ୍ରଭାବ ଦେଖିବାକୁ ମିଳୁ ନ ଥିବା ର୍‍ୟାଙ୍କିଙ୍ଗରୁ ସ୍ପଷ୍ଟ ହୋଇଛି।

## ଫୁଟ୍‌ପାଥରେ ଶୋଉଥିଲେ ଫର୍ଣ୍ଣାଣ୍ଡିଜ୍



ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କ ସହ ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ ସ୍ୱର୍ଗତ ଜର୍ଜ ଫର୍ଣ୍ଣାଣ୍ଡିଜ୍।

ମୁମ୍ବାଇ/ନୂଆଦିଲ୍ଲୀ,୨୯।୧

ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କୁ ଏକଦା ନିଜ କର୍ମଭୂମି ମୁମ୍ବାଇର ଫୁଟ୍‌ପାଥରେ ଶୋଇବାକୁ ପଡ଼ିଥିଲା। ୧୯୩୦ ଜୁନ୍ ୩ରେ କର୍ଣ୍ଣାଟକସ୍ଥିତ ମାଙ୍ଗାଲୋରର ଏକ ମଧ୍ୟବିତ୍ତ ଖ୍ରୀଷ୍ଟିୟାନ ପରିବାରରେ ଫର୍ଣ୍ଣାଣ୍ଡିଜ୍ ଜନ୍ମଗ୍ରହଣ କରିଥିଲେ। ସେ ଜଣେ କ୍ୟାଥୋଲିକ୍ ପାଦ୍ରି ହୁଅନ୍ତୁ ବୋଲି ପରିବାର ଲୋକେ ଚାହୁଁଥିଲେ। ହେଲେ ତାଙ୍କ ପାଇଁ ବିଧି କିଛି ଅଲଗା ଲେଖିଥିଲା। ୧୯ ବର୍ଷୀୟ ଫର୍ଣ୍ଣାଣ୍ଡିଜ୍ ଲକ୍ଷ ଲକ୍ଷ ଆଶାବାଦୀଙ୍କ ଭଳି ସ୍ୱପ୍ନର ନଗରୀ ବମ୍ବେ (ଏବେ ମୁମ୍ବାଇ)କୁ କ୍ୟାରିୟର ଗଢ଼ିବା ପାଇଁ ଯାଇଥିଲେ। ସେତେବେଳେ ସେ ଅନେକ ରାତି ଫୁଟ୍‌ପାଥରେ ବିତାଇଥିଲେ। ହେଲେ ତମାମ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଫର୍ଣ୍ଣାଣ୍ଡିଜ୍ ହାରିଯାଇ ନ ଥିଲେ। ସେ ନିଜ ଦକ୍ଷତା ଓ କୌଶଳକୁ ନେଇ ସବୁ ଶିଖିବାରେ ଲାଗିଥିଲେ। ଏପରି ଭାବେ ସେ ୧୦ ଭାଷା ଶିଖିପାରିଥିଲେ। ୧୯୬୭ ନିର୍ବାଚନରେ ଫର୍ଣ୍ଣାଣ୍ଡିଜ୍ ଦକ୍ଷିଣ ବମ୍ବେ ଆସନରେ ବରିଷ୍ଠ କଂଗ୍ରେସ ନେତା ଏସ୍.କେ. ପାଟିଲଙ୍କୁ ପରାଜିତ କରି ରାଜନୈତିକ କ୍ୟାରିୟରର ମୂଳଦୁଆ ପକାଇଥିଲେ। ପରେ ସେ ଏକ ଖବରକାଗଜରେ ପ୍ରୁଫ୍-ରିଡର ଭାବେ କାମ କରିଥିଲେ। ଏହି ସମୟରେ ସେ ପ୍ଲାସିଡ୍ ଡି’ମେଲୋ ଏବଂ ରାମମନୋହର ଲୋହିଆଙ୍କ ଭଳି ବ୍ୟକ୍ତିତ୍ୱଙ୍କ ସାହଚର୍ଯ୍ୟ ଲାଭ କରିଥିଲେ। ଶ୍ରମିକ, ଟ୍ୟାକ୍ସିବାଲା ଓ ସରକାରୀ କର୍ମଚାରୀଙ୍କ ଅଧିକାର ପାଇଁ ଲଢ଼େଇ କରି ସେ ପାଲଟିଥିଲେ ସମାଜବାଦୀ ଆନ୍ଦୋଳନର ଅନ୍ୟତମ ପୁରୋଧା। ଲୋକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଲଢୁଥିବା ଫର୍ଣ୍ଣାଣ୍ଡିଜ୍ ସମୟକ୍ରମେ ଦେଶର ପ୍ରତିରକ୍ଷାମନ୍ତ୍ରୀ ପଦ ସମ୍ଭାଳିଥିଲେ। ଆର୍‌ଏସ୍‌ଏସ୍‌ର ଜଣେ ବଡ଼ ସମାଲୋଚକ ହୋଇସୁଦ୍ଧା ସେ ଅଟଳବିହାରୀ ବାଜପେୟୀଙ୍କ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ସାମିଲ ହୋଇଥିଲେ। ୧୯୯୮ରେ ପୋଖରାନରେ ଆଣବିକ ପରୀକ୍ଷଣ ଏବଂ ୧୯୯୯ରେ କାର୍‌ଗିଲ ଯୁଦ୍ଧରେ ଭାରତୀୟ ସେନାର ବିଜୟ ଫର୍ଣ୍ଣାଣ୍ଡିଜ୍‌ଙ୍କ ଅମଳରେ ହୋଇଥିଲା। ନିରାଡମ୍ବର ଜୀବନ ଶୈଳୀ ଓ ସ୍ପଷ୍ଟବାଦିତାକୁ ନେଇ ଫର୍ଣ୍ଣାଣ୍ଡିଜ୍ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ୧୯୭୫ରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରିକାଳୀନ ପରିସ୍ଥିତି ଜାରି କରିବା ପରେ ଜଣେ ଅଣକଂଗ୍ରେସ ନେତା ଭାବେ ଜାତୀୟ ରାଜନୀତିରେ ଉଭା ହୋଇ ଫର୍ଣ୍ଣାଣ୍ଡିଜ୍ ଜେଲ୍ ଯାଇଥିଲେ। ୧୯୭୭ ନିର୍ବାଚନରେ ଇନ୍ଦିରା ଗାନ୍ଧୀ ସରକାରଙ୍କ ପତନ ହେବା ପରେ ଜନତା ଦଳ ସରକାରରେ ଫର୍ଣ୍ଣାଣ୍ଡିଜ୍ ଶିଳ୍ପମନ୍ତ୍ରୀ ହୋଇଥିଲେ। ଫର୍ଣ୍ଣାଣ୍ଡିଜ୍ ୧୯୯୪ରେ ନୀତୀଶ କୁମାରଙ୍କ ସହ ମିଶି ସମତା ପାର୍ଟି ଗଠନ କରିଥିଲେ। ୧୯୮୯ରେ ଫର୍ଣ୍ଣାଣ୍ଡିଜ୍ ରେଳମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ମହାନ୍ ଜନନେତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରି ଟୁଇଟ୍ କରିଛନ୍ତି, ଫର୍ଣ୍ଣାଣ୍ଡିଜ୍ କେବେ ନିଜ ବିଚାରଧାରାରୁ ବିଚ୍ୟୁତ ହୋଇ ନ ଥିଲେ। ତାଙ୍କ ସରଳତା ଓ ବିନମ୍ରତା ସବୁବେଳେ ପ୍ରଶଂସନୀୟ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ମଧ୍ୟ ତାଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ବିହାର ଥିଲା ଫର୍ଣ୍ଣାଣ୍ଡିଜ୍‌ଙ୍କ ଦ୍ୱିତୀୟ କର୍ମଭୂମି। ଏଥିପାଇଁ ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟରେ ୨ ଦିନିଆ ଶୋକ ଦିବସ ପାଳନ କରିବା ପାଇଁ ଘୋଷଣା କରିଛନ୍ତି। ଫର୍ଣ୍ଣାଣ୍ଡିଜ୍‌ଙ୍କ ଇଚ୍ଛାନୁସାରେ ନୂଆଦିଲ୍ଲୀର ଲୋଧି କ୍ରେମେଟୋରିୟମ୍‌ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଘନିଷ୍ଠ ସହଯୋଗୀ ଜୟା ଜେଟ୍‌ଲୀ କହିଛନ୍ତି।

## ପାରିକରଙ୍କୁ ଭେଟିଲେ ରାହୁଲ

ପଣଜୀ,୨୯।୧

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଙ୍ଗଳବାର ଗୋଆ ବିଧାନସଭା ପରିସରରେ ମୁଖ୍ୟମନ୍ତ୍ରୀ ମନୋହର ପାରିକର(୬୩)ଙ୍କୁ ଭେଟିଛନ୍ତି। ସେ ଅଗ୍ନ୍ୟାଶୟ ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ପଚାରି ବୁଝିଛନ୍ତି। ‘ରାଫେଲ୍ ସିକ୍ରେଟ୍ ଡିଲ୍’ ଅଡିଓ ଟେପ୍ ପାରିକର ରଖିଥିବା ଓ ଏହା ତାଙ୍କୁ ପ୍ରଧାନମନ୍ତ୍ରୀଙ୍କଠାରୁ ଅଧିକ କ୍ଷମତାଶାଳୀ କରିଥିବା ରାହୁଲ ଅଭିଯୋଗ ଆଣିବାର ଗୋଟିଏ ଦିନ ପରେ ଉଭୟଙ୍କ ମଧ୍ୟରେ ଏହି ସୌଜନ୍ୟମୂଳକ ସାକ୍ଷାତକାର ରାଜନୈତିକ ହଟଚମଟ ସୃଷ୍ଟି କରିଛି। ରାହୁଲ ମଧ୍ୟାହ୍ନରେ ଗୋଆ ବିଧାନସଭା ପରିସରରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ କକ୍ଷକୁ ଯାଇ ପାରିକରଙ୍କୁ ଭେଟିଥିଲେ।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୬ | ୧୪.୫ |
| ଚାନ୍ଦବାଲି | ୨୫.୮ | ୧୫.୮ |
| କଟକ | ୨୬.୫ | ୧୪.୬ |
| ପାରାଦ୍ୱୀପ | ୨୫.୩ | ୧୭.୧ |
| ଭୁବନେଶ୍ୱର | ୨୭.୨ | ୧୪.୯ |
| ଗୋପାଳପୁର | ୨୭.୮ | ୧୬.୫ |
| ପୁରୀ | ୨୬.୬ | ୧୬.୮ |
| ଅନୁଗୋଳ | ୨୫.୭ | ୧୩.୬ |
| ବାରିପଦା | ୨୫.୦ | ୧୫.୨ |
| ଝାରସୁଗୁଡ଼ା | ୨୫.୬ | ୧୨.୦ |
| କେନ୍ଦୁଝର | ୨୨.୭ | ୧୩.୩ |
| ସମ୍ବଲପୁର | ୨୫.୫ | ୧୩.୦ |
| ସୁନ୍ଦରଗଡ଼ | --- | ୧୦.୫ |
| ହୀରାକୁଦ | ୨୫.୯ | ୧୪.୫ |
| ତାଲଚେର | --- | ୧୩.୫ |
| ଭବାନୀପାଟଣା | ୨୪.୦ | ୧୩.୦ |
| ବଲାଙ୍ଗୀର | ୨୫.୦ | ୧୩.୮ |
| କୋରାପୁଟ | --- | ୧୧.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୨.୫ |
| ମାଲକାନଗିରି | ୨୮.୫ | ୧୧.୦ |
| ସୋନପୁର | ୨୪.୮ | ୧୨.୨ |
| ଦାରିଙ୍ଗିବାଡ଼ି | ୨୧.୫ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଆମେରିକା ସ୍ପାଏମାଷ୍ଟରଙ୍କ ଆଶଙ୍କା

# ସାଧାରଣ ନିର୍ବାଚନ ପୂର୍ବରୁ ସାମ୍ପ୍ରଦାୟିକ ଦଙ୍ଗା

ୱାଶିଂଟନ,୨୯।୧(ପି.ଟି.)



ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ଘଟିପାରେ। ଶାସକ ଭାଜପା ହିନ୍ଦୁ ଜାତୀୟତାବାଦୀ ପ୍ରସଙ୍ଗଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଦେଲେ ଏଭଳି ସ୍ଥିତିକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଆମେରିକାର ଶୀର୍ଷ ସ୍ପାଏମାଷ୍ଟର ମଙ୍ଗଳବାର ଆଶଙ୍କା ବ୍ୟକ୍ତ କରିଛନ୍ତି। ଭାରତରେ ସାଧାରଣ ନିର୍ବାଚନକୁ ଆଉ ୩ ମାସରୁ କମ୍ ସମୟ ବାକି ଅଛି। ଏହି ନିର୍ବାଚନକୁ ନେଇ ଆମେରିକାର ଗୋଇନ୍ଦା ସମୁଦାୟ ଅନୁଧ୍ୟାନ କରିଛି। ୨୦୧୯ରେ ବିଶ୍ୱବ୍ୟାପୀ ବିପଦ ସୃଷ୍ଟିକାରୀ କେତେକ ପ୍ରସଙ୍ଗକୁ ନେଇ ଏକ ଲିଖିତ ଦସ୍ତାବିଜ ଆମେରିକାର ପ୍ରଭାବଶାଳୀ ଗୋଇନ୍ଦା ସମ୍ପର୍କିତ ସିନେଟ ସିଲେକ୍ଟ କମିଟି ନିକଟରେ ଉପସ୍ଥାପିତ ହୋଇଛି। ଜାତୀୟ ଗୋଇନ୍ଦା ନିର୍ଦ୍ଦେଶକ ଡାନ୍ କୋଟ୍ସ ଏହାକୁ ଉପସ୍ଥାପନ କରି ଆମେରିକାର ଆଇନପ୍ରଣେତାମାନଙ୍କୁ କହିଛନ୍ତି, ଭାରତରେ ଲୋକ ସଭା ନିର୍ବାଚନ ପୂର୍ବରୁ ସାମ୍ପ୍ରଦାୟିକ ଦଙ୍ଗା ହୋଇପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଜପା ହିନ୍ଦୁ ଜାତୀୟତାବାଦୀ ବିଷୟଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଦେଲେ ଏଭଳି ଦଙ୍ଗା ସୃଷ୍ଟି ହୋଇପାରେ। ମୋଦିଙ୍କ ଅମଳରେ ଭାଜପାର ନୀତିଗୁଡ଼ିକ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧିର କାରଣ ସାଜିଛି। ଏହାସହ ହିନ୍ଦୁ ଜାତୀୟତାବାଦୀ ରାଜ୍ୟ ସ୍ତରୀୟ ନେତାମାନେ ହିଂସା ଉସୁକାଇବା ପାଇଁ ନିଜ ସମର୍ଥକଙ୍କୁ ବ୍ୟବହାର କରିପାରନ୍ତି। କ୍ରମବର୍ଦ୍ଧିଷ୍ଣୁ ସାମ୍ପ୍ରଦାୟିକ ଉତ୍ତେଜନା ଭାରତୀୟ ମୁସଲମାନଙ୍କୁ ଉତ୍ତେଜିତ କରିବ। ଏହାଦ୍ୱାରା ଇସ୍‌ଲାମୀୟ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଭାରତରେ ନିଜ ପ୍ରଭାବ ବୃଦ୍ଧିରେ ଲାଗିଯିବେ ବୋଲି ସେ ସତର୍କ କରାଇଦେଇଛନ୍ତି। ସେହିପରି ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ନିର୍ବାଚନ ପୂର୍ବରୁ ସୀମାପାର ଆତଙ୍କବାଦ ଓ ଗୁଳି ବିନିମୟ ବୃଦ୍ଧି ପାଇବ। ଏହା ମେ’ ସୁଦ୍ଧା ଭାରତ-ପାକିସ୍ତାନ ସମ୍ପର୍କରେ ଆଶାତୀତ ତିକ୍ତତା ବଢ଼ାଇବ। ଦୁଇଦେଶ ମଧ୍ୟରେ ଆଣବିକ ନିରାପତ୍ତାକୁ ନେଇ କାର୍ଯ୍ୟକ୍ରମ ଦକ୍ଷିଣ ଏସିଆରେ ବିପଦକୁ ଡାକି ଆଣିବ ବୋଲି ସ୍ପାଏ ମାଷ୍ଟର ଚେତାଇଦେଇଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୩୦/୨୦୧୯ | Bhubaneswar, Wednesday, January 30/ 2019 | ପୃଷ୍ଠା-୧




## ମନ୍ଧାନା ଦେଲେ ସିରିଜ ଭେଟି

ସ୍ମୃତି ମନ୍ଧାନାଙ୍କ ଅପରାଜିତ ୯୦ ରନ ବଳରେ ଭାରତୀୟ ମହିଳା କ୍ରିକେଟ ଦଳ ୨ୟ ଦିନିକିଆରେ ନ୍ୟୁଜିଲାଣ୍ଡକୁ ୮ ଉଇକେଟ୍‌ରେ ପରାସ୍ତ କରି ସିରିଜକୁ ଆଗୁଆ କବ୍‌ଜା କରିଛି।

୧୭

୦୭

## ‘ଏକ୍ ଲଡ୍‌କୀ କୋ...’ ସେଟ୍‌ରେ ସ୍ଥିର ହୋଇଥିଲା ବିବାହ: ସୋନମ୍

ଆଗାମୀ ଫିଲ୍ମ ‘ଏକ୍ ଲଡ୍‌କୀ କୋ ଦେଖା ତୋ ଐଶା ଲଗା’ର ଶୁଟିଂ ବେଳେ ଆନନ୍ଦ ଆହୁଜାଙ୍କ ସହିତ ତାଙ୍କର ବାହାଘର ସ୍ଥିର ହୋଇଥିଲା ବୋଲି ଅଭିନେତ୍ରୀ ସୋନମ୍ କପୁର ପ୍ରକାଶ କରିଛନ୍ତି।



■ ସୁପ୍ରିମକୋର୍ଟଙ୍କୁ କେନ୍ଦ୍ରର ଅନୁରୋଧ

# ମୂଳ ମାଲିକଙ୍କୁ ଫେରାଯାଉ ୬୭ ଏକର ନିର୍ବିବାଦୀୟ ଜମି

ନୂଆଦିଲ୍ଲୀ,୨୯।୧(ପି.ଟି.)

ଅଯୋଧ୍ୟା ମାମଲାରେ ଚାପର ସମ୍ମୁଖୀନ ହେଉଥିବା କେନ୍ଦ୍ର ସରକାର ମଙ୍ଗଳବାର ଏହି ପ୍ରସଙ୍ଗରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଅଯୋଧ୍ୟାସ୍ଥିତ ନିର୍ବିବାଦୀୟ ଜମିକୁ ମୂଳ ମାଲିକଙ୍କୁ ଫେରାଇ ଦେବା ପାଇଁ ସୁପ୍ରିମକୋର୍ଟରେ କେନ୍ଦ୍ର ପକ୍ଷରୁ ଦାଏର ଏକ ପିଟିଶନରେ ଦାବି କରାଯାଇଛି। ୧୯୯୧ରୁ ୧୯୯୩ ମଧ୍ୟରେ ସରକାର ବିବାଦୀୟ ସ୍ଥଳ ଓ ଏହାର ଆଖପାଖରେ ୬୭ ଏକର ଜମି ଅଧିଗ୍ରହଣ କରିଥିଲେ। ୨୦୦୩ରେ ସୁପ୍ରିମକୋର୍ଟ ଏହା ଉପରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିବାଦୀୟ ସ୍ଥଳ ଆଖପାଖରେ ଅଧିଗୃହୀତ ଅତିରିକ୍ତ ଭୂମିକୁ ଏକ ହିନ୍ଦୁ ଟ୍ରଷ୍ଟ ଓ ଅନ୍ୟ ମୂଳ ମାଲିକମାନଙ୍କୁ ଫେରାଇ ଦେବା ପାଇଁ କେନ୍ଦ୍ର ସରକାର ଏବେ ସର୍ବୋଚ୍ଚ ଅଦାଲତଙ୍କ ଅନୁମତି ମାଗିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ରର ଏହି ନିଷ୍ପତ୍ତିକୁ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ସ୍ୱାଗତ କରିଛି। ସରକାର ଏବେ ଉଚିତ ଦିଗରେ ପଦକ୍ଷେପ ନେଇଛନ୍ତି ବୋଲି ☞ପୃଷ୍ଠା-୧୪

### ଅଯୋଧ୍ୟା ବିବାଦ



- ■ ୧୯୯୧ରୁ ୧୯୯୩ ମଧ୍ୟରେ କେନ୍ଦ୍ର ସରକାର ୬୭ ଏକର ଜମି ଅଧିଗ୍ରହଣ କରିଥିଲେ
- ■ ଆଲ୍ଲାହାବାଦ ହାଇକୋର୍ଟ ୨୦୧୦ରେ ୨.୭୭ ଏକର ଜମିକୁ ସମାନ ୩ ଭାଗରେ ବାଣ୍ଟିଦେଇଥିଲେ
- ■ ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ଦାଏର ୧୪ ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଛି
- ■ ସରକାର କହିଲେ, ଆମେ ବିବାଦୀୟ ଜମିକୁ ଛୁଉଁନାହୁଁ



କଟକ ଜିଲା ସାଲେପୁର ନିକଟସ୍ଥ କୁଳିଆ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ଭାଜପାର ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କ ସମ୍ମିଳନୀରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା।

# ୧୨୦ ନୁହେଁ ୨୧

- ■ କର୍ମୀଙ୍କ କାନରେ ବିଜୟ ମନ୍ତ୍ର ଫୁଙ୍କିଲେ ଶାହ
- ■ ବିଜେଡି ଓ କଂଗ୍ରେସ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ
- ■ ରାଜ୍ୟରେ ପିପିପି ମୋଡ୍‌ରେ ସରକାର ଚାଲିଛି: ଧର୍ମେନ୍ଦ୍ର

କଟକ ଅଫିସ, ୨୯।୧

ମିଶନ ୧୨୦ ନୁହେଁ ୨୧ ଦରକାର। ୨୦୧୭ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ରାଜ୍ୟ ନେତୃବୃନ୍ଦଙ୍କ ଆଗରେ ମିଶନ ୧୨୦ର ଟାର୍ଗେଟ ଦେଇଥିଲେ। ଅର୍ଥାତ୍ ଓଡ଼ିଶାର ମୋଟ ୧୪୭ ବିଧାନସଭା ଆସନ ମଧ୍ୟରୁ ଭାଜପା ୧୨୦ ଆସନରେ ବିଜୟୀ ହେବ ବୋଲି ସେ ଦମ୍ଭ ବାନ୍ଧିଥିଲେ। ୨୦୧୭ ପରଠାରୁ ଶାହ ଯେତେଥର ଓଡ଼ିଶା ଆସିଛନ୍ତି ମିଶନ ୧୨୦ ଟାର୍ଗେଟକୁ ଦୋହରାଇଛନ୍ତି। ଏପରିକି ରାଜ୍ୟ ଭାଜପା ପାଇଁ ‘ମିଶନ ୧୨୦’ ମୁଖ୍ୟ ସ୍ଲୋଗାନ ପାଲଟିଛି। ହେଲେ ଶାହ ୧୨୦ ଟାର୍ଗେଟକୁ ନିଜେ ଭୁଲି ଯାଇଛନ୍ତି। ଏବେ ୧୨୦ ବଦଳରେ ୨୧ ଆସନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଅର୍ଥାତ୍ ରାଜ୍ୟର ମୋଟ ୨୧ ଲୋକ ସଭା ଆସନ ମଧ୍ୟରୁ ଅଧିକରୁ ଅଧିକ ଆସନ ମୋଦିଙ୍କୁ ଦେବାକୁ ଶାହ ମଙ୍ଗଳବାର ସାଲେପୁରଠାରେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଦୁଇବର୍ଷ ତଳେ ନିଜେ ଧାର୍ଯ୍ୟ କରିଥିବା ଟାର୍ଗେଟକୁ ଶାହ ପାସୋରିଗଲେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ଭାଜପା ପକ୍ଷରୁ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଲୋକ ସଭା ଆସନ ଅଧୀନ ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କ ସମ୍ମିଳନୀ ସାଲେପୁର ନିକଟସ୍ଥ କୁଳିଆ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଶାହ ଯୋଗଦେଇ ୨୦୧୯ରେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ ଓଡ଼ିଶାବାସୀଙ୍କ ସହାୟତା ଲୋଡ଼ିଥିଲେ। ଏହାସହ ଓଡ଼ିଆ କହୁଥିବା ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମନେପକାଇଥିଲେ। ମଧୁବାବୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ପାଇଁ ଲଢ଼େଇ କରୁଥିଲେ। ଭାଜପା ନୂଆ ଓଡ଼ିଶା ଗଢ଼ିବାର ସଂକଳ୍ପ ନେଇ ଲଢ଼େଇ କରୁଛି। ତେଣୁ ଓଡ଼ିଆ ଭାଷା ସଂସ୍କୃତିକୁ ଶିଖରରେ ପହଞ୍ଚାଇବା ପାଇଁ ଭାଜପା ସରକାରକୁ ଆସିଲେ ଉଦ୍ୟମ କରିବ ବୋଲି ଶାହ କହିଥିଲେ। ସେ ଓଡ଼ିଶାକୁ କେନ୍ଦ୍ରରୁ ଆସିଥିବା ଅନୁଦାନର ହିସାବ ମଧ୍ୟ ଦେଇଥିଲେ। ଓଡ଼ିଶାରେ ଆୟୁଷ୍ମାନ୍ ଭାରତ କାର୍ଯ୍ୟକାରୀ ନ ହେବା ପଛରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରିଥିଲେ। ଏହାଦ୍ୱାରା ଓଡ଼ିଶାର ବହୁସଂଖ୍ୟକ ଗରିବ ଏକ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି କହିଥିଲେ। ସେହିପରି ଓଡ଼ିଶା ଖଣିଜ ସମ୍ପଦରେ ଭରା, ହେଲେ ଓଡ଼ିଆ ଗରିବ। ଓଡ଼ିଶାରେ ଯୁବକ ଅଛନ୍ତି, ହେଲେ ସେମାନଙ୍କର ବିକାଶ ହେଉନି। କାରଣ ଏଠାକାର ସରକାର ବିକାଶ କରିଜାଣିନାହାନ୍ତି। ଭାଜପା ଓଡ଼ିଶାରେ କ୍ଷମତାକୁ ଆସିଲେ ରାଜ୍ୟକୁ ଏକ ନମ୍ବର କରାଯିବ ବୋଲି ଶାହ କହିଥିଲେ। ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଶାହ କହିଥିଲେ ଯେ, ଏଠାକାର ସରକାର ଜଗନ୍ନାଥଙ୍କ ରତ୍ନଭଣ୍ଡାରକୁ ସୁରକ୍ଷା ଦେଇପାରିନି। ଅର୍ଥାତ୍ ଏହା ମା’ ଲକ୍ଷ୍ମୀଙ୍କ ପ୍ରତି ଅପମାନ। ନବୀନ ବାବୁ ୧୯ ବର୍ଷ ହେବ ଓଡ଼ିଶାକୁ ଶାସନ କରୁଛନ୍ତି। ୨୦୧୯ରେ ନିର୍ବାଚନ ହେବ। ତେଣୁ ଏହି ସରକାରକୁ ଶେଷ କରିଦେବାକୁ ସେ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କଂଗ୍ରେସକୁ ସମାଲୋଚନା କରି ଶାହ କହିଥିଲେ, କଂଗ୍ରେସ ନେତୃତ୍ୱରେ ଏବେ ସମସ୍ତ ବିରୋଧୀ ଏକଜୁଟ ହେଉଛନ୍ତି। ହେଲେ ସେମାନଙ୍କ ନେତା ଓ ନୀତି ଅସ୍ପଷ୍ଟ। କଂଗ୍ରେସ ସରକାର ସମୟରେ ତ୍ରୟୋଦଶ ☞ପୃଷ୍ଠା-୧୨

## ଜର୍ଜ ଫର୍ନାଣ୍ଡିଜ୍‌ଙ୍କ ପରଲୋକ



ନୂଆଦିଲ୍ଲୀ,୨୯।୧(ପି.ଟି.)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଆଜୀବନ ସମାଜବାଦୀ ନେତା ଜର୍ଜ ଫର୍ନାଣ୍ଡିଜ୍ ଆଉ ନାହାନ୍ତି। ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ମଙ୍ଗଳବାର ସକାଳେ ତାଙ୍କର ପରଲୋକ ହୋଇଛି। ଫର୍ନାଣ୍ଡିଜ୍‌ଙ୍କୁ ୮୮ ବର୍ଷ ହୋଇଥିଲା। ଫର୍ନାଣ୍ଡିଜ୍ ଅଲ୍‌ଜାଇମର ରୋଗରେ ପୀଡ଼ିତ ହେବା ପରେ ଅନେକ ବର୍ଷ ଧରି ଜନସାଧାରଣଙ୍କ ନଜର ଆଢୁଆଳରେ ରହିଯାଇଥିଲେ। ନିକଟରେ ସେ ସ୍ୱାଇନ୍ ଫ୍ଲୁ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଫର୍ନାଣ୍ଡିଜ୍‌ଙ୍କ ଘନିଷ୍ଠ ସହଯୋଗୀ ଜୟା ଜେଟ୍‌ଲୀ ସୂଚନା ଦେଇଛନ୍ତି। ଫର୍ନାଣ୍ଡିଜ୍ ଗୁରୁତର ଥିବା ନେଇ ମଙ୍ଗଳବାର ଘରୋଇ ହସ୍ପିଟାଲ ମ୍ୟାକ୍ସ ହେଲ୍‌ଥକେୟାରକୁ ଫୋନ୍ ଯାଇଥିଲା। ସେଠାରୁ ଆସିଥିବା ଆମ୍ବୁଲାନ୍ସ ତାଙ୍କୁ ନେଇ ହସ୍ପିଟାଲକୁ ଯାଇଥିଲା। ହସ୍ପିଟାଲରେ ☞ପୃଷ୍ଠା-୨

# ଅତନୁ, ଅରୁଣଙ୍କୁ ସିବିଆଇ ନୋଟିସ

ଭୁବନେଶ୍ୱର,୨୯।୧ (ବ୍ୟୁରୋ)

ସି-ଶୋର୍ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଛନ୍ଦି ହୋଇପଡ଼ିଛନ୍ତି ବିଜେଡିର ଦୁଇ ନେତା। ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ ଓ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ସିବିଆଇ ନୋଟିସ ଜାରି କରିଛି। ଜାନୁୟାରୀ ୨୮ ସୋମବାର ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟରେ ହାଜର ପାଇଁ ଅରୁଣଙ୍କୁ ନୋଟିସ ହୋଇଥିଲା। ହେଲେ ସେ ହାଜର ହୋଇ ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ୩୦ ତାରିଖ ବୁଧବାର ଅତନୁ ସିବିଆଇ କାର୍ଯ୍ୟାଳୟରେ ହାଜର ହେବାକୁ ନୋଟିସ ହୋଇଛି। ଏହି ନୋଟିସ ସଂକ୍ରାନ୍ତରେ ଖବର ସରବରାହ ସଂସ୍ଥା ‘ଏଏନ୍‌ଆଇ’ ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି। ଆଗକୁ ସାଧାରଣ ନିର୍ବାଚନ ରହିଥିବାବେଳେ ମଙ୍ଗଳବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡ଼ିଶା ଗସ୍ତରେ ଆସିଥିଲେ। ☞ପୃଷ୍ଠା-୨

### ଚିଟ୍‌ଫଣ୍ଡ ଠକେଇ ଲିଙ୍କ୍



ଅତନୁ ସବ୍ୟସାଚୀ ନାୟକ | ଅରୁଣ ସାହୁ

# ଗୋଲକ, ଭୃଗୁଙ୍କୁ ପୋଲିସର ନୋଟିସ

ଛତ୍ରପୁର,୨୯।୧(ଡି.ଏନ.ଏ)

ଗଞ୍ଜାମ ଜିଲା ଛତ୍ରପୁର ଏନ୍‌ଏସି ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଓ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ରଙ୍କୁ ପୋଲିସ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଆସନ୍ତା ୭ ତାରିଖରେ ଗୋଲକ ଓ ୯ ତାରିଖରେ ଭୃଗୁ ଛତ୍ରପୁର ଥାନାରେ ହାଜର ହେବାକୁ ନୋଟିସ୍‌ରେ କୁହାଯାଇଛି। ୨୦୧୭ ସେପ୍ଟେମ୍ବର ୧୬ ତାରିଖରେ ବିଜେଡି କାଉନସିଲର ଲକ୍ଷ୍ମୀକାନ୍ତଙ୍କୁ ତାଙ୍କ ଘର ଆଗରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ଏହି ମାମଲାରେ ଭାଜପା ନେତା କୃଷ୍ଣ ଚନ୍ଦ୍ର ନାୟକ ଓ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ ☞ପୃଷ୍ଠା-୨

### କାଉନସିଲର ହତ୍ୟା ମାମଲା



ଗୋଲକ ମହାପାତ୍ର | ଭୃଗୁ ବକ୍ସିପାତ୍ର

### ଆଜିର ସମ୍ପାଦକୀୟ

**ଜନବାଉଳାକାରୀ ଯୋଜନା**

### ଆଜିର ମନ୍ତବ୍ୟ

“ ପିଲାମାନେ ଆମ ଅପୂରଣ ସ୍ୱପ୍ନ ସାକାର କରିବେ ବୋଲି ମା’ବାପା ଆଶା କରିବା ଅନୁଚିତ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**


SUDHAKAR
uPVC WINDOWS AND DOORS
EUROPEAN TECHNOLOGY PROFILE SYSTEMS
WE ARE LOOKING FOR uPVC WINDOWS & DOORS FABRICATORS
CONTACT US
96664 46664
sales.windows@sudhakarind.com



NECC NATIONAL EGG CO-ORDINATION COMMITTEE | 29.01.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 86 | 140 | 150 |
| DKL | 86 | 140 | 150 |
| BDK | 88 | 142 | 152 |
| BLS | 89 | 144 | 154 |
| ANG | 86 | 140 | 150 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


# ୩ ଥର ନୀତି ବିଳମ୍ବ କଲେ ବିଦା

### କଠୋର ହେଲା ଶ୍ରୀମନ୍ଦିର ପ୍ରଶାସନ



- ■ ଇଚ୍ଛାକୃତ ଭାବେ ଥରେ ବିଳମ୍ବ କଲେ ବହିଷ୍କୃତ ହେବେ
- ■ ଡିସେମ୍ବର ୨୮ ବିଶୃଙ୍ଖଳାକାରୀଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ■ ନୀତି ତ୍ୱରାନ୍ୱିତ ପାଇଁ ଧୂପ ସହିତ ଉଠିବ ଭୋଗମଣ୍ଡପ
- ■ ନିୟମିତ ହେବ ଶ୍ରୀମନ୍ଦିର ସ୍ମାରକୀ ମୁଦ୍ରା

ପୁରୀ ଅଫିସ,୨୯।୧

କୌଣସି ପରିସ୍ଥିତିରେ ମହାପ୍ରଭୁଙ୍କ ସେବାପୂଜାରେ ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ। ପୂର୍ବରୁ ପାଳିଆ ପୁରସ୍କାର ଉପରେ ଏହି ସଂସ୍କାର ଛାଟ ଲଗାଇଥିବା ଶ୍ରୀମନ୍ଦିର ପ୍ରଶାସନ ଏବେ ଆହୁରି କଠୋର ହୋଇଛି। ଯେଉଁ ପାଳିଆ ସେବକ ତିନିଥର ନୀତିରେ ବିଳମ୍ବ କରିବେ ତାଙ୍କୁ ସେବାରୁ ବହିଷ୍କାର କରାଯିବ। ଏପରି କି ଜାଣିଶୁଣି ଯଦି କେହି ଥରେ ବି ବିଳମ୍ବ କରୁଥିବା ଜଣାପଡିବ ତେବେ ଶାଢିବନ୍ଧା ରଦ୍ଦ ସହିତ ତାଙ୍କୁ ମଧ୍ୟ ସେବାରୁ ବିଦା କରାଯିବ। ଏଥିପାଇଁ ପରିଚାଳନା କମିଟି ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦେଇଛି। ଶ୍ରୀମନ୍ଦିର ପ୍ରଶାସନର ଏହି କଠୋର କାର୍ଯ୍ୟାନୁଷ୍ଠାନ ଉପରେ ମୋହର ଲଗାଇଛି କମିଟି।

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପରିଚାଳନା କମିଟି ବୈଠକ ବସିଥିଲା। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ଏହି ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଗଣମାଧ୍ୟମକୁ କହିଥିଲେ, ବର୍ତ୍ତମାନ ନୀତି ପ୍ରାୟ ଶୃଙ୍ଖଳିତ ଭାବେ ଚାଲିଛି। ଏହି ପ୍ରକ୍ରିୟା ଯେମିତି ଜାରି ରହିବ ତାହା ଉପରେ ସମସ୍ତେ ଧ୍ୟାନ ଦେବା ଦରକାର। କିନ୍ତୁ ଯେଉଁ ଜରିମାନା ନିଷ୍ପତ୍ତି ନିଆଯାଇଛି ତାହା ବଳବତ୍ତର ରହିବ। ଅର୍ଥାତ୍ ସେବାରେ ୧୫ ମିନିଟ୍ ବିଳମ୍ବ ☞ପୃଷ୍ଠା-୧୪

# ୬ ଜିଲାର ୧୮ ଲକ୍ଷଙ୍କୁ ମିଳିବ ବିଶୁଦ୍ଧ ପାନୀୟ ଜଳ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବୃହତ୍ ଯୋଜନା କରିଛନ୍ତି। ୬ ଜିଲାର ୧୬ ବ୍ଲକରେ ବାସ କରୁଥିବା ପ୍ରାୟ ୧୮ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୩୧୮୦.୮୮ କୋଟି ଟଙ୍କା ବ୍ୟୟ କରାଯିବ। ଏଥିଲାଗି ହୋଇଥିବା ଟେଣ୍ଡର ପ୍ରକ୍ରିୟାକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୬ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଭଦ୍ରକ ଜିଲାର ବାସୁଦେବପୁର, ତିହିଡି, ଚାନ୍ଦବାଲି ଓ ଧାମରା ଆଦି ୪ ବ୍ଲକ ଅଧୀନରେ ଥିବା ୫୨୬ ଗ୍ରାମକୁ ପାନୀୟଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ୭୫୪ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ମୟୂରଭଞ୍ଜ ଜିଲାର ଖଣି ଦ୍ୱାରା ପ୍ରଭାବିତ ରାଇରଙ୍ଗପୁର ଏବଂ ଯଶିପୁର ବ୍ଲକ ଅନ୍ତର୍ଗତ ୩୩୦ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୪୩୦ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। କେନ୍ଦୁଝର ଜିଲାର ଖଣି ଦ୍ୱାରା ପ୍ରଭାବିତ ୪ ବ୍ଲକର ୫୮୯ ଗ୍ରାମକୁ ଓଡିଶା ମିନେରାଲ ବିୟରିଙ୍ଗ୍ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ଏବଂ ଜିଲା ଖଣିଜ ଫାଣ୍ଡି (ଡିଏମ୍‌ଏଫ) ସହାୟତାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ଡକାଯାଇଥିବା ୯୭୯ କୋଟି ୮୨ ଲକ୍ଷ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ☞ପୃଷ୍ଠା-୧୪

### କ୍ୟାବିନେଟ ନିଷ୍ପତ୍ତି

- ■ ବ୍ୟୟ ହେବ ୩୧୮୦ କୋଟି ଟଙ୍କା
- ■ କାଳିଆ ଯୋଜନାରେ ୫ ଲକ୍ଷ ଭୂମିହୀନଙ୍କୁ ଚଳିତ ବର୍ଷ ମିଳିବ ସହାୟତା






ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ ଲୋରାଲାଇସ୍ଥିତ ଡେପୁଟି ଇନ୍ସପେକ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ ଉପରେ ମଙ୍ଗଳବାର ଆତଙ୍କବାଦୀ ଆକ୍ରମଣ ହୋଇଛି। କାର୍ଯ୍ୟାଳୟ ପରିସରରେ ପୋଲିସ କ୍ଲର୍କ ନିଯୁକ୍ତି ପରୀକ୍ଷା ଚାଲିଥିବାବେଳେ ଆତଙ୍କବାଦୀମାନେ ଗୁଳିବର୍ଷଣ କରିଥିଲେ। ଏଥିରେ ୮ ପୋଲିସ ଯବାନଙ୍କ ସମେତ ୧୦ ଜଣ ଆହତ ହୋଇଥିବା ଆଇଜିପି ମୋହସିନ ହାସନ କହିଛନ୍ତି।



## ସଂକ୍ଷେପରେ

ସାହିତ୍ୟ ଏକାଡେମୀ ପୁରସ୍କାର

### ପୁରସ୍କାର ଗ୍ରହଣ ଉତ୍ସବରେ ଯୋଗ ଦେଇପାରିଲେନି ଦାଶରଥି

**ନୂଆଦିଲ୍ଲୀ,୨୯।୧:** ଖ୍ୟାତନାମା ଓଡ଼ିଆ ସମାଲୋଚକ ପ୍ରଫେସର ଦାଶରଥି ଦାସଙ୍କୁ ଓଡ଼ିଶାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର-୨୦୧୮ରେ ସମ୍ମାନିତ କରାଯିବ। ମଙ୍ଗଳବାର ନୂଆଦିଲ୍ଲୀଠାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସେ ଅସୁସ୍ଥତା କାରଣରୁ ଉପସ୍ଥିତ ହୋଇପାରି ନ ଥିଲେ। ତେଣୁ ଓଡ଼ିଶାରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସାହିତ୍ୟ ଏକାଡେମୀ ସମ୍ପାଦକ କେ. ଶ୍ରୀନିବାସ ଜଣାଇଛନ୍ତି। ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ତାଙ୍କୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏପରି କି ଆବଶ୍ୟକ ପଡ଼ିଲେ ତାଙ୍କୁ ତାଙ୍କ ଘରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' ପୁସ୍ତକ ପାଇଁ ପ୍ରଫେସର ଦାସଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଛି।

### କୁଡୁମୀ ଉନ୍ନୟନ ପରିଷଦ ଗଠନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କୁଡୁମୀ ଉନ୍ନୟନ ପରିଷଦ ଗଠନ କରିଛନ୍ତି। କୁଡୁମୀମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଏହି ପରିଷଦ କାର୍ଯ୍ୟ କରିବ। ଏଥିସହିତ ସେମାନଙ୍କ ସଂସ୍କୃତି ଏବଂ ଦୀର୍ଘଦିନରୁ ଚଳିଆସୁଥିବା ପରମ୍ପରାକୁ ବଞ୍ଚାଇ ରଖିବାରେ ସହାୟକ ହେବ। ପରିଷଦ ଗଠନ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର ଏବଂ ଏହାର ଆଖପାଖ ଜିଲାରେ କୁଡୁମୀ ଅଧିବାସୀ ଦେଖିବାକୁ ମିଳିଥାନ୍ତି।

### ଓଡ଼ିଶା ସହ ବାଣିଜ୍ୟ ସମ୍ପର୍କ ବଢ଼ାଇବାକୁ ଭିଏତ୍‌ନାମ ଆଗ୍ରହୀ



**ଭୁବନେଶ୍ୱର,୨୯।୧:** ରାଜ୍ୟର ଅଣୁ,କ୍ଷୁଦ୍ର,ମଧମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ସହ ବାଣିଜ୍ୟ ସମ୍ପର୍କ ବଢାଇବାକୁ ଭିଏତ୍‌ନାମ ଆଗ୍ରହ ପ୍ରକାଶ କରିଛି। ଖାଦ୍ୟ ପ୍ରକ୍ରିୟାକରଣ, ଯାତ୍ରା-ପର୍ଯ୍ୟଟନ, ଔଷଧ, ସ୍ୱାସ୍ଥ୍ୟସେବା, ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ଭିଏତନାମ ସହ ଓଡ଼ିଶା ବାଣିଜ୍ୟ କାରବାର କରିବାକୁ ମଙ୍ଗଳବାର ଏହାର ରାଷ୍ଟ୍ରଦୂତ ମି.ଫାନ ସାନ୍ ଚାଉ ରାଜ୍ୟର ଶିଳ୍ପଗୁଡ଼ିକୁ ଆମନ୍ତ୍ରଣ କରିଛନ୍ତି। ଏହି ଧାରାକୁ ଆଗକୁ ବଢାଇବା ଲାଗି ସେ ଓଡ଼ିଶା ଇଣ୍ଟରନ୍ୟାଶନାଲ ଏମ୍‌ଏସ୍‌ଏମ୍‌ଇ ଟ୍ରେଡ ଫେୟାରରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ରାଜ୍ୟର ବିଭିନ୍ନ ଶିଳ୍ପ ସଂଘଗୁଡ଼ିକ ସହ ଆଲୋଚନା କରିଛନ୍ତି। 'ଏମ୍‌ଏସ୍‌ଏମ୍‌ଇ ଓ ରପ୍ତାନିକାରୀଙ୍କୁ ଋଣ ଏବଂ ବିପଣନ ସଂଯୋଗ' ସଂକ୍ରାନ୍ତ ଆଲୋଚନାଚକ୍ରରେ ଯୋଗଦେଇ ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି, ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟିକୁ ଧ୍ୟାନରେ ରଖି ରାଜ୍ୟ ସରକାର ବିଭିନ୍ନ ଅନୁକୂଳ ନୀତି ପ୍ରଣୟନ କରୁଛନ୍ତି। କଣ୍ଟାକ୍ଟଲେସ ପ୍ଲାଟଫର୍ମ, ୫୯ ମିନିଟରେ ଋଣ, ସିଜିଟି ଏମ୍‌ଏସ୍‌ଏମ୍‌ଇ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ମୁଦ୍ରା ଏବଂ ଜେମ୍ ଆଦି ଯୋଜନା ଉପରେ ଏଥିରେ ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା ଗୁରୁତ୍ୱାରୋପ କରିଥିଲେ। ଏମଏସ୍‌ଏମ୍‌ଇଙ୍କୁ ଋଣ ଯୋଗାଣ ନେଇ ଆର୍‌ବିଆଇ ନିୟମାବଳୀ ଉପରେ ରିଜର୍ଭ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ନିର୍ଦ୍ଦେଶକ ଏମ୍.କେ. ମଲ୍ଲ କାର୍ଯ୍ୟକ୍ରମରେ ଆଲୋକପାତ କରିଥିଲେ। ଏହି ଅବସରରେ ଏନ୍‌ଏସ୍‌ଆଇସି ଏମ୍‌ଡି ସୁଧୀର ଗର୍ଗ, ଟାଟା ଷ୍ଟିଲ ସ୍ୱତନ୍ତ୍ର ଅର୍ଥନୈତିକ ଜୋନର ପରିଚାଳନା ନିର୍ଦ୍ଦେଶକ ଆଶିଷ ମାଥୁର, ଓଏସ୍‌ଏସ୍‌ଆଇଏ ଅଧ୍ୟକ୍ଷ ହିମାଂଶୁ ଶେଖର ମିଶ୍ର, ଶିଳ୍ପ ନିର୍ଦ୍ଦେଶକ ପ୍ରଣବ ଜ୍ୟୋତି ନାଥ ଏବଂ ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶକ ଏସ୍.କେ.ଜେନା ପ୍ରମୁଖ ଉପସ୍ଥିତ ଥିଲେ।




### ଡେପୁଟେଶନରେ ଯିବେ ଚନ୍ଦ୍ରଶେଖର

କ୍ରିଷନ୍ କୁମାରଙ୍କୁ ପଣ୍ୟାଗାର ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ବରିଷ୍ଠ ଆଇଏଏସ୍ ଅଧିକାରୀ ଡକ୍ଟର ଚନ୍ଦ୍ରଶେଖର କୁମାର ୫ ବର୍ଷ ପାଇଁ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ଚନ୍ଦ୍ରଶେଖର ନୂଆଦିଲ୍ଲୀରେ କେନ୍ଦ୍ରୀୟ ସଚିବାଳୟରେ ଡିପାର୍ଟମେଣ୍ଟ ଅଫ୍ ପର୍ସୋନେଲ ଏଣ୍ଡ ଟ୍ରେନିଂରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ। ଓଡ଼ିଶାରେ ସେ କିଛିମାସ ଧରି ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଥିଲେ। ସେହିପରି ସମବାୟ ସଚିବ ଭାବେ କାର୍ଯ୍ୟରତ କ୍ରିଷନ୍ କୁମାରଙ୍କୁ ରାଜ୍ୟ ପଣ୍ୟାଗାର ନିଗମର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ କ୍ରିଷନ୍ କୁମାର ବିଡିଏ ଉପାଧ୍ୟକ୍ଷ ଏବଂ ବିଏମ୍‌ସିର ପ୍ରଶାସକ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି।




# ଝୁଲି ରହିଲା ମହାପ୍ରସାଦ ଦର

**ପୁରୀ ଅଫିସ,୨୯।୧**

**ଆଲୋଚନା ହେଲା, ସହମତି ମିଳିଲାନି**

- ଧାର୍ଯ୍ୟ ଦର ତାଲିକାକୁ ପୁଣି ତର୍ଜମା କରିବ ସୁଆର ମହାସୁଆର ନିଯୋଗ
- ମନ୍ଦିର ପ୍ରଶାସନକୁ ଜଣାଇବା ପରେ ହେବ ଚୂଡ଼ାନ୍ତ
- ଶେଡ୍ ନିର୍ମାଣ ଶୈଳୀରେ ପରିବର୍ତ୍ତନ ଦାବି କଲେ ସୁଆର ସେବକ



ନିର୍ଦ୍ଧାରଣ ହୋଇପାରୁନି ମହାପ୍ରସାଦ ଦର। ଏଥିପାଇଁ ଏକାଧିକଥର ବୈଠକ ବସୁଛି, ହେଲେ ସହମତି ପ୍ରକାଶ ପାଉନି। ଫଳରେ ଆନନ୍ଦ ବଜାରରେ ଲଗାଯିବାକୁ ଥିବା ମହାପ୍ରସାଦ ଦର ତାଲିକା ବିଳମ୍ବ ହେବାରେ ଲାଗିଛି। ମଙ୍ଗଳବାର ପୂର୍ବାହ୍ଣରେ ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ସୁଆର ସେବକ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ। ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଦରକୁ ନେଇ ସୁଆର ସେବକ ସହମତି ହୋଇପାରୁ ନାହାନ୍ତି। ତେଣୁ ସୁଆର ମହାସୁଆର ନିଯୋଗ ବୈଠକରେ ଧାର୍ଯ୍ୟ ଦରକୁ ନେଇ ପୁଣିଥରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ। ଏହି ଦର ଠିକ୍ ଅଛି କିମ୍ବା ଏଥିରେ କିଛି ପରିବର୍ତ୍ତନ ଦରକାର ସେ ନେଇ ନିଯୋଗ ଖୁବଶୀଘ୍ର ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇବ। ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା ପରେ ମହାପ୍ରସାଦ ଦର ଚୂଡ଼ାନ୍ତ ହେବ ବୋଲି ଜଣାପଡିଛି।

ଅନ୍ୟପକ୍ଷରେ ଏହି ବୈଠକରେ ଆନନ୍ଦ ବଜାରରେ ଶୃଙ୍ଖଳା ରକ୍ଷା କରିବା ଲାଗି ମଧ ଆଲୋଚନା କରାଯାଇଥିଲା। ମହାପ୍ରସାଦ ବିକ୍ରୟ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରାଥମିକ ପର୍ଯ୍ୟାୟରେ ୪୫ଟି ଶେଡ୍ ତିଆରି କରୁଛି। କିନ୍ତୁ ଏହି ଶେଡ୍ ଠିକ୍ ଭାବେ ହେଉ ନାହିଁ ଏବଂ ମହାପ୍ରସାଦ ବିକ୍ରି କରିବା ସମୟରେ ସେମାନେ ଅସୁବିଧାରେ ପଡିବେ ବୋଲି ସୁଆର ସେବକମାନେ ଅଭିଯୋଗ କରିଥିଲେ। ତେଣୁ ଏହାର ନିର୍ମାଣ ଶୈଳୀରେ କିଛିଟା ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ପ୍ରଶାସକ ଏଥିରେ ସହମତି ପ୍ରକାଶ କରିଥିଲେ। ସେବକଙ୍କ ସହ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଏବଂ ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇ ଏହାର ଅନୁଧ୍ୟାନ କରିଛନ୍ତି।

ମହାପ୍ରସାଦ ଦର ନିର୍ଦ୍ଧାରଣ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଯେଉଁ ଦର ତାଲିକା ହୋଇଛି ତାହା ସୁଆର ମହାସୁଆର ନିଯୋଗକୁ ପ୍ରଦାନ କରାଯାଇଛି। ଅଳ୍ପଦିନ ମଧ୍ୟରେ ସେମାନେ ତାଙ୍କ ମତାମତ ଜଣାଇବେ। ଏହାପରେ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯିବ। ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ସାମନ୍ତରା କହିଛନ୍ତି, ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ଅଧିକ ସମୟ ଲାଗିବ। କିନ୍ତୁ ଯାହା ହେବ ଆଲୋଚନା ମାଧ୍ୟମରେ ହେବ। ବିଭିନ୍ନ ସମୟରେ ବଜାର ଦର ବୃଦ୍ଧି ପାଉଛି। ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛୁ। ଏହା ଉପରେ ତର୍ଜମା କରାଯାଇ ନିଷ୍ପତ୍ତି ନିଆଯିବ। ଏଥିପାଇଁ ଦର ନିର୍ଦ୍ଧାରଣରେ ବିଳମ୍ବ ହେଉଛି ବୋଲି କହିଥିଲେ।

ସୂଚନାଥାଉ କି, ଦର ନିର୍ଦ୍ଧାରଣ ଲାଗି ଗତ ଡିସେମ୍ବର ୪ରେ ସ୍ୱତନ୍ତ୍ର ଭାବେ ବରାଦି ଭୋଗରେ ରୋଷେଇ ହୋଇଥିଲା ମହାପ୍ରସାଦ। ମନ୍ଦିର ପ୍ରଶାସନ ଆବଶ୍ୟକ ଡାଲି, ଚାଉଳ, ପରିବା, କୁଡୁଆ ପ୍ରଭୃତି ସାମଗ୍ରୀ ଯୋଗାଇ ଦେଇଥିଲା। ମନ୍ଦିର ପ୍ରଶାସନର ଅଧିକାରୀ ଓ ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ରୋଷେଇ ହୋଇଥିଲା। ଗତ ମାସ ୨୬ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଥିଲେ, ନୂଆବର୍ଷରେ ମହାପ୍ରସାଦ ଦର ତାଲିକା ଲଗାଯିବ। ହେଲେ ଇତିମଧ୍ୟରେ ଦର ନିର୍ଦ୍ଧାରଣ ହୋଇପାରି ନ ଥିବା ବେଳେ ତାଲିକା କେବେ ଲାଗିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଜରୁରୀ ପରିସ୍ଥିତି ବେଳେ ବ୍ରହ୍ମପୁରରେ ଥିଲେ ଫର୍ନାଣ୍ଡିଜ୍

**ବ୍ରହ୍ମପୁର ଅଫିସ,୨୯।୧**

ଦେଶରେ ୧୯୭୫ ଜୁନ ୨୫ ରାତିରେ ଜାରି ହେଲା ଜରୁରିକାଳୀନ ପରିସ୍ଥିତି। ସେହିଦିନ ସନ୍ଧ୍ୟାରେ ବ୍ରହ୍ମପୁରର ପ୍ରକାଶମ୍ ରଙ୍ଗମଞ୍ଚରେ ବୁଦ୍ଧିଜୀବୀଙ୍କର ଏକ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ସାମ୍ୟବାଦୀ ନେତା ଜର୍ଜ ଫର୍ନାଣ୍ଡିଜ୍। ଭାଷଣ ପ୍ରସଙ୍ଗରେ ସେ ଆଶଙ୍କା କରିଥିଲେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଇସ୍ତଫା ଦେବେ ନଚେତ ଶାସନ କ୍ଷମତା ହାତଛଡ଼ା ନ କରିବା ପାଇଁ ଦେଶରେ ଅଗଣତାନ୍ତ୍ରିକ ଭାବେ ଜାରି କରିବେ ଜରୁରିକାଳୀନ ପରିସ୍ଥିତି। ସରକାରଙ୍କୁ ଏହି ସୂଚନା ମିଳିଥିବାରୁ, ପୋଲିସ ଓ ପ୍ରଶାସନ ସଜାଗ ହୋଇଯାଇଥିଲା। ତେଣୁ ସଭାସ୍ଥଳରୁ ଫର୍ନାଣ୍ଡିଜ୍ ଚମ୍ପଟ ମାରିଥିଲେ। ତାଙ୍କୁ ସହଯୋଗ କରିଥିଲେ ପୂର୍ବତନ କବିସୂର୍ଯ୍ୟନଗର ଜନତା ପାର୍ଟି ବିଧାୟକ ସ୍ୱର୍ଗତ ତାରିଣୀ ଚରଣ ପଟ୍ଟନାୟକ ଓ ବିଶିଷ୍ଟ ପରିବେଶବିତ୍ ତଥା ଆଦିବାସୀ, ଅନୁସୂଚିତ ଜନଜାତିର ହକ୍ ପାଇଁ ଲଢ଼େଇ କରୁଥିବା ପ୍ରଫୁଲ୍ଲ ସାମନ୍ତରା ଓ ଅନ୍ୟମାନେ। ଫର୍ଣ୍ଣାଡିଜ୍ ଜୁନ ୨୪ରୁ ଗଞ୍ଜାମ ଜିଲାକୁ ଆସି ତାଙ୍କ ଶ୍ୱଶୁର ତଥା ଜବାହରଲାଲ ନେହେରୁଙ୍କ ମନ୍ତ୍ରିମଣ୍ଡରେ ଶିକ୍ଷାମନ୍ତ୍ରୀ ଥିବା ହୁମାୟୁନ କବୀରଙ୍କ ଗୋପାଳପୁର ବେଳାଭୂମି ପାର୍ଶ୍ୱରେ ଥିବା ବାସଭବନରେ ରହୁଥିଲେ। ଜୁନ ୨୫ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ସମାବେଶରେ ଯୋଗ ଦେଇଥିଲେ। ସାମ୍ୟବାଦୀ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ପରଦିନ ଜୁନ ୨୬ରେ ଏଠାର ରେଲୱେ ଶ୍ରମିକ ସଂଘ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା । ତେବେ ଜରୁରୀ ପରିସ୍ଥିତି ଜାରି ହେବାରୁ ସେ ଗୋପନରେ ବ୍ରହ୍ମପୁର ଛାଡ଼ିଥିଲେ।

ସୂଚନାଯୋଗ୍ୟ, ଫର୍ନାଣ୍ଡିଜ୍ ସର୍ବ ଭାରତୀୟ ବିଶ୍ୱବିଦ୍ୟାଳୟ କର୍ମଚାରୀ ଓ ରେଲୱେ କର୍ମଚାରୀ ମହାସଂଘର ଜାତୀୟ ସଭାପତି ଥିଲେ।

### ଆରପାରିରେ ସର୍ବୋଦୟ ନେତ୍ରୀ ବୈଦେହୀ ପଣ୍ଡା

**ଭୁବନେଶ୍ୱର, (ବ୍ୟୁରୋ)/ ଧାମନଗର, (ଡି.ଏନ୍.ଏ.) ୨୯।୧**



ବିଶିଷ୍ଟ ସର୍ବୋଦୟ ନେତ୍ରୀ ତଥା ସଂଗ୍ରାମୀ ବୈଦେହୀ ପଣ୍ଡାଙ୍କ ମଙ୍ଗଳବାର ସକାଳ ସାଢେ ୬ଟାରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ସେ ଗତ କିଛିଦିନ ହେବ ଅସୁସ୍ଥ ଥିଲେ।

ସକାଳ ପ୍ରାୟ ୯ ବେଳେ ଆମ୍ବୁଲାନ୍ସ ଯୋଗେ ତାଙ୍କ ପାର୍ଥିବ ଶରୀରକୁ କଟକ ଜଗତପୁରସ୍ଥିତ ପ୍ରଜ୍ଞାନାନନ୍ଦ ଆଶ୍ରମକୁ ନିଆଯାଇଥିଲା। ପ୍ରଜ୍ଞାନାନନ୍ଦ ଆଶ୍ରମର ପରମହଂସ ପ୍ରଜ୍ଞାନାନନ୍ଦ, ସାଧୁ, ସନ୍ନ୍ୟାସୀ ଓ ଶୋଭନୀୟ ଆନ୍ଦୋଳନର ଲୋକ ସମ୍ପର୍କ ସମ୍ପାଦିକା ଡ: ଅରୁନ୍ଧତୀ ଦେବୀ, ସମ୍ପର୍କୀୟ ବନ୍ଦନା ପଣ୍ଡା, ରବୀନ୍ଦ୍ର ପଣ୍ଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ବୈଦେହୀଙ୍କ ଶେଷ ଇଚ୍ଛା ଅନୁସାରେ ତାଙ୍କ ମରଶରୀରକୁ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ପ୍ରଦାନ କରାଯାଇଥିଲା। ଶରୀର, ଅଙ୍ଗଦାନ ସମିତି ଅଧ୍ୟକ୍ଷ ପ୍ରଭାସ ଆଚାର୍ଯ୍ୟ ବୈଦେହୀଙ୍କ ମରଶରୀରକୁ ଗ୍ରହଣ କରି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ।

୧୯୩୨ ମସିହାରେ ଭଦ୍ରକ ଜିଲା ଧାମନଗର ବ୍ଲକ୍ ଲୁଣିଆ କଟସାହି ଗାଁରେ ବୈଦେହୀଙ୍କ ଜନ୍ମ। ବାପା ପ୍ରାଣବନ୍ଧୁ ପଣ୍ଡା ଓ ମା' ହାରାମଣି ଦେବୀଙ୍କ ସ୍ନେହ ଆଦରରେ ସେ ବଢ଼ିଥିଲେ। ସେତେବେଳେ ବାଲ୍ୟ ବିବାହ ପ୍ରଥା ଅନୁସାରେ ତାଙ୍କୁ ବିବାହ କରିବାକୁ ପଡିଥିଲା। ମାତ୍ର ୯ ବର୍ଷ ବୟସରେ ଯେତେବେଳେ ସେ ୩ୟ ଶ୍ରେଣୀରେ ପଢୁଥିଲେ ତାଙ୍କୁ ବୈଧବ୍ୟର ଶିକାର ହେବାକୁ ପଡିଥିଲା। ବହୁ ଘାତ ପ୍ରତିଘାତ ଭିତରେ ତାଙ୍କ ବାକି ଜୀବନ କଟିଥିଲା। ବଡ ଭାଇ ସ୍ୱାଧୀନତା ସଂଗ୍ରାମୀ ମୁରଲୀଧର ପଣ୍ଡାଙ୍କ ସଂସ୍ପର୍ଶରେ ଆସି ରମା ଦେବୀ, ଗୋପବନ୍ଧୁ ଚୌଧୁରୀ, ଜୟପ୍ରକାଶ ନାରାୟଣ, ଜବାହରଲାଲ ନେହେରୁ, ଭୂଦାନ ଆନ୍ଦୋଳନର ପୁରୋଧା ବିନୋବା ଭାବେଙ୍କ ପରି ମନିଷୀମାନଙ୍କ ସହ ତାଙ୍କର ପରିଚିତ ହୋଇଥିଲା। ଶେଷରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ଏକଦା ସେ ଜଣେ ନର୍ସ ମଧ୍ୟ ଥିଲେ। ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳର ଏକ ଆରୋଗ୍ୟ କେନ୍ଦ୍ରରେ କାମ କରିଥିଲେ। ମଧ୍ୟପ୍ରଦେଶର ଚମ୍ବଲରେ ଦୀର୍ଘ ୧୮ ବର୍ଷ ରହି ସେଠାକାର ଡାକୁମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ମଧ ବୈଦେହୀଙ୍କ ଯଥେଷ୍ଟ ଉଦ୍ୟମ ରହିଥିଲା। ଶେଷ ସମୟରେ ସେ କେନ୍ଦ୍ରାପଡ଼ା କଦଳୀବଣସ୍ଥିତ ହରିହରାନନ୍ଦ ଗୁରୁକୁଳମ, କଟକ ଜଗତପୁର ପ୍ରଜ୍ଞାନାନନ୍ଦ ଆଶ୍ରମ ଓ ଶୋଭନୀୟ ଆନ୍ଦୋଳନର ଅନ୍ତେବାସୀଙ୍କ ସହ ସମୟ କାଟୁଥିଲେ। କିଛି ଦିନ ତଳେ ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କୁ ହରିହରାନନ୍ଦ ଗୁରୁକୁଳମ ଓ ପ୍ରଜ୍ଞାନାନନ୍ଦ ଆଶ୍ରମ ପକ୍ଷରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ସେହିପରି ଶୋଭନୀୟ ଆନ୍ଦୋଳନର ନିୟନ୍ତ୍ରିକା ରୁକ୍ମିଣୀ ଦେବୀ, ସମ୍ପାଦିକା ସତ୍ୟଭାମା ଦେବୀ, ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲୀ, କବି ଓ ରାଜନେତା ଶଙ୍କର୍ଷଣ ପରିଡା, ପୂର୍ବତନ ବିଧାୟକ ବିଷ୍ଣୁଚରଣ ସେଠୀ, ଅଶୋକ ପୁହାଣ, ବୈକୁଣ୍ଠନାଥ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ ଗଭୀର ଶୋକ ପ୍ରକାଶ କରିଛନ୍ତି।





ତୈଳ ବିପଣନ କମ୍ପାନୀଗୁଡ଼ିକ ଆସନ୍ତା ମାର୍ଚ୍ଚ ସୁଦ୍ଧା ଦେଶର ଆହୁରି ୩୮ ସହରରେ ଘରଦୁଆରେ(ହୋମ୍ ଡେଲିଭରି) ଡିଜେଲ ପହଞ୍ଚାଇବେ। ଏ ସମ୍ପର୍କରେ ଯୋଜନା ପ୍ରସ୍ତୁତ ହେଉଛି ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଇଣ୍ଡିଆନ ଅଏଲ କର୍ପୋରେଶନ(ଆଇଓସି), ଭାରତ ପେଟ୍ରୋଲିୟମ କର୍ପୋରେଶନ(ବିପିସିଏଲ) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ(ଏଚ୍‌ପିସିଏଲ) ଇତିମଧ୍ୟରେ ପୁଣେ, ଦିଲ୍ଲୀ, ଜୌନପୁର, ଚେନ୍ନାଇ, ବେଙ୍ଗାଲୁରୁ, ଆଲିଗଡ଼, ରେୱାରି, ଉଦୟପୁର ଏବଂ ନଭି ମୁମ୍ବାଇରେ ଡିଜେଲର ହୋମ୍ ଡେଲିଭରୀ ଦେବା ଆରମ୍ଭ କରିଛନ୍ତି।

**ସଂକ୍ଷେପରେ**

## ସ୍ଥପତି କୁଞ୍ଜବିହାରୀ ମହାପାତ୍ରଙ୍କ ପରଲୋକ



**କଟକ ଅଫିସ,୨୯।୧:** ଓଡ଼ିଶାର ସୁନାମଧନ୍ୟ ସ୍ଥପତି କୁଞ୍ଜବିହାରୀ ମହାପାତ୍ରଙ୍କର ମଙ୍ଗଳବାର ଭୋର ସମୟରେ କଟକ ବାଦାମବାଡ଼ିସ୍ଥିତ ତାଙ୍କ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ରାଜ୍ୟରେ ସ୍ଥପତି ପାଠ୍ୟକ୍ରମ କ୍ଷେତ୍ରରେ କୁଞ୍ଜବିହାରୀଙ୍କୁ ଭୀଷ୍ମ ପିତାମହ ବୋଲି ବିଚାର କରାଯାଏ। ଏବିଆଇଟି ପିଏମ୍‌ସିଏ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ନିର୍ଦ୍ଦେଶକ ସହ ନୂଆଦିଲ୍ଲୀସ୍ଥିତ କାଉନସିଲ ଅଫ ଆର୍କିଟେକ୍‌ଚର କେନ୍ଦ୍ରର ସଭାପତି ଭଳି ମର୍ଯ୍ୟାଦାଜନକ ପଦବୀରେ ସେ ଅଧିଷ୍ଠିତ ଥିଲେ। ଏପରି କି ଓଡ଼ିଶା ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ଆଜୀବନ ସଦସ୍ୟ ମଧ୍ୟ ଥିଲେ। ସାଧାରଣ ଜୀବନରେ ସେ ଜଣେ ଅମାୟିକ ବ୍ୟକ୍ତିଭାବେ ଲୋକଙ୍କ ନିକଟରେ ପରିଚିତ ଥିଲେ। ୧୯୪୦ ଜୁଲାଇ ୨୪ ତାରିଖରେ କେନ୍ଦ୍ରାପଡ଼ାର ଗୋପୀନାଥପୁର ଶାସନରେ ଜନ୍ମିତ କୁଞ୍ଜବିହାରୀ କଟକରେ ରହୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଝିଅ ପ୍ରିୟା ଓ ପାୟଲ, ଜ୍ୱାଇଁ ଇଂ. ସତ୍ୟଦର୍ଶୀ ମିଶ୍ରଙ୍କ ସମେତ ନାତୁଣୀ, ନାତି ଓ ପରିବାରବର୍ଗ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ଓଡ଼ିଶା ବେସରକାରୀ ଇଞ୍ଜିନିୟରିଂ କଲେଜ ଆସୋସିଏଶନ ସମ୍ପାଦକ ବିନୋଦ ଦାସ, ଆଇନଜୀବୀ ବୁଦ୍ଧଦେବ ରାଉତରାୟ, ବିଜନ ରାୟ, ଶିକ୍ଷାବିତ୍ ପ୍ରଭାତ ମିଶ୍ରଙ୍କ ସମେତ ଅନେକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜର ବରିଷ୍ଠ ସଦସ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

■ ଚିନ୍ତା ବଢ଼ାଇଲା ହାତୀମୃତ୍ୟୁ

# ହାତୀ କରିଡରରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ହେବ

**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**

ହାତୀ କରିଡ଼ର ଦେଇ ଯାଇଛି ବିଦ୍ୟୁତ୍ ତାର। କମ୍ ଉଚ୍ଚତା, ପୁରୁଣା ତାର ଓ ଖୋଲାରେ ରହିଥିବା ବିଦ୍ୟୁତ୍ କଣ୍ଡକ୍ଟର ହାତୀଙ୍କ ପାଇଁ ବିପଦ ସାଜିଛି। ଅନେକ ସମୟରେ ବିଦ୍ୟୁତ୍ ଆଘାତରେ ହାତୀମାନଙ୍କର ମୃତ୍ୟୁ ଘଟୁଥିବାରୁ ଏହା ସରକାରଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ନିକଟ ଅତୀତରେ ଘଟିଥିବା ଏକାଧିକ ହାତୀମୃତ୍ୟୁ ଘଟଣା ସରକାରଙ୍କୁ ଅଡୁଆରେ ପକାଇବା ପରେ ଚେତାପଶିଛି। ହାତୀ କରିଡ଼ର ଓ ହାତୀ ଚଳାଚଳ କରୁଥିବା ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ୧୯୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟଲାଗି ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି। ଶକ୍ତି ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ଏକ ରିପୋର୍ଟ ପଞ୍ଚଦଶ ଅର୍ଥ କମିଶନଙ୍କୁ ପ୍ରଦାନ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ରାଜ୍ୟର ବିଭିନ୍ନ ହାତୀ କରିଡ଼ର ଅଞ୍ଚଳରେ ପ୍ରାୟ ସମସ୍ତ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ସେବା ପ୍ରଦାନ କରି ଆସୁଛନ୍ତି। ତେଣୁ ହାତୀ ମୃତ୍ୟୁ ଏଡାଇବାକୁ ବିଦ୍ୟୁତ୍ କ୍ଷେତ୍ରର ଭିତ୍ତିଭୂମି ବିକାଶ ପାଇଁ ସେସୁ, ନେସ୍କୋ, ୱେସ୍କୋ ଓ ସାଉଥ୍‌କୋ ପକ୍ଷରୁ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ନିକଟରେ ପଞ୍ଚଦଶ ଅର୍ଥ କମିଶନ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଶକ୍ତିବିଭାଗ ଏ ସଂକ୍ରାନ୍ତରେ କେତେକ ପ୍ରସ୍ତାବ ରଖିବା ସହ କମିଶନଙ୍କୁ ଉକ୍ତ ରିପୋର୍ଟ ପ୍ରଦାନ କରିଥିଲା। ଉକ୍ତ ରିପୋର୍ଟରେ ମୋଟ ୧୯୦୫ କୋଟି ଟଙ୍କାର ବ୍ୟବବରାଦ ପ୍ରସ୍ତାବ ରହିଛି। ଏଥିରେ ହାତୀ କରିଡ଼ରରେ ଖୋଲାରେ ରହିଥିବା ବିଦ୍ୟୁତ୍ କଣ୍ଡକ୍ଟର ବଦଳରେ କଭର ଥିବା କଣ୍ଡକ୍ଟର ଲଗାଯିବ। କୌଣସି ସମୟରେ ବିଦ୍ୟୁତ୍‌ଜନିତ ଦୁର୍ଘଟଣା ଘଟିଲେ ଯେପରି ତୁରନ୍ତ ସରବରାହ ବିଚ୍ଛିନ୍ନ ହେବ ତାହାର ବ୍ୟବସ୍ଥା କରାଯିବ। ବର୍ତ୍ତମାନ ଥିବା ସମସ୍ତ ଲାଇନ୍‌କୁ ୩୩ କେ.ଭି.ରେ ପରିଣତ କରାଯିବା ସହିତ ତାରକୁ ସୁଉଚ୍ଚ ବିଦ୍ୟୁତ୍ ଖୁଣ୍ଟରେ ଟଣାଯିବ। କଳଙ୍କି ନ ଲାଗିବା ପାଇଁ ଇସ୍ପାତ ବିଦ୍ୟୁତ୍ ଖୁଣ୍ଟ ବ୍ୟବହାର କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଏସବୁ ପଦକ୍ଷେପ ପରେ ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ଚଳାଚଳ ସୁରକ୍ଷିତ ହୋଇପାରିବ ବୋଲି ହାତୀ କରିଡରରେ କାର୍ଯ୍ୟରତ ଯନ୍ତ୍ରୀମାନେ ମତପ୍ରକାଶ କରିଛନ୍ତି। ଏହି ପ୍ରସ୍ତବ ଉପରେ ପଞ୍ଚଦଶ ଅର୍ଥ କମିଶନ ସକାରାତ୍ମକ ଆଭିମୁଖ୍ୟ ପୋଷଣ କରିଥିବା ସେମାନେ କହିଛନ୍ତି।

ଅନ୍ୟପକ୍ଷରେ ପୂର୍ବରୁ ଉପକୂଳ ଓଡିଶାରେ ବାତ୍ୟା ସହନଶୀଳ ବିଦ୍ୟୁତ୍ ଭିତ୍ତିଭୂମି ପ୍ରତିଷ୍ଠା ଲାଗି ପଞ୍ଚଦଶ ଅର୍ଥ କମିଶନଙ୍କୁ ୭୭୩୬ କୋଟି ଟଙ୍କାର ଏକ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦୀର୍ଘ ୪୮୫ କିଲୋମିଟର ଓଡ଼ିଶା ଉପକୂଳରେ ବିଦ୍ୟୁତ୍ ଭିତ୍ତିଭୂମି ଦୃଢ଼ ହୋଇପାରିବ। ସମୁଦ୍ର କୂଳଠାରୁ ସ୍ଥଳଭାଗର ୫୦ କିମି ମଧ୍ୟରେ ରହିଥିବା ବିଦ୍ୟୁତ୍ କ୍ଷେତ୍ରର ବିକାଶ ହେବ। ଉଭୟ ବାତ୍ୟା ସହନଶୀଳ ଓ ହାତୀ କରିଡର ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ମୋଟ୍ ୯୬୪୧ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିବା ସୂଚନା ମିଳିଛି।

■ ପଞ୍ଚଦଶ ଅର୍ଥ କମିଶନଙ୍କୁ ରିପୋର୍ଟ ପ୍ରଦାନ

■ ୧୯୦୦ କୋଟିର ପ୍ରସ୍ତାବ ରଖିଲା ଶକ୍ତି ବିଭାଗ

■ ଉପକୂଳ ବିଦ୍ୟୁତ୍ କ୍ଷେତ୍ର ପାଇଁ ୭୭୩୬ କୋଟିର ପ୍ରସ୍ତାବ



# ବସ୍ ପୋଡ଼ିଲେ, ଡ୍ରାଇଭରଙ୍କୁ ନିସ୍ତୁକ ପିଟିଲେ

**ମାଥିଲି/ମାଲକାନଗିରି,୨୯।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ମାଓବାଦୀଙ୍କ ପ୍ରତିବାଦ ସପ୍ତାହ ଚାଲିଥିବା ବେଳେ ମାଲକାନଗିରି ଜିଲା ମାଥିଲି ଥାନା ଅଞ୍ଚଳରେ ହିଂସା ଘଟାଇଛନ୍ତି ମାଓବାଦୀ। କମାରପାଲି ପଞ୍ଚାୟତ ଅଧୀନ ମୁଣ୍ଡାଗୁଡ଼ାରେ ସୋମବାର ବିଳମ୍ବିତ ରାତିରେ ସେମାନେ ଏକ ବସ୍ ପୋଡ଼ିବା ସହ ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ସେହିପରି ସୀମାନ୍ତ ଛତିଶଗଡ଼ରେ ମଧ୍ୟ ରେଳଧାରଣାରେ ବିସ୍ଫୋରଣ କରିଛନ୍ତି।

ପ୍ରକାଶ ଯେ, ଜାନୟାରୀ ୨୫ ରୁ ୩୧ ଯାଏ ମାଓବାଦୀମାନେ ପ୍ରତିବାଦ ସପ୍ତାହ ପାଳନ କରୁଛନ୍ତି। ମାଥିଲିରୁ କମାରପାଲି ଯାଉଥିବା ଏକ ଘରୋଇ ବସ୍ (ସିଜି-୨୧ଏଚ୍-୦୯୧୭) ମୁଣ୍ଡାଗୁଡ଼ା ଗାଁ ଦାଣ୍ଡରେ ରହିଥିଲା। ସୋମବାର ବିଳମ୍ବିତ ରାତିରେ ମାଓବାଦୀମାନେ ବସ୍ ଭିତରେ ଶୋଇଥିବା ଡ୍ରାଇଭରଙ୍କୁ ଉଠାଇ ବାହାରକୁ ଆଣିବା ପରେ 'ବନ୍ଦ ଡାକରା ସତ୍ତ୍ୱେ କାହିଁକି ବସ୍ ଚଳାଉଛ' କହି ତାଙ୍କୁ ନିସ୍ତୁକ ପିଟିଥିଲେ। ଏହା ଦେଖି ଅନ୍ୟ ବସ କର୍ମଚାରୀ ସେଠାରୁ ଚମ୍ପଟ ମାରିଥିଲେ। ପରେ ମାଓବାଦୀମାନେ ଡିଜେଲ ପକାଇ ବସ୍‌ଟିକୁ ପୋଡ଼ି ଦେଇଥିଲେ। ବସ୍ ମାଲିକ ଏନେଇ କୌଣସି ଅଭିଯୋଗ କରିନାହାନ୍ତି। ତେବେ ଏନେଇ ଏକ ମାମଲା ରୁଜୁ କରାଯିବ ବୋଲି ମାଥିଲି ଥାନା ଭାରପ୍ରାପ୍ତ ନିରୀକ୍ଷକ ଜନ୍ କୁଜୁର କହିଛନ୍ତି। ଘଟଣା ପରେ ବିଏସ୍‌ଏଫ୍ କୋମ୍ବିଂ ଜୋରଦାର କରିଛି। ସେହିପରି ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ା ଜିଲା ଭାସି ଷ୍ଟେଶନ ନିକଟରେ ସୋମବାର ଏମ୍.ଜି.ପି.ଭି. ୧୩/୧ ଡାଉନ୍ ମାଲଗାଡ଼ି ପହଞ୍ଚିବା ପରେ ମାଓବାଦୀମାନେ ତାହାକୁ ଅଟକାଇ ଥିଲେ। ପରେ ଗାର୍ଡଙ୍କ ହାତଗୋଡ଼ ବାନ୍ଧି ତାଙ୍କଠାରୁ ୱାକିଟକି ଲୁଟିନେଇ ଟ୍ରେନରେ ବ୍ୟାନର ଓ ପୋଷ୍ଟର ପକାଇଥିଲେ। କେନ୍ଦ୍ର ସରକାରଙ୍କ ଅପରେଶନ ସମାଧାନକୁ ବନ୍ଦ କରିବା ପାଇଁ ସେହି ବ୍ୟାନରରେ ଦର୍ଶାଯାଇଛି।

**ମୁଣ୍ଡାଗୁଡ଼ାରେ ମାତିଲେ ମାଓବାଦୀ**



ପୋଡ଼ି ଦିଆଯାଇଥିବା ବସ୍।

■ ପ୍ରତିବାଦ ସପ୍ତାହବେଳେ ହିଂସା

■ ସୀମାନ୍ତ ରେଳଧାରଣାରେ ବିସ୍ଫୋରଣ

■ ଅପରେଶନ ସମାଧାନକୁ ବିରୋଧ

# ବିଜୁ ଗାଁ ଗାଡ଼ିରେ ପୋଷ୍ଟର ଲଗାଇଲେ ମାଓବାଦୀ



ବିଜୁ ଗାଁ ଗାଡ଼ି ଏକ୍ସପ୍ରେସ ବସ୍‌ରେ ଲଗାଯାଇଥିବା ମାଓବାଦୀ ବ୍ୟାନର।

**ନୂଆପଡା ଅଫିସ,୨୯।୧**

ନିରୀହ ଜନସାଧାରଣ ଏବଂ କ୍ରାନ୍ତିକାରୀ ଆନ୍ଦୋଳନ ବିରୋଧରେ ରାଜ୍ୟ ଏବଂ କେନ୍ଦ୍ର ସରକାର ଆରମ୍ଭ କରିଥିବା ଅପରେଶନ ସମାଧାନକୁ ମାଓବାଦୀ ସଙ୍ଗଠନ ତୀବ୍ର ବିରୋଧ କରୁଛି। ଏହାକୁ ସମର୍ଥନ କରିବା ସହ ଆସନ୍ତା ୩୧ ତାରିଖ ଭାରତ ବନ୍ଦରେ ସାମିଲ ହେବାକୁ ପୋଷ୍ଟର ମାଧ୍ୟମରେ ମାଓବାଦୀ ଓଡିଶା ରାଜ୍ୟ କମିଟି ଆହ୍ୱାନ କରିଛି। ମଙ୍ଗଳବାର ନୂଆପଡ଼ା ଜିଲା ବୋଡେନ ବ୍ଲକ ଭଇଁଷାଦାନୀ ଗ୍ରାମପଞ୍ଚାୟତରୁ ଚାଲୁଥିବା ବିଜୁ ଗାଁ ଗାଡି ଏକ୍ସପ୍ରେସ ବସରେ ମାଓବାଦୀମାନେ ପୋଷ୍ଟର ମାରି ଏହି ବାର୍ତ୍ତା ଦେଇଛନ୍ତି।

ସୂଚନାଯୋଗ୍ୟ, ବୋଡେନ ବ୍ଲକ ଭଇଁଷାଦାନୀଠାରୁ ଖରିଆରରୋଡକୁ ଚାଲୁଥିବା ବିଜୁ ଗାଁ ଗାଡି ଏକ୍ସପ୍ରେସ ବସ ଭଇଁଷାଦାନୀ ଗାଁ ସ୍କୁଲ ନିକଟରେ ରାତିରେ ରହିଥାଏ। ସବୁଦିନଭଳି ସୋମବାର ରାତିରେ ବସ ପହଞ୍ଚିବା ପରେ ହେଲପର ଓ ଡ୍ରାଇଭର ଗାଡି ସେଠାରୁ ରଖି ବସ୍ତିକୁ ଚାଲିଯାଇଥିଲେ। ରାତି ୯ରୁ ୧୦ଟା ମଧ୍ୟରେ ୭ରୁ ୮ଜଣ ସଶସ୍ତ୍ର ମାଓବାଦୀ ଆସି ଗାଡିରେ ପୋଷ୍ଟର ମାରିଥିଲେ। ବସର ଚତୁଃପାର୍ଶ୍ୱରେ ବିଭିନ୍ନ ରଙ୍ଗର କାଳିରେ ଲେଖିଥିଲେ। ଏଥିରେ ଅପରେଶନ ସମାଧାନକୁ ବିରୋଧ, ଫାସିବାଦ, ସହରୀ ମାଓବାଦୀ ଆରୋପକୁ ବିରୋଧ କରିବା ସହ ୩୧ ଜାନୁୟାରୀ ଭାରତ ବନ୍ଦକୁ ସମର୍ଥନ କରିବାକୁ ଉକ୍ତ ପୋଷ୍ଟରେ ଉଲ୍ଲେଖ ରହିଛି। ଏସବୁକୁ ପୋଷ୍ଟରକୁ ନ ଖୋଲିବାକୁ ମାଓବାଦୀମାନେ ବସ କର୍ମଚାରୀଙ୍କୁ ତାଗିଦ କରିଥିଲେ। ବସ ସେଠାରୁ ବାହାରି ବୋଡେନରେ ପହଞ୍ଚିଥିଲା। ସେଠାରେ ଥାନା ତରଫରୁ ବସ୍ ଅଟକାଇ ପୋଷ୍ଟର ସବୁ କାଢିଦେବା ସହ ସ୍ଲୋଗାନଗୁଡିକୁ ଲିଭାଇ ଦିଆଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଆଜକୁ ୩ ବର୍ଷ ହେବ ମାଓବାଦୀ ପ୍ରବଣ ଅଞ୍ଚଳକୁ ଜିଲା ମୁଖ୍ୟାଳୟ ସହ ସଂଯୋଗ କରିବାକୁ ସରକାର ବିଜୁ ଗାଁ ଗାଡି ଯୋଜନାରେ ଏକ୍ସପ୍ରେସ ବସ ସେବା ଆରମ୍ଭ କରିଥିଲେ। ଏହି ବସ ସକାଳ ସାଢେ ୬ଟାରୁ ଭଇଁଷାଦାନୀରୁ ବାହାରି ପୂର୍ବାହ୍ନ ୧୧ଟା ୧୫ ମିନିଟରେ ଖରିଆରରୋଡରେ ପହଞ୍ଚିଥାଏ। ସେହିଭଳି ଜିଲାର ବିଭିନ୍ନ ଦୁର୍ଗମ ଅପହଞ୍ଚ ଇଲାକାକୁ ମୋଟ ୬ଟି ବସ ଚାଲିଥାଏ।

**ଜାନୁୟାରୀ ୩୧ ଭାରତ ବନ୍ଦ ଡାକରା**










ୟୁରୋପିଆନ ପାର୍ଲାମେଣ୍ଟ ନିର୍ବାଚନ ମେ' ମାସରେ ହେବାକୁ ଥିବାବେଳେ ରୁଷିଆର ଅପପ୍ରଚାର ଆଭିମୁଖ୍ୟ ସନ୍ଦେହଘେରକୁ ଆସିଛି। ଏ ନେଇ ୟୁରୋପିୟନ ୟୁନିୟନ (ଇୟୁ) ବିଜ୍ଞାପନ ବ୍ୟାପାର ସଂଘ ଏବଂ ୟୁଏସ୍ ଇଣ୍ଟରନେଟ୍ ଫାର୍ମଗୁଡ଼ିକୁ ସତର୍କ କରାଇଛି। ମିଥ୍ୟା ଖବର, ନକଲି ଆକାଉଣ୍ଟ ଏବଂ ଭ୍ରମିତ ସାଇଟ୍ ବିରୋଧରେ ଛା ନ୍‌ଭିନ୍ ଅଭିଯାନକୁ ଜୋରଦାର୍ କରିବାକୁ ଇୟୁର କାର୍ଯ୍ୟନିବାହୀ ୱିଇଙ୍ଗ୍ ଗୁଗୁଲ୍, ଫେସବୁକ୍, ଟ୍ୱିଟର ଏବଂ ମୋଜିଲାକୁ ଜଣାଇଛି।



## ସଂକ୍ଷେପରେ

### ରେମୁଣା ମହୋତ୍ସବରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

୭ ଆହତ, ୨୦ରୁ ଊର୍ଦ୍ଧ୍ୱ ବାଇକ୍ ଭଙ୍ଗାରୁଜା

**ବାଲେଶ୍ୱର ଅଫିସ/ରେମୁଣା,୨୯।୧:** ବାଲେଶ୍ୱର ଜିଲା ରେମୁଣା ଥାନା ରେମଣା ମେଳା ପଡିଆରେ ୨୫ ତାରିଖରୁ ରେମଣା ମହୋତ୍ସବ ଆରମ୍ଭ ହୋଇଛି। ମଙ୍ଗଳବାର ରାତି ପ୍ରାୟ ସାଢେ ୧୦ଟାରେ ମେଳା ପଡିଆରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ୭ଜଣ ଆହତ ହୋଇଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ବାଇକ ଭଙ୍ଗାରୁଜା ହୋଇଥିବା ଜଣାପଡିଛି। ଦଙ୍ଗା ଆଶଙ୍କାରେ ପୋଲିସ ମହୋତ୍ସବ ପଡିଆରେ ୧୪୪ ଧାରା ଜାରି କରିଛି। ମହୋତ୍ସବ ବନ୍ଦ କରାଯିବା ସହ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଛି। ଗନିପୁର ଗ୍ରାମର ୨ଯୁବକ ସାଇକେଲ ଷ୍ଟାଣ୍ଡରେ ଜଣେ ଯୁବତୀଙ୍କୁ ଦୁର୍ବ୍ୟବହାର କରିବାକୁ ନେଇ ଘଟଣା ଉଗ୍ରରୂପ ନେଇଥିଲା। ମନ୍ଦାରପୁର ଗ୍ରାମର ଶତାଧିକ ଯୁବକ ଠେଙ୍ଗାବାଡି ଧରି ସମ୍ପୃକ୍ତ ଯୁବକଦ୍ୱୟଙ୍କୁ ଆକ୍ରମଣ କରିଥିଲେ। ଭୟରେ ମହୋତ୍ସବସ୍ଥଳରେ ଥିବା ହଜାର ହଜାର ଲୋକ ଘଟଣାସ୍ଥଳରୁ ଦୌଡି ପଳାଇଥିଲେ। ମନ୍ଦାରପୁର ଲୋକମାନଙ୍କ ସହ ମହୋତ୍ସବ କମିଟି ସଦସ୍ୟମାନେ ଘଟଣାର ସମାଧାନ ପାଇଁ ଆଲୋଚନା କରୁଥିବା ଜଣାପଡିଛି।

### ୯ ଦିନର ଶିଶୁପୁତ୍ର ବିକ୍ରି ଅଭିଯୋଗ

**ଅନୁଗୋଳ ଅଫିସ, ୨୯।୧:** ଅନୁଗୋଳରେ ଏକ ୯ ଦିନର ଶିଶୁପୁତ୍ରକୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଜନ୍ମ ହେବାର ଦୁଇ ଦିନ ପରେ ଜଣେ ବ୍ୟବସାୟୀଙ୍କୁ ପିଲାଟିକୁ ବିକ୍ରି କରାଯାଇଥିବା ଅଭିଯୋଗ ଆସିବା ପରେ ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ), ଅନୁଗୋଳ ପୋଲିସ ଓ ଜିଲା ଶିଶୁ ମଙ୍ଗଳ ଅଧିକାରୀ(ସିଡବ୍ଲ୍ୟୁସି) ଜନ୍ମକଲା ମାତାପିତା ଏବଂ କିଣିଥିବା ମାତାପିତାଙ୍କୁ ବସାଇ ଆଲୋଚନା କରିଥିଲେ। ଏହି ସମୟରେ ହଠାତ୍ ଶିଶୁଟି ଅସୁସ୍ଥ ହୋଇପଡ଼ିବାରୁ ତାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶିଶୁପୁତ୍ର ସୁସ୍ଥ ହେବା ପରେ ଘଟଣା ନେଇ ପୁଣି ଉଭୟ ପକ୍ଷଙ୍କୁ ବସାଇ ଆଲୋଚନା କରାଯିବ ଓ ଏହାପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିଶୁ ମଙ୍ଗଳ ଅଧିକାରୀ ଦେବାଶିଷ ପଟ୍ଟନାୟକ କହିଛନ୍ତି। ଶିଶୁପୁତ୍ରକୁ ବେଆଇନ୍ ଭାବେ ସମ୍ପୃକ୍ତ ବ୍ୟବସାୟୀ ରଖିଥିବା ସିଡବ୍ଲ୍ୟୁସି ଅଧିକାରୀ ପଟ୍ଟନାୟକ କହିଛନ୍ତି। ଡିସିପିଓ ଲିଖିତ ଭାବେ ଜଣାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ୪ ସାହସୀ ଓଡ଼ିଆ ପିଲାଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ପାଇଁ ସାହସିକତା ପୁରସ୍କାର ପାଇଥିବା ୪ ଓଡ଼ିଆ ବାଳିକାବାଳକଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରିଛନ୍ତି। ସେମାନେ ହେଲେ କୁମାରୀ ଝିଲୀ ବାଗ୍, ମାଷ୍ଟର ବିଶ୍ୱଜିତ ପୁହାଣ, କୁମାରୀ ରଞ୍ଜିତା ମାଝି ଏବଂ ମାଷ୍ଟର ସିତୁ ମଲିକ। ମୁଖ୍ୟମନ୍ତ୍ରୀ ପୁରସ୍କାର ରାଶି ସହ ସମସ୍ତଙ୍କୁ ଉପହାର ମଧ୍ୟ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉପସ୍ଥିତ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକ ଆଖିଆ କଣା**
**ସେ କି ଜାଣେ ବୁଝାମଣା ।**

କଣାର ଗୋଟାଏ ଆଖି। ଯେଉଁ ପଟର ଆଖିଥାଏ ସେ ସେଇପଟକୁ ଭଲ ଦେଖିପାରେ ଏବଂ ସେଇ ପଟକଥାର ଚିନ୍ତା କରୁଥାଏ। ଅନ୍ୟପଟ ଦେଖିବା ପାଇଁ ହେଲେ ମୁହଁ ବୁଲେଇବାକୁ ପଡ଼େ। ପରୋକ୍ଷରେ ଭଲମନ୍ଦ ବିଚାର ନ କରି ଗୋଟିଏ ଦିଗକୁ ଦୃଷ୍ଟିରେ ରଖି ବା ଚିନ୍ତା କରି ଏକପାଖିଆ ନିଷ୍ପତ୍ତି ନେଇଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏ ହାତକୁ ସେ ହାତ**
**ଖଣ୍ଡିଆ ହାତକୁ ଜଗନ୍ନାଥ ।**

ଜଗନ୍ନାଥ ହେଉଛନ୍ତି ଜଗତର ନାଥ। ତାଙ୍କ ଉପରେ ସମସ୍ତଙ୍କର ଅଶେଷ ଭରସା ରହିଥାଏ। ସାଧାରଣତଃ କେହି କାହାକୁ କିଛି ଦେଲେ ଦେଲା ଲୋକକୁ ନେଲା ଲୋକ କିଛି ଦେଇଥାଏ। ପରନ୍ତୁ ଯାହାର କେହି ନାହାନ୍ତି, ସମ୍ପୂର୍ଣ୍ଣ ନିଃସ୍ୱ, ତାର କାହାକୁ କିଛି ଦେବାକୁ ସମ୍ବଳ ନାହିଁ, ତାକୁ କେହି ଦେବାକୁ ଉଚିତ ମଣି ନ ଥାନ୍ତି। ଅରକ୍ଷିତକୁ ଦଇବ ସାହା ଭଳି ଉକ୍ତ ବ୍ୟକ୍ତି ପାଇଁ କେବଳ ଜଗନ୍ନାଥ ବା ଭଗବାନ ସାହା ହୋଇଥାନ୍ତି ସେହିଁ ଏକମାତ୍ର ଦେବା ଲୋକ ସେ ଭରସା ହୋଇଥାନ୍ତି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ଶାହଙ୍କ ବକ୍ତବ୍ୟ ଉଦ୍ଦିଷ୍ଟ

## ■ ରୋଚକ ମନ୍ତବ୍ୟ ରଖିଲେ କଂଗ୍ରେସ ପ୍ରଚାର କମିଟି ସଦସ୍ୟ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। କଟକ ଜିଲା ସାଲେପୁରଠାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ ଓଡ଼ିଆ କହୁଥିବା ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବାକୁ ଉଦ୍‌ବୋଧନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବ ୩ ସଭାରେ ଭାଜପାର ନରମ ଆଭିମୁଖ୍ୟ ଦେଖିବାକୁ ମିଳିଥିଲା। ହେଲେ ଶାହଙ୍କ ବକ୍ତବ୍ୟରେ ତାହା ଦେଖିବାକୁ ମିଳିନାହିଁ। ସେପଟେ ଶାହଙ୍କ ବକ୍ତବ୍ୟ ନେଇ ମତ ରଖିଛନ୍ତି ବିଜେଡି ଓ କଂଗ୍ରେସ।

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ମହୋତ୍ସବ ଉପଲକ୍ଷେ ୟୁନିଭରସିଟି ହାଇସ୍କୁଲରେ ମଙ୍ଗଳବାର ଆନ୍ତଃବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଏନ୍.ଏସ୍.ଏସ୍ ପ୍ରୋଗ୍ରାମ କୋଅର୍ଡିନେଟର ଡ. ମନୋରଞ୍ଜନ ମହାନ୍ତି ଓ କ୍ରୀଡ଼ା ପରିଷଦ ଉପନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ଦାସ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ତ୍ରିପାଠୀ, ଉମ୍ବରୁଧର ନାୟକ, ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ପୂର୍ବତନ ଛାତ୍ର ସଂସଦ ସମ୍ପାଦକ ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସବିତା ଦେଈ ଧନ୍ୟବାଦ ଦେଇଥିଲେ। ପ୍ଲାଟିନମ୍ ଜୁବିଲି ମହୋତ୍ସବ ଉପଲକ୍ଷେ ସୋମବାର ବିଦ୍ୟାଳୟ ପରିସରରେ ଆନ୍ତଃବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

# ଗାୟତ୍ରୀ ମହାଯଜ୍ଞ

**ବାରଙ୍ଗ,୨୯।୧(ଡି.ଏନ୍.ଏ.)**

ସ୍ଥାନୀୟ ଦେଉଳ ଗ୍ରାମରେ ମଙ୍ଗଳବାରଠାରୁ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। ଯଜ୍ଞରେ ହୋଇଥିବା କଳସ ଯାତ୍ରାରେ ୩ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଏହି ଯାତ୍ରାରେ ବିଭିନ୍ନ ପାରମ୍ପରିକ ବାଜା ଓ ବାଣ ସହ କେତେକ ଭକ୍ତ ଦେବାଦେବୀଙ୍କ ବେଶରେ ସଜ୍ଜିତ ହୋଇଥିବାର ଦେଖିବାକୁ ମିଳିଥିଲା। ଏହା ୩ଦିନ ଧରି ଚାଲିବ।

# ରାଜଭବନରେ ଇନକାଲ ମାସ୍କଟ




**ଭୁବନେଶ୍ୱର,୨୯।୧**

ଇଣ୍ଟରନ୍ୟାଶନାଲ କନଫରେନ୍ସ ଆଣ୍ଡ ଏକଜିବିଶନ ଅନ୍ ଆଲୁମିନିୟମ (ଇନ୍‌କାଲ)ର ମାସ୍କଟ ଆଲୁମଫଙ୍କୁ ରାଜଭବନ ପରିଦର୍ଶନ କରାଯାଇଛି। ଓଡ଼ିଶାକୁ ଦେଶର ଆଲୁମିନିୟମ ରାଜଧାନୀ ଭାବେ ଗଢି ତୋଳିବାକୁ ଏହା ରାଜ୍ୟପାଳ ଗଣେଶୀ ଲାଲଙ୍କଠାରୁ ଶୁଭେଚ୍ଛା ଗ୍ରହଣ କରିଥିଲା। କାର୍ଯ୍ୟକ୍ରମ ଅବସରରେ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଉପସ୍ଥିତ ଥିଲେ।

# ଇକୋରୋ ପକ୍ଷରୁ ସାନିଟାରୀ ପ୍ୟାଡ ବଣ୍ଟନ




**ଭୁବନେଶ୍ୱର,୨୯।୧**

ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ (ଇକୋରୋ) ପକ୍ଷରୁ ଭୁବନେଶ୍ୱରର ସାଲିଆ ସାହି ବସ୍ତିରେ ଆର୍ଥିକ ଅନଗ୍ରସରର ମହିଳା ଏବଂ ଝିଅଙ୍କ ମଧ୍ୟରେ ସୁଲଭ ମୂଲ୍ୟର ସାନିଟାରୀ ପ୍ୟାଡ ବଣ୍ଟନ କରାଯାଇଛି। ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତାକୁ ଧ୍ୟାନରେ ରଖି ଇକୋରୋର ସଦସ୍ୟା ଏହାର ଅଧ୍ୟକ୍ଷ ରଶ୍ମିରେଖା ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିଭଳି ଶ୍ରୀମତୀ ମିଶ୍ର ରେଳବାଇ କେନ୍ଦ୍ରୀୟ ଚିକିତ୍ସାଳୟଠାରେ ରୋଗୀ ଏବଂ ଶିଶୁମାନଙ୍କୁ ଫଳ ଏବଂ ଖାଦ୍ୟ ପ୍ୟାକେଟ ଉପହାର ବଣ୍ଟନ କରିଥିଲେ।

# ୧୯୮୧ ବ୍ୟାଚର ବନ୍ଧୁମିଳନ

**ଭୁବନେଶ୍ୱର,୨୯।୧**

ପୁରୀର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ(ଏସ୍.ସି.ଏସ୍.)ର ୧୯୮୧ ବ୍ୟାଚ ଛାତ୍ରମାନଙ୍କ ବନ୍ଧୁମିଳନ ମାଳତୀପାଟପୁରସ୍ଥିତ ଫାର୍ମହାଉସଠାରେ ଆୟୋଜିତ ହୋଇଛି। ଏହି ଉତ୍ସବରେ ପ୍ରାୟ ୧୦୦ଜଣ ପୁରାତନ ବନ୍ଧୁ ଯୋଗଦେଇ ପିଲାଦିନର ସ୍ମୃତିକୁ ଉଜ୍ଜୀବିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ରାମପ୍ରସାଦ ପାତ୍ର, ବନ୍ଦନ ମହାପାତ୍ର, ଭାସ୍କର ମହାପାତ୍ର ଏବଂ ମହମ୍ମଦ ଇସାକ ପ୍ରମୁଖ ପରିଚାଳନା କରିଥିଲେ।

# ରାଜ୍ୟ କନିଷ୍ଠ ଶିକ୍ଷକ ସଂଘର ଆନ୍ଦୋଳନ ନିଷ୍ପତ୍ତି

**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**

ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଖାରବେଳ ନଗରସ୍ଥିତ ପ୍ରାଥମିକ ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ମଳୟ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ରାଜ୍ୟରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଶିକ୍ଷକ (ଚୁକ୍ତିଭିତ୍ତିକ) ଓ କନିଷ୍ଠ ଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି, ୨୦୧୨ ବ୍ୟାଚ୍‌ରେ ନିଯୁକ୍ତ ଶିକ୍ଷା ସହାୟକମାନଙ୍କୁ ତୁରନ୍ତ ନିୟମିତ ଶିକ୍ଷକ ମାନ୍ୟତା ଓ ଓଟିଇଟି ଉଚ୍ଛେଦ ଆଦି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଆଗକୁ ସାଧାରଣ ନିର୍ବାଚନ ରହିଥିବାବେଳେ ଦାବି ପୂରଣ ପାଇଁ ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମହାସଚିବ ବିବେକାନନ୍ଦ ବେହେରା ଆସନ୍ତା ଫେବୃୟାରୀ ୨ ସୁଦ୍ଧା ନିଜ ନିର୍ବାଚନ ମଣ୍ଡଳୀର ବିଧାୟକ ଓ ଏମ୍‌ପିମାନଙ୍କୁ ସଂଘ ତରଫରୁ ଦାବିପତ୍ର ଦେବା ନିମନ୍ତେ ସର୍ବସମ୍ମତିକ୍ରମେ ଆହ୍ୱାନ ଜଣାଇଥିଲେ। ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଶ୍ରୀକାନ୍ତ କୁମାର ନାୟକ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ଆଗାମୀ ଦିନରେ ଏକାକୀ ଭାବେ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଥିଲେ। ବୈଠକରେ ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ସୁମନ୍ତ କୁମାର ପାଲ୍, ଉପଦେଷ୍ଟା ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**■ ଆସନ୍ତୁ ଚାଲିବା, ଟାଙ୍ଗୀ-ସାଲେପୁରର ବିକାଶରେ ସାମିଲ ହେବା**

# ପ୍ରକାଶଙ୍କ ସହ ସାମିଲ ହେଲେ ସମର୍ଥକ

**ସାଲେପୁର,୨୯।୧(ଡି.ଏନ.ଏ.)**



ବିଧାୟକ ପ୍ରକାଶ ବେହେରା ଓ ତାଙ୍କ ସମର୍ଥକ ପଦଯାତ୍ରାରେ ଯାଉଛନ୍ତି।

ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ଆସନ୍ତୁ ଚାଲିବା, ଟାଙ୍ଗୀ-ସାଲେପୁରର ବିକାଶରେ ସାମିଲ୍ ହେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିନା ଦଳୀୟ ଚିହ୍ନରେ ବିଧାୟକ ବେହେରାଙ୍କ ନେତୃତ୍ୱରେ ହଜାରହଜାର ଯୁବ, ଛାତ୍ର, ମହିଳା ସମର୍ଥକ ସାମିଲ ହୋଇ କଟକ-ଚାନ୍ଦବାଲି ରାସ୍ତାର ପୀରବଜାରଠାରୁ ସାଲେପୁର ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ପ୍ରାୟ ୧୬ କି.ମି. ବ୍ୟାପୀ ପଦଯାତ୍ରାରେ ଜନସାଧାରଣ ବିଧାୟକଙ୍କ ଦ୍ୱାରା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟ ଏବଂ ସାଲେପୁରର ବିକାଶ ପାଇଁ ବିଧାୟକଙ୍କ ଅବଦାନ ସମ୍ପର୍କରେ ସ୍ଲୋଗାନ ଦେଇଥିଲେ। ସକାଳ ୧୦ଟାରୁ ପଦଯାତ୍ରା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ସାଲେପୁର ତହସିଲ୍ ପଡ଼ିଆଠାରେ ଥିବା ବିଧାୟକଙ୍କ କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା। ବିଧାୟକ ବେହେରା ପଦଯାତ୍ରା ସଫଳ ପାଇଁ ସାମିଲ୍ ହୋଇଥିବା ସମର୍ଥକଙ୍କୁ କୃତଜ୍ଞତା ଜଣାଇଥିଲେ। ବିକାଶ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଥିବାରୁ ଏବଂ ବିଭିନ୍ନ ବର୍ଗର ଲୋକେ ଆସନ୍ତୁ ଚାଲିବା କାର୍ଯ୍ୟକ୍ରମରେ ସାମିଲ୍ ହେବା ପାଇଁ ଆହ୍ୱାନ ଦିଆଯାଇଥିବାରୁ ଦଳୀୟ ଚିହ୍ନର ଆବଶ୍ୟକତା ନାହିଁ ବୋଲି ପୁଣି ବକ୍ତବ୍ୟରେ ପ୍ରକାଶ କରିଥିଲେ। ପଦଯାତ୍ରାରେ ସାଲେପୁର ଓ ଟାଙ୍ଗୀ ବ୍ଲକ୍‌ର ବହୁ ଜନସାଧାରଣ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ମମତା ରାଉତ, ବ୍ଲକ୍ ଆମ୍ବା ସଭାପତି ତଥା ଯୁବନେତା ସମ୍ରାଟ କେଶରୀ ଲେଙ୍କା, ବିଶ୍ୱରଞ୍ଜନ ଦାଶ, ପ୍ରିୟରଞ୍ଜନ ମହାପାତ୍ର, ବସନ୍ତ ଭୂୟାଁ, ବେଣୁଧର ପ୍ରଧାନ, ଅଜିତ୍ ପଣ୍ଡା, ନାରୀନେତ୍ରୀ ପୂର୍ଣ୍ଣିମା ବସ୍ତିଆ, ସୟଦ ସଫିଉଲ୍ ଆଲାମ୍, ରଘୁପତି ରାଉତ, ଅରବିନ୍ଦ ବିଶ୍ୱାଳ, ଶୁକଦେବ ଭୂୟାଁ ପ୍ରମୁଖ ପଦଯାତ୍ରାରେ ସାମିଲ୍ ହୋଇଥିଲେ। ଅନ୍ୟପକ୍ଷରେ ବିଧାୟକଙ୍କ ବିନା ଦଳୀୟ ଚିହ୍ନର ଏହି ପଦଯାତ୍ରାକୁ ନେଇ ସାଲେପୁର ଅଞ୍ଚଳର ଲୋକଙ୍କ ମଧ୍ୟରେ ନାନା ଆଲୋଚନା ହେଉଛି।



ବିହାରର ପାଟନାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଫେବୃୟାରୀ ୩ରେ ରାଲି କରିବେ। ଏହି ରାଲିରେ ମହାମେଣ୍ଟର ନେତା ଓ କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସାମିଲ୍ ହେବେ। ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ଆର୍‌ଏଲ୍‌ଏସ୍‌ପି ମୁଖ୍ୟ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉପେନ୍ଦ୍ର କୁଶୱାହା, ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ଅଧ୍ୟକ୍ଷ ଜିତନ ରାମ ମାଁଝୀଙ୍କ ସମେତ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ୍)ର ନେତାମାନେ ଏହି ରାଲିରେ ଯୋଗଦେବେ ବୋଲି ବିହାର କଂଗ୍ରେସ ଅଧ୍ୟକ୍ଷ ମଦନ ମୋହନ ଝା ମଙ୍ଗଳବାର ଜଣାଇଛନ୍ତି।



## ସଂକ୍ଷେପରେ

### ଆଜି ମୁଖ୍ୟମନ୍ତ୍ରୀଙ୍କ ବାରିପଦା ଗସ୍ତ

ବାରିପଦା ଅଫିସ, ୨୯।୧-ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାରିପଦା ଗସ୍ତ ଚୂଡାନ୍ତ ହୋଇସାରିଛି। ଏହି ଅବସରରେ ସେ ୭ ପ୍ରକଳ୍ପର ଶିଳାନ୍ୟାସ ଓ ୧୧ଟି ପ୍ରକଳ୍ପ ଉଦ୍‌ଘାଟନ କରିବେ। ମିଶନ ଶକ୍ତି ପକ୍ଷରୁ ଆୟୋଜିତ ସମାବେଶରେ ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠୀର ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଉଦ୍‌ବୋଧନ ଦେବେ। ଏହାର ୩ ଦିନ ପରେ ଆସନ୍ତା ରବିବାର ମୁଖ୍ୟମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ବୁଧବାର ମଧ୍ୟାହ୍ନ ୧୨ଟା ୨୭ରେ ଛଉ ପଡିଆଠାରେ ପହଞ୍ଚି କାର୍ଯ୍ୟକ୍ରମରେ ଯୋଗ ଦେବେ।

### ପଶ୍ଚିମ ଓଡ଼ିଶା ବନ୍ଦ ଘଟଣା
### ସରକାରଙ୍କ ସତ୍ୟପାଠ ଦାଖଲ

କଟକ ଅଫିସ, ୨୯।୧- ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସେଠାରେ ଆନ୍ଦୋଳନ ଚାଲିଛି। ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରହୁଛି। ଏହି ଘଟଣାରେ ହାଇକୋର୍ଟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଥିଲେ। ମଙ୍ଗଳବାର ମାମଲାର ଶୁଣାଣିବେଳେ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଶୁଭକାନ୍ତ ମିଶ୍ର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ସତ୍ୟପାଠରେ ସେ ଉଲ୍ଲେଖ କରିଛନ୍ତି ଯେ, ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାରେ ବନ୍ଦ ଯୋଗୁ ସୃଷ୍ଟ ଆଇନଶୃଙ୍ଖଳା ପରିସ୍ଥିତିକୁ ସ୍ୱାଭାବିକ ରଖିବା ପାଇଁ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଛି। କାଁ ଭାଁ ଗଣ୍ଡଗୋଳକୁ ଛାଡ଼ିଲେ କୌଣସି ସ୍ଥାନରେ ହିଂସାକାଣ୍ଡ ହୋଇନାହିଁ। କେବଳ ଆନ୍ଦୋନକାରୀମାନେ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସରେ ପଶି ପୋଡ଼ାଜଳା କରିଥିଲେ। ଉକ୍ତ ଘଟଣାକୁ ନେଇ ଥାନାରେ ମାମଲା ରୁଜୁ କରାଯାଇଛି। ସେହିପରି କେବଳ ପଶ୍ଚିମ ଓଡ଼ିଶା ନୁହେଁ, ଦକ୍ଷିଣ ଓଡ଼ିଶାରେ ମଧ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିବା ସତ୍ୟପାଠରେ ମିଶ୍ର ଉଲ୍ଲେଖ କରିଛନ୍ତି। ଏପରିକି ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଥିବା ସତ୍ୟପାଠରେ କୁହାଯାଇଛି। ଫେବୃୟାରୀ ୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

# ଓଡ଼ିଶା ହସ୍ତଶିଳ୍ପ ନୀତି-୨୦୧୯କୁ ମୋହର

## କଞ୍ଚାମାଲ, ମାର୍କେଟିଂ, ପ୍ରଶିକ୍ଷଣ, ଆୟ ବୃଦ୍ଧି ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

■ଏଏସବିଏମ୍‌କୁ ବିଶ୍ୱବିଦ୍ୟାଳୟ ମାନ୍ୟତା

ରାଜ୍ୟରେ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେବା ଲାଗି ରାଜ୍ୟ ସରକାର ଓଡିଶା ହସ୍ତଶିଳ୍ପ ନୀତି-୨୦୧୯ ପ୍ରସ୍ତୁତ କରିଛନ୍ତି। ଏହାକୁ ମଙ୍ଗଳବାର ସଚିବାଳୟଠାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ପ୍ରଥମ ଥର ଲାଗି ହୋଇଥିବା ଏହି ନୂତନ ହସ୍ତଶିଳ୍ପ ନୀତିରେ ଓଡିଶାର ହସ୍ତଶିଳ୍ପୀ କାରିଗରମାନଙ୍କୁ ଶକ୍ତିଶାଳୀ ଓ ବିକାଶର ମୁଖ୍ୟ ଅଂଶୀଦାର କରିବା ସହ ସେମାନଙ୍କର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ନୀତିରେ କାରିଗରମାନଙ୍କ ଆୟ ବୃଦ୍ଧି ସୁଯୋଗକୁ ବୃଦ୍ଧି କରିବା ସହ କଞ୍ଚାମାଲ ଯୋଗାଇବା, ବଜାର ସୁବିଧା ସୃଷ୍ଟି କରିବା, ଲୁପ୍ତପ୍ରାୟ ହସ୍ତଶିଳ୍ପ ଗୁଡିକର ପୁନରୁଦ୍ଧାର, ହସ୍ତକଳା ଐତିହ୍ୟର ସଂରକ୍ଷଣ, କାରିଗରଙ୍କୁ ତାଲିମ, ବ୍ୟାଙ୍କ ଋଣ ପ୍ରଦାନ, ନୂତନ ଡିଜାଇନ ଉପଲବ୍ଧ କରାଇବା ଆଦି ଦିଗରେ ସହାୟତା ଯୋଗାଇ ଦିଆଯିବ। କାରିଗରମାନଙ୍କୁ ବିଭିନ୍ନ ସାମାଜିକ ଓ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ଏହି ନୂତନ ନୀତିର ମୂଳ ଲକ୍ଷ୍ୟ।

ଭୁବନେଶ୍ୱରସ୍ଥିତ ଏସିଆନ ସ୍କୁଲ ଅଫ ବିଜ୍‌ନେସ ମ୍ୟାନେଜମେଣ୍ଟ (ଏଏସବିଏମ୍)କୁ ଏକକ ବେସରକାରୀ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇଛି। ରାଜ୍ୟ କ୍ୟାବିନେଟ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛି। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ରାଜ୍ୟରେ ଶିକ୍ଷାର ପରିସୀମା ବୃଦ୍ଧି ପାଇବା ସହ ଗବେଷଣା, ଶିଳ୍ପ ତଥା ନିଯୁକ୍ତିଭିତ୍ତିକ ଶିକ୍ଷାର ବାତାବରଣ ସୃଷ୍ଟି ହୋଇ ପାରିବ।

**କ୍ୟାବିନେଟ ନିଷ୍ପତ୍ତି**

## ଗ୍ରାମାଞ୍ଚଳରେ ଡାକ୍ତରଖାନା ନିର୍ମାଣ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

■ ମାଗଣାରେ ଜମି ଯୋଗାଇବେ ସରକାର

■ ସଚିବାଳୟ ଡିଇଓ ହେବେ ଅଫିସର

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସରକାରୀ-ଘରୋଇ ଭାଗୀଦାରି (ପିପିପି) ମୋଡରେ ଡାକ୍ତରଖାନା ନିର୍ମାଣ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସେଥିପାଇଁ ରାଜ୍ୟର ୨୫ଟି ସ୍ଥାନ ନିରୂପଣ କରାଯାଇଛି। ଡାକ୍ତରଖାନା କରିବା ପାଇଁ ୩୨ ବର୍ଷ ପର୍ଯ୍ୟନ୍ତ ଜମିକୁ ସବ୍ ଲିଜ ଦିଆଯିବ। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି। ଜମି ଯୋଗାଣ ନିମନ୍ତେ ଘରୋଇ ଭାଗୀଦାରିଙ୍କୁ ପ୍ରଚଳିତ ଶିଳ୍ପ ନୀତି-୨୦୧୫ ଅନୁଯାୟୀ ବାର୍ଷିକ ୧ ପ୍ରତିଶତ ହିସାବରେ ଖଜଣା ଓ ଜଳକର ବାବଦରେ ବାର୍ଷିକ ୭୫ ପ୍ରତିଶତ ସେସ ରାଜ୍ୟ ସରକାରଙ୍କୁ ବହନ କରିବାକୁ ପଡିବ। ଗ୍ରାମାଞ୍ଚଳରେ ଅଧିକ ଡାକ୍ତରଖାନା ଖୋଲିବା ପାଇଁ ସରକାର ଏଭଳି ଯୋଜନା କରିଛନ୍ତି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହି ପ୍ରସ୍ତାବକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

ସଚିବାଳୟରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ଅଫିସର ହେବେ। ଏଥିପାଇଁ ଓଡିଶା ସଚିବାଳୟ ଡାଟା ଏଣ୍ଟ୍ରି ଅପରେଟର(ଚୟନ ଓ ଚାକିରି ସର୍ତ୍ତାବଳୀ)ନିୟମ-୨୦୦୮କୁ ସଂଶୋଧନ କରାଯିବ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି। ପୂର୍ବ ନିୟମ ଅନୁସାରେ ଡାଟା ଏଣ୍ଟ୍ରି ଅପରେଟରମାନଙ୍କର ଦୁଇଟି ପଦୋନ୍ନତି ଯଥା କନିଷ୍ଠ ଡାଟା ଏଣ୍ଟ୍ରି ଅପରେଟର ଓ ବରିଷ୍ଠ ଡାଟା ଏଣ୍ଟ୍ରି ଅପରେଟର ହୋଇପାରୁଛି। ନିୟମ ସଂଶୋଧନ ହେବା ପରେ ସହକାରୀ ଡାଟା ପ୍ରୋସେସିଂ ଅଫିସର ଏବଂ ଡାଟା ପ୍ରୋସେସିଂ ଅଫିସର ପଦବୀ ସୃଷ୍ଟି ହୋଇଛି।

## ଜାମୁଝାଡ଼ି-ବାସୁଦେବପୁର- ଧାମରା ରାସ୍ତା ଦୋହରୀକରଣ ହେବ

■ ଖର୍ଚ୍ଚ ହେବ ୨୧୦ କୋଟି

■ ନିଦାନ, ସହାୟତା ରାଶି ବଢ଼ିଲା

■ ଓଡ଼ିଶା ମହିଳା ଶିଶୁ ସେବା ନିୟମ ସଂଶୋଧନ

ଭୁବନେଶ୍ୱର,୨୯।୧(ବ୍ୟୁରୋ)-ଭଦ୍ରକ ଜିଲାର ଜାମୁଝାଡି-ବାସୁଦେବପୁର-ଧାମରା ୬୦ କି.ମି. ରାସ୍ତାର ପ୍ରଶସ୍ତୀକରଣ ଏବଂ ଉନ୍ନତୀକରଣ କରାଯିବ। ଏହାକୁ ଦୁଇ ଲେନ ବିଶିଷ୍ଟ ରାସ୍ତାରେ ପରିଣତ କରାଯିବ। ଏଥିପାଇଁ ୨୧୦କୋଟି ୮୫ ଲକ୍ଷ ୭୯ ହଜାର ୩୫୨ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ମଞ୍ଜୁର କରିଛି। ଏହି ରାସ୍ତା ଦ୍ୱାରା ଅବଦୁଲ କଲାମ ହୁଇଲର ଦ୍ୱୀପରେ ପ୍ରତିରକ୍ଷା ବିଭାଗ ଦ୍ୱାରା ହେଉଥିବା ବିଭିନ୍ନ ପରୀକ୍ଷା ପାଇଁ ସାମଗ୍ରୀ ନେବାରେ ସହଜ ହେବା ସହ ଧାମରା ବନ୍ଦରକୁ ପଣ୍ୟ ପରିବହନରେ ମଧ ସହଜ ହେବ। ଏଥିଯୋଗୁ ରାସ୍ତାରେ ହେଉଥିବା ଭିଡ ମଧ ହ୍ରାସ ପାଇବ। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଓଡିଶା ସରକାର, ଧାମରା ବନ୍ଦର କର୍ତ୍ତୃପକ୍ଷ ଏବଂ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନର ମିଳିତ ସହଯୋଗରେ ନିର୍ମାଣ ହେବ। ୩୦ ମାସ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ।

ନିଦାନ ଓ ସହାୟତା ଯୋଜନା ପାଇଁ ଆସନ୍ତା ୫ ବର୍ଷ ସକାଶେ ବ୍ୟୟ ଅଟକଳକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ରାଜ୍ୟର ରୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ଚିକିତ୍ସା ଯୋଗାଇ ଦିଆଯାଉଛି। ଏଥିସହିତ ବିଭିନ୍ନ ରୋଗର ଡାଏଲିସିସ ସେବା ବ୍ୟବସ୍ଥା କରିବା ପାଇଁ ବହିର୍ବିଭାଗ ଓ ଅନ୍ତର୍ବିଭାଗ, ଅପରେଶନ ଥିଏଟର ଓ ଆଇସିୟୁ ଶୁଳ୍କ ଛାଡ କରିବା ବାବଦକୁ ପଡୁଥିବା ୭୧୯୧.୧୦ ଲକ୍ଷ ଟଙ୍କାର ଅତିରିକ୍ତ ଖର୍ଚ୍ଚ ଭାରକୁ ବୃଦ୍ଧି କରାଯାଇଛି। ୫ ବର୍ଷ ପାଇଁ ଏହି ରାଶିକୁ ୭୫୭୫୦.୭୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁ ହାର କମାଇବା ପାଇଁ ରାଜ୍ୟ ସରକାର ଶିଶୁ ଓ ମାତୃ ମୃତ୍ୟୁ ହାର ପୂର୍ଣ୍ଣ ନିରାକରଣ ଯୋଜନା ୨୦୧୫-୧୬ରୁ କାର୍ଯ୍ୟକାରୀ କରୁଛନ୍ତି। ଏଥିପାଇଁ ୨୦୧୫-୧୬ରୁ ୨୦୧୯-୨୦ ଯାଏ ୨୧୧୪୧.୬୯ ଲକ୍ଷ ଟଙ୍କାର ବଜେଟ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ବଜେଟରେ ୩୯୮୨୯.୫୯ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏବେ ଏହି ଯୋଜନାରେ ନୂତନ ନୀତି ଓ ଆଭିମୁଖ୍ୟ ପ୍ରଣୟନ କରାଯାଇଛି। ମାତୃ ଓ ଶିଶୁମାନଙ୍କର ସମ୍ଭାବ୍ୟ ବିପଦକୁ ଏଡାଇବାକୁ ରେଡ୍‌କାର୍ଡ, ଦୁର୍ଗମ ଅଞ୍ଚଳକୁ ପରିବହନ ସୁବିଧା ଆଦି କରାଯାଇଛି। ପରିବହନ ପାଇଁ ଗର୍ଭବତୀ ମହିଳାଙ୍କୁ ୧ ହଜାର ଏବଂ ଦୈନିକ ଭତ୍ତା ୫୦ ଟଙ୍କା ବ୍ୟବସ୍ଥା କରାଯାଇଛି। ଦୁର୍ଗମ ଅଞ୍ଚଳରୁ ଗର୍ଭବତୀମାନଙ୍କ ପରିବହନ ପାଇଁ ୯୨ଟି ବାଇକ ଆମ୍ବୁଲାନ୍ସ କରାଯାଇଛି। ଏଥିପାଇଁ ୩୯୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ପୂର୍ବରୁ ଏଥିପାଇଁ ୨୧୧.୪ କୋଟି ବ୍ୟବସ୍ଥା ଥିଲା। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ରାଜ୍ୟ ସରକାର ସ୍ୱାସ୍ଥ୍ୟ ସହାୟ ଯୋଜନାରେ ଆସନ୍ତା ୫ ବର୍ଷ ପାଇଁ ୬୬୨୨.୮୨ ଲକ୍ଷ ଟଙ୍କା ବ୍ୟୟବରାଦ କରିଥିଲେ। ଆଶା କଲ୍ୟାଣ ଯୋଜନାରେ ୬୬୨୨.୧୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଆଶାକର୍ମୀମାନଙ୍କୁ ସହାୟତା ଯୋଗାଇବା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଏହି ରାଶିକୁ ୫୧୭୪୧.୭୮ କୋଟିକୁ ବୃଦ୍ଧି କରାଯାଇଛି। ସେଥିରୁ ୨୪୦୯୨.୬୦ ଲକ୍ଷ ଟଙ୍କା ଡିଏମଏଫ୍‌ରୁ ଏବଂ ଅବଶିଷ୍ଟ ୨୭୬୪୯୯୪.୧୮ ଲକ୍ଷ ଟଙ୍କା ରାଜ୍ୟ ବଜେଟରୁ ଭରଣା କରାଯିବ। ଏ ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି। ଏହି ଅର୍ଥରେ ଆଶାକର୍ମୀଙ୍କୁ ମାସିକ ପାରିଶ୍ରମିକ ୨ ହଜାର, ପ୍ରସୂତିକାଳୀନ ସୁବିଧା ବାବଦକୁ ୬ ମାସ ପାଇଁ ୧ ହଜାର ଏବଂ ୫ ବର୍ଷ ପାଇଁ ଛତା, ଚପଲ, ଆଲମିରା, ଟର୍ଚ୍ଚ ଆଦି ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ।

ରାଜ୍ୟ ସରକାର ଓଡିଶା ଶିଶୁ ଓ ମହିଳା ସେବା ନିୟମ ୨୦୧୮ରେ ସଂଶୋଧନ କରିଛନ୍ତି। ଏଣିକି କନିଷ୍ଠ ବର୍ଗ ସେବା( ପରିଦର୍ଶିକା ପଦବୀ)ରେ ନିଯୁକ୍ତି ପାଇଁ ସମଗ୍ର କ୍ୟାଡର ସଂଖ୍ୟାର ୪୭ ପ୍ରତିଶତ ନିଯୁକ୍ତି ପ୍ରକ୍ରିୟା ଦ୍ୱାରା, ୩ ପ୍ରତିଶତ ଗ୍ରାମସେବିକାମାନଙ୍କ ମଧ୍ୟରୁ ପଦୋନ୍ନତିଭିତ୍ତିରେ ଏବଂ ୫୦ ପ୍ରତିଶତ ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରୁ ଚୟନ ପ୍ରକ୍ରିୟା ମାଧ୍ୟମରେ ପୂରଣ କରାଯିବ। ବର୍ତ୍ତମାନ ଗ୍ରାମ ସେବିକା ମାନଙ୍କର ପଦୋନ୍ନତି କିମ୍ବା ଅବସର ପରେ ୩ ପ୍ରତିଶତ ଖାଲି ପଦବୀରେ ସିଧା ସଳଖ ନିଯୁକ୍ତି କରାଯିବ। ଅବଶିଷ୍ଟ ୩ ପ୍ରତିଶତ ପଦବୀ ସହିତ ୪୭ ପ୍ରତିଶତ ପଦବୀ ଯୋଗ ହୋଇଯିବ।

## ୧୨୦ ନୁହେଁ ...

ପ୍ରଥମ ପୃଷ୍ଠାରୁ...



ସାଲେପୁର ନିକଟ କୁଳିଆ ପଡ଼ିଆରେ ଅନୁଷ୍ଠିତ ଭାଜପାର ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କ ସମ୍ମିଳନୀରେ ଯୋଗଦେଇଥିବା କର୍ମୀ ଓ ଅନ୍ୟମାନେ ।

ଅର୍ଥ କମିଶନରେ ଓଡ଼ିଶାକୁ ୭୯ହଜାର କୋଟି ଟଙ୍କା ମିଳିଥିଲା। କିନ୍ତୁ ମୋଦିଙ୍କ ସରକାର ସମୟରେ ଓଡ଼ିଶାକୁ ୨ ଲକ୍ଷ ୧୧ହଜାର ୫୧୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଛି। ମୋଟାମୋଟି ଭାବେ ମୋଦି ସରକାର ଓଡ଼ିଶାକୁ ୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିବା ଶାହ କହିଥିଲେ। ସେହିପରି ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ପୂର୍ବରୁ ଉଦ୍ୟୋଗପତିଙ୍କ ଆକାଉଣ୍ଟକୁ ଯାଉଥିଲା। ମାତ୍ର ମୋଦି ସରକାର ଏହି ଟଙ୍କାକୁ ଆଦିବାସୀଙ୍କ କଲ୍ୟାଣରେ ବିନିଯୋଗ କରିଛନ୍ତି। ସେ ଏପରି ଜଣେ ପ୍ରଧାନମନ୍ତ୍ରୀ, ଯିଏ କି ୭୦ ବର୍ଷ ପରେ ଦେଶର ଆଦିବାସୀଙ୍କ ଘରେ ପାଇଖାନା, ବିଜୁଳି ଓ ଗ୍ୟାସ ପହଞ୍ଚାଇବାର ବ୍ୟବସ୍ଥା କରିଛନ୍ତି ବୋଲି ଶାହ କହିଥିଲେ। ବିଜେଡି ଓ କଂଗ୍ରେସ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଦୀର୍ଘଦିନ ଧରି ଏହି ଦୁଇ ଦଳ ଓଡ଼ିଶାକୁ ଶାସନ କରିଛନ୍ତି। ମାତ୍ର ଓଡ଼ିଶାର ବିକାଶ କରିପାରି ନାହାନ୍ତି। ୫ ବର୍ଷ ପାଇଁ ମୋଦିଙ୍କୁ ସୁଯୋଗ ଦେଲେ ଓଡ଼ିଶା ଏକ ନମ୍ବର ହୋଇପାରିବ। ମୋଦି ଯେପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବେ ପୁଣି ଥରେ ଶପଥ ନେଇନାହାନ୍ତି ସେପର୍ଯ୍ୟନ୍ତ ଭାଜପା କାର୍ଯ୍ୟକର୍ତ୍ତାମାନେ ଅକ୍ଳାନ୍ତ ପରିଶ୍ରମ ଜାରି ରଖିବାକୁ ସେ କହିଥିଲେ।

ଆରମ୍ଭରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ନିକଟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି କହିଥିଲେ ଯେ, ଏଠାକାର ସରକାରଙ୍କ ରିମୋଟ୍ ମୋଦିଙ୍କ ହାତରେ ରହିଛି। ମାତ୍ର ତାହା ଭୁଲ। ଏଠାକାର ସରକାରଙ୍କ ରିମୋଟ୍ ଖଣି ମାଫିଆମାନଙ୍କ ହାତରେ ଥିବା ଧର୍ମେନ୍ଦ୍ର କହିଥିଲେ। ଏଠାରେ ପିପିପି ମୋଡ୍‌ରେ ସରକାର ଚାଲିଥିବା ଧର୍ମେନ୍ଦ୍ର କଟାକ୍ଷ କରିଥିଲେ। ଶିକ୍ଷକଙ୍କୁ ଦରମା ଦେବାକୁ ସରକାରଙ୍କ ପାଖରେ ଟଙ୍କା ନ ଥିବାବେଳେ ସଲମାନ ଖାନ୍ ଓ ଶାହରୁଖ ଖାନ୍‌ଙ୍କୁ ଆଣି ନଚାଇବାକୁ ପଇସା ଥିବା କହିଥିଲେ। ଏବେ ରାଜ୍ୟ ସରକାରଙ୍କୁ ହିସାବ ଦେବା ସମୟ ଆସିଥିବା ଧର୍ମେନ୍ଦ୍ର କହିଥିଲେ। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ୮ହଜାର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ମଧୁବାବୁଙ୍କ ଭିଟାମାଟି ଦେଖି ମୁଁ ଆନନ୍ଦିତ:ଶାହ

ସାଲେପୁର,୨୯।୧(ଡି.ଏନ.ଏ.):

ମଧୁବାବୁଙ୍କ ସ୍ୱପ୍ନର ଉତ୍କଳ ଆଗାମୀ ଶତାବ୍ଦୀ ପାଇଁ ଦେଶରେ ପ୍ରେରଣାଦାୟୀ ହେବ। ଓଡ଼ିଆ ଭାଷା ଓ ଓଡ଼ିଆଙ୍କ ବୀରତ୍ୱର କାହାଣୀ ପାଇଁ ଓଜସ୍ୱୀ ହୋଇଥିବା ମଧୁବାବୁଙ୍କ ପୈତୃକ ଭିଟାମାଟି ଦେଖି ମୁଁ ଆନନ୍ଦିତ ଓ ଗୌରବାନ୍ୱିତ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କହିଛନ୍ତି। ଯେଉଁ ମାଟିରେ ମହାପୁରୁଷ ଭାଷା, ଶିକ୍ଷା ଓ ମହିଳା କଲ୍ୟାଣର ମୁଖ୍ୟ ବିଧାଣି ସାଜି ଓଡ଼ିଆଙ୍କ ଗୌରବ ଓ ଚେତନା ପ୍ରତି ସମର୍ପିତ ଥିଲେ, ସେ ବୀରମାଟି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ମଧୁବାବୁଙ୍କ ନୀତି ଆଦର୍ଶରେ ଓଡ଼ିଆ ଭାଷାର ଗୌରବ ପାଇଁ ସମୃଦ୍ଧ ଉତ୍କଳ ଯେମିତି ସମର୍ପିତ ଓ ପ୍ରତିଜ୍ଞାବଦ୍ଧ ସେହିଭଳି ଭାରତୀୟ ଜନତା ପାର୍ଟି ପ୍ରୟାସ କରିବ ବୋଲି କଟକ ଜିଲା ସାଲେପୁର ବ୍ଲକ ଅଧୀନ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରକୁ ମଙ୍ଗଳବାର ଶାହ ପରିଦର୍ଶନ କରି ଗଣମାଧ୍ୟମକୁ ଏକଥା କହିଥିଲେ। ଏହି ଅବସରରେ ଶାହ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଓ ତାଙ୍କ ଅନ୍ତୁଡ଼ିଶାଳରେ ଥିବା ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ମଧୁବାବୁଙ୍କ ବିଭିନ୍ନ ଫଟୋଚିତ୍ରକୁ ବୁଲି ଦେଖି ଆନନ୍ଦ ପ୍ରକାଶ କରିଥିଲେ। ଏହାପରେ ସେ ସେଠାରେ ଥିବା ପରିଦର୍ଶିକା ପଞ୍ଜିକାରେ ମଧୁବାବୁଙ୍କ ଅବଦାନ ସମ୍ପର୍କରେ ନିଜସ୍ୱ ଅନୁଭୂତି ଉଲ୍ଲେଖ କରିଥିଲେ। ଶେଷରେ ସେ କସ୍ତୁରବା ଟ୍ରଷ୍ଟ ଅଧୀନରେ ଅଧ୍ୟୟନରତ କୁନିକୁନି ପିଲାଙ୍କୁ ପୁସ୍ତକ ବଣ୍ଟନ କରିଥିଲେ। ଶାହଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ ସାହୁ, ବରିଷ୍ଠ ନେତା ନୟନ ମହାନ୍ତି,



ମଧୁବାବୁଙ୍କ ଜନ୍ମପୀଠରେ ଥିବା ପ୍ରତିମୂର୍ତ୍ତିରେ ଅମିତ୍ ଶାହ ମାଲ୍ୟାର୍ପଣ କରୁଛନ୍ତି ।

ବିଜନ୍ ଶତପଥୀ, ଯୁବନେତା ରଶ୍ମିରଞ୍ଜନ ଲେଙ୍କା ଓ ବିଷ୍ଣୁ ଦାସଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶାହ ଗୋପୀନାଥପୁର ଖେଳପଡ଼ିଆଠାରେ ହେଲିକପ୍ଟରରୁ ଓହ୍ଲାଇ ମଧୁବାବୁଙ୍କ ଜନ୍ମପୀଠକୁ ଯାଇଥିଲେ। ମଧୁବାବୁଙ୍କ ଜନ୍ମପୀଠର ବିକାଶ ପାଇଁ କ'ଣ କରିବେ ବୋଲି ଖବରଦାତାମାନେ ପଚାରିବାରୁ ଶାହ ତାହାକୁ ଏଡ଼ାଇ ଯାଇଥିଲେ। ଫଳରେ ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## କୋରାପୁଟ : କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଇସ୍ତଫା

ଭୁବନେଶ୍ୱର,୨୯।୧(ବ୍ୟୁରୋ):

କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଥିବା ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟକୁ ପଠାଇଛନ୍ତି। ଏହାର ଅନୁମୋଦନ ପାଇଁ ଏହି ପତ୍ର ରାଷ୍ଟ୍ରପତି ଭବନକୁ ପଠାଯାଇଥିବା ସୂତ୍ରରୁ ପ୍ରକାଶ। ସଚ୍ଚିଦାନନ୍ଦଙ୍କୁ ୫ ବର୍ଷ ପାଇଁ କୁଳପତି ପଦରେ ନିଯୁକ୍ତ କରାଯାଇଥିଲା। ହେଲେ କାର୍ଯ୍ୟକାଳ ସରିବାର ୨ ବର୍ଷ ପୂର୍ବରୁ ତାଙ୍କ ଇସ୍ତଫା ଆଲୋଚ୍ୟ ବିଷୟ ହୋଇଛି। ନିଜ କାର୍ଯ୍ୟକାଳ ମଧ୍ୟରେ ସଚ୍ଚିଦାନନ୍ଦ ବିବାଦୀୟ ହୋଇପଡିଥିଲେ। ତାଙ୍କ ବିରୋଧରେ ଅତୀତରେ ଛାତ୍ର ଅସନ୍ତୋଷ ମଧ ଦେଖା ଦେଇଥିଲା। ବ୍ୟକ୍ତିଗତ ସମସ୍ୟା କାରଣରୁ ସେ ଇସ୍ତଫା ଦେଇଥିବା ଜଣାପଡିଛି।

## ଭାନୁପ୍ରତାପଙ୍କ ଉପରୁ ନିଲମ୍ବନ ଉଠିଲା

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ନୂଆପଡ଼ା ଜିଲାର ଜିଲା ପରିଷଦ ସଭ୍ୟ ଭାନୁପ୍ରତାପ ସିଂହ ମାଝିଙ୍କ ନିଲମ୍ବନ ଆଦେଶକୁ ବିଜେଡି ପ୍ରତ୍ୟାହାର କରିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦେଶକ୍ରମେ ଏହା କରାଯାଇଛି। ଏନେଇ ମଙ୍ଗଳବାର ଦଳ ପକ୍ଷରୁ ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି।

ଧରିତ୍ରୀ CAREER APPOINTMENT
every Wednesday & Saturday

UNITED GROUP, Bhubaneswar, Requires the following vacancies
1) ACCOUNTS EXECUTIVES: B.Com. with Tally knowledge.
2) SALES ENGINEER: ITI/DIPLOMA in ele/ mech engg with two years experience in mechanical field.
3) DRIVER: 10th pass with 3 years experience in driving.
4) OFFICE ASSISTANT: 12th Pass.
Apply with complete Resume in the mail id: unitedstore1970@gmail.com within 7 days.
Also Contact: 7978585244

WALK IN INTERVIEW
TEACHER
(F)-18 Nos.)-11K,
Sub: Mathematics, Science., English.
CBSE/ICSE: VIII, IX, X,
VENUE: BRIT, 17-Satyanagar,
Mob: 8480743398, 8249903099
D.O.I.: 31.01.2019, Time: 11.00 AM- 1.00 PM

ଧରିତ୍ରୀ DHARITRI is looking for
LAYOUT DESIGNERS
• Minimum 3 years+ experience in news dailies.
• Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 10 days to:
recruitment@dharitri.com
Pay & perks will be the best in the industry for deserving candidates.

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07289962847

APPOINTMENT
01. GENERAL MANAGER-01 (Construction Housing).
02. ENGINEER CIVIL-01 (Experience over Building Project).
03. MARKETING EXECUTIVE-05 (Construction Work).
Contact: 9777251369

ଆବଶ୍ୟକ
ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଅଭିଜ୍ଞତା ଥିବା ମହିଳା/ଝିଅ ଆବଶ୍ୟକ। ଆକର୍ଷଣୀୟ ଦରମା ସହ ରହିବା ଓ ଖାଇବାର ସୁବିଧା ଅଛି।
Contact : 9937003185

REQUIRED
ACCOUNTANT knowing Tally ERP
SALES EXECUTIVE for Hardware Fittings.
Apply with biodata to Email: yashviagencies@hotmail.com
Mob: 9556284974

Urgently Required
Bhubaneswar based Timber Company required 4 Nos. Managers having Graduate or +2 Qualification, Driver- 2 Nos.
Please Contact: Hota Associates, VSS Nagar, Bhubaneswar.
Ph: 9583576928

REQUIREMENT
A reputed Real Estate Company Requires:
1) MARKETING (Male/ Female)
2) RECEPTIONIST CUM TELECALLER (Female)
3) OFFICE BOY (Male)
Contact: 0674-2433507, 8763040756

ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଏବଂ ଘର କାମ କରିବା ପାଇଁ ଅଭିଜ୍ଞତା ଥିବା ସ୍ତ୍ରୀଲୋକ/ଝିଅ ଆବଶ୍ୟକ। ରହିବା, ଖାଇବା ସୁବିଧା ଅଛି।
ସମ୍ପର୍କ କରନ୍ତୁ:
8114721727

URGENT REQUIRED
•Front Office Exe. (F), •Exp. Teacher (F) with good communication skill, •ଆୟା (F), •Mkt. Exe (M/F), •Art, Dance Teacher ଆବଶ୍ୟକ।
Cont.- BB PRE-SCHOOL Rajeevnagar (Near Patia Rly. Station) BBSR. Ph: 9439295439

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above.
Monthly Salary upto Rs.27000/-.
(Part Time/Full Time)
Contact: 9938676412

ସାଉଥ୍ ଇଣ୍ଡିଆନ୍ ଟିଫିନ୍ ସେଣ୍ଟର ପାଇଁ ମିସ୍ତ୍ରୀ ଏବଂ ହେଲ୍‌ପର ଆବଶ୍ୟକ। ମାସିକ ଦରମା ମିସ୍ତ୍ରୀର 6000ରୁ 7000 ପର୍ଯ୍ୟନ୍ତ। ହେଲ୍‌ପରର ଦରମା 3000ରୁ 4000 ପର୍ଯ୍ୟନ୍ତ। ରହିବା ସୁବିଧା ଅଛି। 5 ବର୍ଷର ଅଭିଜ୍ଞତା ଥିବା ଦରକାର। Biodata ସହିତ ଯୋଗାଯୋଗ କରନ୍ତୁ ଏହି ନମ୍ବରରେ-
Mob: 9937138280, 7978895177

JOBS IN AIRPORT (ONLY MALE)
Post: GROUND STAFF
➡ Qual. : 9th Pass,10th & +2
➡ Age : 18 To 28 Years
➡ Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708313, 7077708315

ନିଃଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

PADMALAYA BOOK STORE, BBSR
Salesman, Store Keeper. Qualf : 8th to +3. Accommodation free - 9437026922

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

REQUIRED
Beautician for a reputed Beauty Parlour at Niladrivihar, Bhubaneswar.
Contact:
9438396349

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା- 27,000/-, ଶିକ୍ଷାଗତ ଯୋଗ୍ୟତା-8th to 10th & above.
Contact: 8339922964

Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 9

## CLASS-X (MATHEMATICS)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

***i.*** ***All questions are compulsory. There are 26 questions in all.***

***ii.*** ***This question paper has five sections : Section A, Section B, Section C and Section D and Section E.***

***iii.*** ***Section A contains five questions of one mark each, Section B contains five questions of two marks each, Section C contains twelve questions of three marks each, Section D contains one value based question of four marks and Section E contains three questions of five marks each.***

***iv.*** ***There is no overall choice. However, an internal choice has been provided in one question of two marks, one question of three marks and all the three questions of five marks weightage. You have to attempt only one of the choices in such questions.***

### SECTION-A

**1.** The HCF of 45 and 105 is 15. Write their LCM.

**2.** If 1 is a zero of the polynomial $p(x) = ax^2 - 3(a - 1)x - 1$, then find the value of a.

**3.** Write the next term of A.P. $\sqrt{8}, \sqrt{18}, \sqrt{32}$ ..........

**4.** Find the distance between the points, A(2a, 6a) and $B\left(2a+\sqrt{3}a,\ 5a\right)$

**5.** If cos $\cos A = \frac{7}{25}$, find the value of tan A + cot A.

**6.** Two coins are tossed simultaneously. Find the probability of getting exactly one head.

### SECTION-B

**7.** Find teh [HCF] x [LCM] for the numbers 105 and 120.

**8.** If $x = \frac{2}{3}$ and x = –3 are roots of teh quadratic equation $ax^2 + 7x + b = 0$, find the values of a and b.

**9.** For what value of k will the following pair of linear equations have no solution ?

$2x + 3y = 9;\ 6x + (k - 2)y = (3k - 2)$

**10.** A circle touches all the four sides of a quadrilateral ABCD. Prove that AB + CD = BC + DA.

**11.** In a $\Delta ABC$, right angled at A, if $\tan C = \sqrt{3}$, find the value of sin B cos C + cos B sin C.

**12.** Find the area of a quadrant of a circle, where the circumference of circle is 44 cm. $\left[\text{Use } \pi = \frac{22}{7}\right]$

### SECTION-C

**13.** Prove that $2 - 3\sqrt{5}$ is an irrational number.

**14.** Solve the following pair of linear equations for x and y:

$$\frac{b}{a}x + \frac{a}{b}y = a^2 + b^2$$

$$x + y = 2ab$$

**15.** Solve for x : $2x^2 + 6\sqrt{3}x - 60 = 0$

**16.** In the given figure, two triangles ABC and DBC lie on the same side of base BC. P is a point on BC such that PQ || BA and PR || BD. Prove that QR || AD




**17.** In the given figure, a triangle PQR is drawn to circumscribe a circle of radius 6 cm such that the segments QT and TR into which QR is divided by the point of contact T, are of length 12 cm and 9 cm respectively. If the area of $\Delta PQR$ = 189 cm², then find the length of sides PQ and PR.




**18.** Prove that: $\sec^2\theta - \frac{\sin^2\theta - 2\sin^4\theta}{2\cos^4\theta - \cos^2\theta} = 1$

**19.** In the given figure, $AD \perp BC$ and $BD = \frac{1}{3}CD$. Prove that $2CA^2 = 2AB^2 + BC^2$.




**20.** An aeroplane, when flying at a height of 4000 m from the ground passes vertically above another aeroplane at an instant when the angles of elevation of the two planes from the same point on the ground are 60° and 45° respectively. Find the vertical distance between the aeroplanes at that distant. (Use $\sqrt{3} = 1.73$)

**21.** In the given figure, a sector OAP of a cycle with centre O, containing $\angle\theta$ is shown. AB is perpendicular to the radius OA and meets OP produced at B. Prove that the perimeter of shaded region is $r\left[\tan\theta + \sec\theta + \frac{\pi\theta}{180} - 1\right]$




**22.** Two dice are rolled once. Find the probability of getting such numbers on the two dice, whose product is 12.

### SECTION-D

**23.** Places A and B are 100 km apart on a highway. One car starts from A and another from B at the same time. If the cars travel in the same direction at different speeds, they meet in 5 hours. If they travel towards each other, they meet in 1 hour. What are the speeds of the two cars ?

**24.** Two taps running together can fill a tank in $3\frac{1}{13}$ hours. If one tap takes 3 hours more than the other to fill the tank, then how much time will each tap take to fill the tank ?

**25.** If the points A(k + 1, 2k), B(3k, 2k + 3) and C(5k – 1, 5k) are collinear, then find the value of k.

**26.** Prove the following: $\frac{\tan A}{1 - \cot A} + \frac{\cot A}{1 - \tan A} = 1 + \tan A + \cot A$

**27.** Prove that, in a right triangle, the square of the hypotenuse is equal to the sum of squares of the other two sides. Using the above, prove the following:

In a $\Delta ABC$, if AD is perpendicular to BC, then $AB^2 + CD^2 = AC^2 + BD^2$.

**28.** If the sum of the first 7 terms of an A.P. is 119 and that of the first 17 terms is 714, find the sum of its n terms.

**29.** From a solid cylinder of height 2.8 cm and diameter 4.2 cm, a conical cavity of the same height and same diameter is hollowed out. Find the total surface area of the remaining solid. $\left[\text{Take } \pi = \frac{22}{7}\right]$

**30.** Find the mean, mode and median of the following data.

| Class | Frequency |
|---|---|
| 0 – 10 | 5 |
| 10 – 20 | 10 |
| 20 – 30 | 18 |
| 30 – 40 | 30 |
| 40 – 50 | 20 |
| 50 – 60 | 12 |
| 60 – 70 | 5 |

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION

NATIONAL ADMISSION cum SCHOLARSHIP TEST ON 2nd FEBRUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.

Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଫେବୃୟାରୀ ମାସର କୃଷିସୂଚନା

**ଡାଲୁଅ ଧାନ :** ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ। ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ।

-କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ପତ୍ରରେ ସିଞ୍ଚନ କରନ୍ତୁ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ।

**ମକା :** ଲଗାଇବାର ୨୧ ଦିନ ପରେ କୋଡ଼ାଖୁସା କରି ଗଛମୂଳେ ମାଟିଦେବା ଦରକାର।

- ଫସଲ ବୁଣିବାର ୩୫ରୁ ୪୫ ଦିନ ମଧ୍ୟରେ ଥିବା କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୩୫ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ।

**ଡାଲି ଜାତୀୟ ଫସଲ–**

-ଖରାଦିନେ ଅଧିକ ଅମଳକ୍ଷମ ଡାଲିଜାତୀୟ ଫସଲ ଯଥା– **ମୁଗ କିସମ:** ଆଇ.ପି.ଏମ୍.-୦୨-୧୪ (୬୫ ଦିନ), ଆଇ.ପି.ଏମ୍.-୦୨-୩ (୬୫ ଦିନ), ପି.ଡି.ଏମ୍-୧୧ (୬୫ ଦିନ), ପି.ଡି.ଏମ୍.-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ରୁ ୬୫ ଦିନ) ଓ **ବିରି କିସମ:** ଶାରଳା (୬୫ରୁ ୭୦ ଦିନ), ପି.ୟୁ.-୩୧ (୭୦ ଦିନ), ପି.ୟୁ.-୩୦ (୬୫ରୁ ୭୦ ଦିନ), ପି.ୟୁ.-୩୫ (୬୫ରୁ ୭୦ ଦିନ), ପି.ୟୁ-୧୯(୬୫ରୁ ୭୦ ଦିନ) ବିହନ ସଂଗ୍ରହ କରି ଜମିରେ ବୁଣନ୍ତୁ।

-ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ବିହନକୁ ବିଶୋଧନ କରି ବୀଜାଣୁ କଲ୍‌ଚର ଉପଚାର କରି ଧାଡ଼ିରେ ବୁଣନ୍ତୁ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦାମ:** ଏହି ଫସଲରେ ବିହାରୀ ଶଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡ଼ା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ :** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରଦିଅନ୍ତୁ। ଖରାଦିନିଆ ରାଶିକୁ ଫେବୃୟାରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ। ହେକ୍ଟର ପ୍ରତି ୭.୫ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ।

ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ଅମ୍ରିତ୍ (୭୫ ଦିନ), କନକ (୮୫ ଦିନ), କାଳିକା (୮୫ ଦିନ), ଉମା (୭୫ରୁ ୮୦ ଦିନ), ବିନାୟକ (୮୫ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ରୁ ୮୦ ଦିନ ) ଓ ଉଷା (୭୫ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ :** ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ।

-ପତ୍ରକଟା ପୋକ ଦମନ ଲାଗି ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ସିଞ୍ଚନ କରନ୍ତୁ।

-ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ।

**ଆଖୁ :** ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ।

**ପନିପରିବା :** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ସକାଶେ ଏକ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଳୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଅମଳ କରନ୍ତୁ। ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ। ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ। ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ। ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ।

**ଭେଣ୍ଡି :** କିସମ – ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪।

- ଲଗାଇବା ଦୂରତା ୬୦ ସେ.ମି. X ୩୦ ସେ.ମି.।

- ସାର ପ୍ରୟୋଗ: ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଆବଶ୍ୟକ।

- ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ।

- ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

- ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ଭେଣ୍ଡି ଗଛରେ ଫୁଲ ହେବାର ୭-୮ ଦିନ ପରେ ଫଳଗୁଡ଼ିକ ପାକଳ ହୋଇଥାଏ। ଏହି ସମୟରେ ଫଳ ତୋଳନ୍ତୁ। ପ୍ରତି ୨-୩ ଦିନରେ ଥରେ ତୋଳିବା ଉଚିତ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଏବଂ ଫଳ ବୁଢ଼ା ହୋଇଯାଇଥାଏ।



**ପୋଟଳ:** ପୋଟଳ ଫସଲରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁ.ପି. କିମ୍ବା ମେଟାଲାକ୍‌ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

**ଅଦା ଓ ହଳଦୀ :** ଅଦା ଓ ହଳଦୀ ଫସଲ ଅମଳ ସକାଶେ ଏହା ପ୍ରକୃଷ୍ଟ ସମୟ। ଜମିର ବତର ଦେଖି ଫସଲ ଅମଳ କରନ୍ତୁ ।

**ଫୁଲଚାଷ :** ସେରାକଲ କିସମର ଗେଣ୍ଡୁ ଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ସଢ଼ା ଗୋବରଖତ ସହିତ ୨୦୦ କି.ଗ୍ରା. ଯବକ୍ଷାରଜାନ, ୨୦୦ କି.ଗ୍ରା. ଫସ୍‌ଫରସ୍ ଏବଂ ୨୦୦ କି.ଗ୍ରା. ପଟାସ୍ ଆବଶ୍ୟକ।

- ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହିତ ମାଟିରେ ପ୍ରୟୋଗ କରନ୍ତୁ।

- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ।

- ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ।

- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ଲାଗି ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡ଼ାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ଗୁଣ୍ଡ ପ୍ରୟୋଗ କରନ୍ତୁ।

**ଗୋପାଳନ :** ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ। ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ। ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ। ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନାଖର୍ଚ୍ଚ କମାଇବା ସହ ଗାଈଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ।

**ଛେଳି ପାଳନ :** ଛେଳିଙ୍କୁ ଏଣ୍ଟରୋଟକ୍‌ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ। ଏହାର ପ୍ରତିକାର ସକାଶେ ଏଣ୍ଟରୋଟକ୍‌ସିମିଆ ଟିକା ଦିଅନ୍ତୁ।

**– କୃଷି ବୈଷୟିକ ସୂଚନା କେନ୍ଦ୍ର**
**ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
**ଓୟୁଏଟି, ଭୁବନେଶ୍ୱର**

## ବାର୍ଡଫ୍ଲୁର ଲକ୍ଷଣ

- ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବାର ସୂଚନା ମିଳିଥାଏ।

- କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଙ୍ଘାଣି ବାହାରିବା



ସହିତ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

## ଖରାଦିନିଆ ପନିପରିବା

ଖରାଦିନିଆ ପନିପରିବା ଯଥା : କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ। ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଉନ୍ନତ କିସମ : ସୁଗାର ବେବି।

- ଅଦିନିଆ ପନିପରିବା ହିସାବରେ ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜର ଚାଷ ସକାଶେ ଉନ୍ନତ ମାନର ମଞ୍ଜି ସଂଗ୍ରହ କରି ଚାରା ଲାଗି ପଟାଳି ପ୍ରସ୍ତୁତ କରନ୍ତୁ। ଚାରା ରୋପଣ ପାଇଁ ଜମି ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ କରନ୍ତୁ।



# ଓଡ଼ିଶାର ଆଦିବାସୀ କୃଷକ ଓ କୃଷି

(ଦ୍ୱିତୀୟ ଭାଗ)

ରାସାୟନିକ ସାରର ବ୍ୟବହାର ଓ ଫସଲର ରୋଗପୋକ ଆଦିର ନିରାକରଣ ଆଦିବାସୀ ଚାଷୀଙ୍କୁ ଜଣାନାହିଁ। କୃଷି ବିଶ୍ୱବିଦ୍ୟାଳୟରୁ ବାହାରିଥିବା ଉନ୍ନତ ଏବଂ ଅଧିକ ଅମଳକ୍ଷମ କିସମ ବିହନ ଆଦିବାସୀ ଚାଷୀମାନଙ୍କ ପାଖରେ ପହଞ୍ଚି ପାରିନାହିଁ। ଯାନ୍ତ୍ରିକ କୃଷିର ବ୍ୟବହାର ଏମାନଙ୍କୁ ଅଜଣା। ଦେଶୀ କାଠ ଲଙ୍ଗଳ ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଅନ୍ୟାନ୍ୟ ଦେଶୀୟ କୃଷି ଯନ୍ତ୍ରପାତି ଦ୍ୱାରା ଚାଷ କରନ୍ତି। ଉପରୋକ୍ତ କାରଣଗୁଡ଼ିକରୁ ଫସଲ ଅମଳ ଆଶାନୁରୂପ ଠାରୁ ଯଥେଷ୍ଟ କମ୍।

ଫଳ ଚାଷ କହିଲେ ମୁଖ୍ୟତଃ ଦେଶୀ କିସମର ଆମ୍ବ ଓ ପଣସକୁ ବୁଝାଏ। କେତେକ ସ୍ଥଳରେ ପାହାଡ଼ ପାଦଦେଶରେ ଆଦିବାସୀମାନେ ସପୁରି ଚାଷ କରିଥାନ୍ତି। ବାହାର ବ୍ୟବସାୟୀମାନେ ଏହି ସବୁ ଫଳକୁ ସ୍ୱଳ୍ପ ମୂଲ୍ୟରେ କିଣି ନେଇ ଚଢ଼ା ଦରରେ ବଜାରରେ ବିକ୍ରିକରି ଲାଭବାନ୍ ହୁଅନ୍ତି। ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଜିଲାଗୁଡ଼ିକର ମୃତ୍ତିକା ଓ ଜଳବାୟୁ ଉନ୍ନତ କିସମ ଆମ୍ବ ଯଥା ଆମ୍ରପଲ୍ଲି, ଲାଟସୁନ୍ଦରୀ ଓ ନିଲମ ପାଇଁ ଉପଯୁକ୍ତ। ତେଣୁ ଏସବୁ ଆମ୍ବ କିସମର କଲମି ଚାରା ଆଦିବାସୀ ଚାଷୀଙ୍କୁ ଯୋଗାଇ ଆମ୍ବ ବିକ୍ରିବଟାର ବ୍ୟବସ୍ଥା ହେଲେ, ଚାଷୀମାନେ ବହୁ ଉପକୃତ ହେବେ। ଆଦିବାସୀ ଜିଲାଗୁଡ଼ିକରେ ଫଳ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାରର ସୁବିଧା ପ୍ରାୟ ନାହିଁ। ଫଳରୁ ବିଭିନ୍ନ ସଂରକ୍ଷିତ ପଦାର୍ଥ ଯଥା ଆଚାର, ଫଳରସ, ସସ୍, ଜେଲି, ଆମ୍ବଶଢ଼ା ଆଦିର ପ୍ରସ୍ତୁତି ପ୍ରଣାଳୀ ଆଦିବାସୀଙ୍କୁ ଅଜଣା। ତେଣୁ ଜଙ୍ଗଲର ଅନେକ ଫଳ ପଚି ନଷ୍ଟ ହୁଏ। ଆଦିବାସୀ ଜିଲାରେ ଫଳରୁ ବିଭିନ୍ନ ସଂରକ୍ଷଣ ପଦାର୍ଥ ପ୍ରସ୍ତୁତି ପାଇଁ କ୍ଷୁଦ୍ର କୁଟୀରଶିଳ୍ପ ପ୍ରତିଷ୍ଠା ହେଲେ ଚାଷୀମାନେ ଯଥେଷ୍ଟ ଲାଭବାନ ହୋଇପାରିବେ।

ଆଦିବାସୀ କୃଷକଙ୍କର ଗୃହପାଳିତ ପ୍ରାଣୀ କହିଲେ ମୁଖ୍ୟତ ଦେଶୀ କିସମ ଗାଈ, ମଇଁଷି, ଘୁଷୁରି ଓ କୁକୁଡ଼ା ଆଦିକୁ ବୁଝାଏ। ଆଦିବାସୀମାନେ ମୁଖ୍ୟତଃ ମାଂସ ପ୍ରିୟ। ଏମାନେ ଜଙ୍ଗଲରୁ ବାର୍‌ହା, ଠେକୁଆ, କୁଟୁରା, ଗୁଣ୍ଡୁଚିମୂଷା ଆଦି ମାରି ଖାଆନ୍ତି। ଏଥିରୁ ନିବୃତ୍ତ ହେବାଲାଗି ଆଦିବାସୀ କୃଷକଙ୍କୁ ଉନ୍ନତ କିସମ ଘୁଷୁରି, ଠେକୁଆ ଓ କୁକୁଡ଼ା ଯୋଗାଇ ଏହାର ଚାଷ ପ୍ରଣାଳୀ ଶିକ୍ଷା ଦେବା ଆବଶ୍ୟକ। ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା ଓ ରାୟଗଡ଼ା ଜିଲାର ଅଭ୍ୟନ୍ତରରେ ବସବାସ କରୁଥିବା ଅନେକ ଭୂମିହୀନ ଆଦିବାସୀ ପୋଡୁ ଚାଷ କରି ଜଙ୍ଗଲକୁ ନଷ୍ଟ କରନ୍ତି। ପାହାଡ଼ର ପାଦଦେଶରେ ଥିବା ଜଙ୍ଗଲକୁ ପୋଡ଼ି ମାଣ୍ଡିଆ, ସୁଆଁ, ମକା ଆଦି ବୁଣନ୍ତି। ବର୍ଷେ କିମ୍ବା ଦୁଇବର୍ଷ ପରେ ସ୍ଥାନ ପରିବର୍ତ୍ତନ କରି ଅନ୍ୟ ସ୍ଥାନର ଜଙ୍ଗଲକୁ ପୋଡ଼ି ସେଠାରେ ଫସଲ ଚାଷ କରନ୍ତି। ଏହା ଦ୍ୱାରା ସେମାନେ ଭଲ ଫସଲ ଅମଳ କରନ୍ତି ବୋଲି ଦାବି କରନ୍ତି। କିନ୍ତୁ ଜଙ୍ଗଲର ମୂଲ୍ୟବାନ ଗଛ ପୋଡ଼ି ନଷ୍ଟ ହେବା ଏବଂ ପାହାଡ଼ ପାଦ ଦେଶର ମାଟି ବର୍ଷାରେ ଧୋଇ ନଷ୍ଟ ହୋଇଥାଏ। ଏ ପ୍ରକାର ଚାଷ ପ୍ରଥାରୁ ନିବୃତ୍ତ ରହିବା ପାଇଁ ଜିଲାର କୃଷି ଓ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ଅନ୍ୟ ପ୍ରଶାସନିକ କୃଷି କମଚାରୀ ବୁଝାଇବା ଜରୁରୀ। ଏହାଦ୍ୱାରା ପୋଡୁଚାଷ ପ୍ରଥାରୁ ଆଦିବାସୀମାନେ ନିବୃତ୍ତ ହେବେ। ଗୋଟିଏ ସ୍ଥାନରେ ସ୍ଥାୟୀଭାବେ ବସବାସ କରି



ଚାଷ କରିବା ପାଇଁ ଏମାନଙ୍କୁ ବୁଝାଇବା ଦରକାର। ଏଥିପାଇଁ ସରକାର ସେମାନଙ୍କୁ ଉପଯୁକ୍ତ ଚାଷ ଜମି ଯୋଗାଇ ଦେବା ଆବଶ୍ୟକ।

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଏବଂ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଦ୍ୱାରା ଆଦିବାସୀ ଜିଲାଗୁଡ଼ିକରେ କୃଷିବିଜ୍ଞାନ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି। ଉକ୍ତ କୃଷିବିଜ୍ଞାନ କେନ୍ଦ୍ରଗୁଡ଼ିକରେ ବିଭିନ୍ନ ବିଭାଗର କୃଷିବୈଜ୍ଞାନିକମାନେ ଅବସ୍ଥାପିତ ହୋଇଛନ୍ତି। ଉକ୍ତ ବୈଜ୍ଞାନିକମାନେ ଆଦିବାସୀ ଚାଷୀମାନଙ୍କ କ୍ଷେତରେ ମାଗଣାରେ ଉନ୍ନତ କୃଷି ପଦ୍ଧତି ମାନ ପ୍ରଦର୍ଶନ କରି ସେମାନଙ୍କୁ ଶିକ୍ଷା ଦେଲେ ଆଦିବାସୀ ଚାଷୀ ଆଧୁନିକ କୃଷି ପ୍ରଣାଳୀକୁ ଆପଣେଇ ନେଇପାରିବେ। ଆଦିବାସୀ ଗ୍ରାମଗୁଡ଼ିକରେ ପ୍ରତି ସପ୍ତାହ ସନ୍ଧ୍ୟାରେ ଉନ୍ନତ କୃଷି ସମ୍ବନ୍ଧୀୟ ଚଳଚ୍ଚିତ୍ରମାନ ପ୍ରଦର୍ଶନ କଲେ ଚାଷୀମାନଙ୍କର କୃଷି ବିଷୟରେ ଆଗ୍ରହ ବଢ଼ିବା ସହିତ ଉନ୍ନତ କୃଷି ପ୍ରଣାଳୀକୁ ଗ୍ରହଣ କରି ଅମଳ ବଢ଼ାଇବା ସହିତ ସୁଖି ଜୀବନ ଯାପନ କରିବାକୁ ଚେଷ୍ଟିତ ହେବେ। ମୁଖ୍ୟତଃ ଆଦିବାସୀ ଚାଷୀମାନଙ୍କୁ ଅଣଆଦିବାସୀ ଚାଷୀମାନଙ୍କ ସହିତ ସମକକ୍ଷ ହେବାକୁ ହେଲେ ସେମାନଙ୍କୁ କୃଷି ସମ୍ବନ୍ଧୀୟ ଶିକ୍ଷା ଅତି ଜରୁରୀ। ଏଥିପାଇଁ କୃଷି ବୈଜ୍ଞାନିକଙ୍କ ପ୍ରଚେଷ୍ଟା ମଧ୍ୟ ରହିବା ଆବଶ୍ୟକ।

**–ପ୍ର.ସୁବୋଧ କୁମାର ସାହୁ**
ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ:୯୫୫୬୨୬୬୦୮୫

## ପ୍ରଥମ ପୃଷ୍ଠାରୁ...

### ୩ ଥର ନୀତି ବିଳମ୍ବ କଲେ ...

ପାଇଁ ଏକ ଚତୁର୍ଥାଂଶ ପାଳିଆ ପୁରସ୍କାର ଓ ଅନ୍ୟାନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ଅଧଘଣ୍ଟାଏ ବିଳମ୍ବ ହେଲେ ସେହିଦିନର ଅଧା ପାଳିଆ ପୁରସ୍କାର ଏବଂ ଅନ୍ୟ ପ୍ରାପ୍ୟ ପାଉଣା ଏବଂ ଘଣ୍ଟାଏ ବିଳମ୍ବ ହେଲେ ସେ ଦିନର ସମସ୍ତ ପାଳିଆ ପୁରସ୍କାର ଏବଂ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ନୀତି ତ୍ୱରାନ୍ୱିତ ପାଇଁ ଧୂପ ସହିତ ଉଠିବ ଭୋଗମଣ୍ଡପ। ୨୦୧୧ରେ ପରିଚାଳନା କମିଟିରେ ଏହି ପ୍ରସ୍ତାବ ଆଗତ ହୋଇ ଆଇନ ବିଭାଗକୁ ପଠା ଯାଇଥିଲା। ୮ ବର୍ଷ ପରେ ଆଇନ ବିଭାଗ ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବାକୁ ଯାଉଛି। ଏହା ପ୍ରଚଳିତ ହେଲେ ନୀତି ଆହୁରି ସଅଳ ହୋଇପାରିବ। ଫଳରେ ପ୍ରତ୍ୟେକ ଦିନ ନୀତି ପାଇଁ ଆଉ ୨ ଘଣ୍ଟା ଅଧିକ ସମୟ ମିଳିବ। ଏତଦ୍‌ବ୍ୟତୀତ ଗତ ଡିସେମ୍ବର ୨୮ରେ ଯେଉଁ ସେବକମାନେ ବିଶୃଙ୍ଖଳା କରିଥିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କମିଟି ଏକମତ ହୋଇଛି। ସିସିଟିଭି ଫୁଟେଜରୁ ୩୬ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ କୈଫିୟତ ମଗାଯାଇଥିବା ବେଳେ ଅନ୍ୟମାନଙ୍କଠାରୁ ମତାମତ ମଗାଯାଇଛି। ସେମାନଙ୍କ ବିରୋଧରେ ଶ୍ରୀମନ୍ଦିର ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ୨୦୧୫ ନବକଳେବରକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ନବକଳେବର ସ୍ମାରକୀ ମୁଦ୍ରା ପ୍ରଚଳନ କରାଯାଇଥିଲା। ଯାତ୍ରୀମାନେ ଏହାକୁ କିଣି ନେବା ଲାଗି ଅଧିକ ଆଗ୍ରହ ଦେଖାଇଛନ୍ତି। ଶ୍ରୀମନ୍ଦିର ସ୍ମାରକୀ ମୁଦ୍ରା ବିକ୍ରି କରାଯାଉ ବୋଲି ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହାକୁ ନିୟମିତ କରାଯିବ। ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଜରିଆରେ ଏହା କରାଯିବ। ପରିଚାଳନା କମିଟି ବୈଠକରେ ଏହାକୁ ଅନୁମୋଦନ ମିଳିଛି। ଆଇଟିସି କମ୍ପାନୀ ଅଗରବତି ବିକ୍ରି କରିବା ଲାଗି ଶ୍ରୀଜଗନ୍ନାଥ ମନ୍ଦିର ନାମ ଉଲ୍ଲେଖ କରିବା ପାଇଁ ପ୍ରସ୍ତାବ ଦେଇଛି। ସେମାନେ ଯେତେ ପ୍ୟାକେଟ ବିକ୍ରି କରିବେ ସେତେ ଟଙ୍କା ଶ୍ରୀମନ୍ଦିରକୁ ପ୍ରଦାନ କରିବେ। କିନ୍ତୁ ଏହାର ଉତ୍ପାଦନରେ ଯେପରି ପବିତ୍ରତା ରହିବ ତାହାକୁ ଧ୍ୟାନରେ ରଖି ପରୀକ୍ଷାମୂଳକ ଭାବେ ଉକ୍ତ କମ୍ପାନୀ ସହିତ ଚୁକ୍ତିନାମା କରାଯିବ। କୌଣସି ଭକ୍ତଙ୍କ ଭାବାବେଗକୁ ଯେପରି ଏହା ଆଘାତ ନ ଦିଏ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ବୈଠକରେ ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

### ୬ ଜିଲାର ୧୮ ଲକ୍ଷଙ୍କୁ ...

ଏହାଦ୍ୱାରା ଉକ୍ତ ୪ଟି ବ୍ଲକ ଅଧୀନରେ ୮୯ ପଞ୍ଚାୟତର ୫୮୯ ଗ୍ରାମରେ ବାସ କରୁଥିବା ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ବସୁଧା ଯୋଜନାରେ ଖୋର୍ଦ୍ଧା ଓ ଢେଙ୍କାନାଳ ଜିଲାର ୩ଟି ବ୍ଲକର ୩୯୦ ଗ୍ରାମରେ ବାସ କରୁଥିବା ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରାଯିବ। ଏଥିପାଇଁ ୩୧୫ କୋଟି ୨୦ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହି ପ୍ରକଳ୍ପ ଦ୍ୱାରା ଖୋର୍ଦ୍ଧା ଜିଲାର ବୋଲଗଡ ବ୍ଲକର ୧୭୬ ଗ୍ରାମ ଏବଂ ବେଗୁନିଆ ବ୍ଲକର ୧୬୨ ଗ୍ରାମ ଏବଂ ଢେଙ୍କାନାଳ ସଦର ବ୍ଲକର ୫୨ ଗ୍ରାମର ଜନସାଧାରଣ ଉପକୃତ ହୋଇପାରିବେ। ଖଣି ପ୍ରଭାବିତ ଅନୁଗୋଳ ଜିଲାର ତାଳଚେର ବ୍ଲକର ୧୪୦ ଗ୍ରାମର ୧,୨୧,୮୪୯ଜଣ, ଛେଣ୍ଡିପଦା ବ୍ଲକର ୧୭୨ ଗ୍ରାମର ୧,୬୬,୫୦୮ ଏବଂ କଣିହା ବ୍ଲକର ୭୬ ଗ୍ରାମର ୫୧,୮୪୦ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବ୍ୟବସ୍ଥା ହୋଇଛି। ରାଜ୍ୟ କ୍ୟାବିନେଟ ୭୦୧କୋଟି ୮୬ ଲକ୍ଷ ୧୭ ହଜାର ୫୦୦ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ ଅନୁମୋଦନ କରିଛି। ଏ ସମସ୍ତ ପାନୀୟ ଜଳ ପ୍ରକଳ୍ପ ୨୪ ମାସ ମଧ୍ୟରେ ଶେଷ ହେବ ।

ରାଜ୍ୟ ସରକାର କାଳିଆ (କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ୍ ଆଣ୍ଡ୍ ଇନ୍‌କମ ଅଗମେଣ୍ଟେଶନ) ଯୋଜନାରେ ଲାଭ ଉଠାଇବା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଚଳିତ ବର୍ଷ (୨୦୧୮-୧୯) ଲାଗି ଆଉ ୪ ଲକ୍ଷ ଭୂମିହୀନ କୃଷି ପରିବାରକୁ ସାମିଲ କରିଛନ୍ତି। ପୂର୍ବରୁ ୧ ଲକ୍ଷ ଲୋକଙ୍କୁ ସହାୟତା ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ୫ ଲକ୍ଷକୁ ବୃଦ୍ଧି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ବଳକା ସହାୟତା ରାଶିକୁ ୨ଟି କିସ୍ତିରେ ପରବର୍ତ୍ତୀ ସମୟରେ ହିତାଧିକାରୀଙ୍କୁ ଦିଆଯିବ। ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମୋହର ମାରିଛି। ଏହି ଯୋଜନାରୁ କୌଣସି ହିତାଧିକାରୀ ଯେପରି ବାଦ୍ ନ ପଡିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ପ୍ରତ୍ୟେକ ଖରିଫ ଫସଲ ପାଇଁ ଅକ୍ଷୟ ତୃତୀୟା ଓ ରବି ଫସଲ ପାଇଁ ନୂଆଖାଇ ଦିନ ସହାୟତା ରାଶି ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ୨୦୧୮ ଡିସେମ୍ବର ୨୧ ରେ କାଳିଆ ଯୋଜନାକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୩.୦୩ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ଲେଖାଏ ପ୍ରେରଣ କରାଯାଇଛି।

### ମୂଳ ମାଲିକଙ୍କୁ ଫେରାଯାଉ ...

ଭିଏଚ୍‌ପି ପକ୍ଷରୁ କୁହାଯାଇଛି। ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ବିବାଦ ୨.୭୭ ଏକର ଜମିକୁ ନେଇ ରହିଛି। ରାମଲାଲା ଏବେ ଏହି ଜମି ଉପରେ ବିରାଜମାନ ଅଛନ୍ତି। ନିର୍ବିବାଦୀୟ ୬୭ ଏକର ଜମି ହିନ୍ଦୁ ସଙ୍ଗଠନଗୁଡ଼ିକୁ ହସ୍ତାନ୍ତର କରାଗଲେ ରାମମନ୍ଦିର ନିର୍ମାଣ ସମ୍ଭବ ହୋଇପାରେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଓ ହିନ୍ଦୁତ୍ୱବାଦୀ ସଙ୍ଗଠନଗୁଡ଼ିକ ରାମମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର ଉପରେ ଚାପ ପକାଉଥିବାବେଳେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ସୁପ୍ରିମକୋର୍ଟରେ ଦାଏର ୩୩ ପୃଷ୍ଠାର ପିଟିଶନରେ ସରକାର ଉଲ୍ଲେଖ କରିଛନ୍ତି ଯେ, ପୂର୍ବରୁ ୨.୭୭ ଏକର ସହିତ ୬୭.୩୯୦ ଏକର ଜମିକୁ ଅଧିଗ୍ରହଣ କରାଯାଇଥିଲା। ଏବେ ଅତିରିକ୍ତ ଜମିକୁ ସେମାନଙ୍କ ମୂଳ ମାଲିକଙ୍କୁ ଫେରାଇ ଦେବା ପାଇଁ ଆମେ ଅନୁମତି ଚାହୁଁଛୁ। ଏହାସହ ୨୦୦୩ରେ ସୁପ୍ରିମକୋର୍ଟ ସ୍ଥିତାବସ୍ଥା ବଜାୟ ପାଇଁ ଦେଇଥିବା ରାୟରେ ପରିବର୍ତ୍ତନ ଚାହୁଁଛୁ। କେନ୍ଦ୍ର ସରକାର ୧୯୯୪ର ରାୟର ଅବତାରଣା ମଧ୍ୟ କରିଛନ୍ତି। ସରକାର କହିଛନ୍ତି, କେନ୍ଦ୍ର ଚାହିଁଲେ ଆକ୍ୱିଜିଶନ୍ ଅଫ୍ ସର୍ଟେନ ଏରିଆଜ୍ ଅଫ୍ ଅଯୋଧ୍ୟା ଆକ୍ଟ ଅନୁସାରେ ୦.୩୧୩ ଏକର ବିବାଦୀୟ ଜମିକୁ ବାଦ୍‌ଦେଇ ଅବଶିଷ୍ଟ ଜମି ମୂଳ ମାଲିକଙ୍କୁ ଫେରାଇପାରେ ବୋଲି ଇସ୍‌ମାଇଲ୍ ଫାରୁକି ମାମଲାରେ ସୁପ୍ରିମକୋର୍ଟ କହିଥିଲେ। ଅଧିଗୃହୀତ ଜମି ମୂଳ ମାଲିକଙ୍କୁ ଫେରାଇବା ଦାବି ହେଉଛି ରାମ ଜନ୍ମଭୂମି ନ୍ୟାସର। ନ୍ୟାସ ତା'ର ୪୨ ଏକର ଜମି ମାଗୁଛି। ଏକ ପ୍ଲାନ୍‌ମ୍ୟାପ୍ ତିଆରି କରି ନ୍ୟାସ ଓ ଅନ୍ୟ ମୂଳ ଭୂମି ମାଲିକଙ୍କୁ ସେମାନଙ୍କ ଜମି ଫେରସ୍ତ କରାଗଲେ ସରକାରଙ୍କ କୌଣସି ନୀତିଗତ ଆପତ୍ତି ନାହିଁ। ଆମେ ବିବାଦୀୟ ଜମିକୁ ଛୁଉଁନାହୁଁ।

ପ୍ରକାଶ ଯେ, ପୂର୍ବରୁ ବିବାଦୀୟ ଢାଞ୍ଚା ଥିବା ୦.୩୧୩ ଏକର ଜମିକୁ ନେଇ ବିବାଦ ରହିଛି, ଯାହାର ସମ୍ପୂର୍ଣ୍ଣ ପରିଧି ୨.୭୭ ଏକର। ୧୯୯୨ ଡିସେମ୍ବର ୬ରେ କାରସେବକମାନେ ଉକ୍ତ ଢାଞ୍ଚାକୁ ଭାଙ୍ଗିଦେଇଥିଲେ। ବାବ୍ରି ମସ୍‌ଜିଦ ଭଙ୍ଗ ପରେ ସାରା ଦେଶରେ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। ଏଥିରେ ଦେଶର ୨,୦୦୦ ଲୋକ ପ୍ରାଣ ହରାଇଥିଲେ। ୧୯୯୩ରେ ତତ୍କାଳୀନ କଂଗ୍ରେସ ସରକାର ଏକ ଆଇନ ପ୍ରଣୟନ କରି ୨.୭୭ ଏକର ସମେତ ୬୭.୭୦୩ ଏକର ଜମି ଅଧିଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ୨.୭୭ ଏକର ଜମିକୁ ୩ ପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଓ ରାମଲାଲାଙ୍କ ମଧ୍ୟରେ ସମାନ ୩ ଭାଗରେ ବାଣ୍ଟି ଦେଇଥିଲେ। ଏହା ବିରୋଧରେ ସର୍ବୋଚ୍ଚ ଅଦାଲତରେ ୧୪ଟି ପିଟିଶନ ଦାଏର ହୋଇଛି, ଯାହାର ଶୁଣାଣି ଶେଷ ହୋଇନାହିଁ।

**ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲା**

## ବଙ୍ଗଳା ଫିଲ୍ମ ନିର୍ମାତା ଶ୍ରୀକାନ୍ତଙ୍କ ଜାମିନ ଖାରଜ

ଭୁବନେଶ୍ୱର,୨୯।୧ (ବ୍ୟୁରୋ)

ରୋଜ୍‌ଭ୍ୟାଲି ଚିଟଫଣ୍ଡ୍ ଠକେଇ ମାମଲାରେ ଗିରଫ ହୋଇଥିବା ବଙ୍ଗଳା ଫିଲ୍ମ ନିର୍ମାତା ଶ୍ରୀକାନ୍ତ ମାହାତୋଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଜାମିନ ପାଇଁ ସେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଆବେଦନ କରିଥିଲେ। ମଙ୍ଗଳବାର ଶ୍ରୀକାନ୍ତ କୋର୍ଟରେ ହାଜର ହୋଇଥିଲେ। ମାମଲାର ଶୁଣାଣି କରି କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି। ଫଳରେ ଶ୍ରୀକାନ୍ତଙ୍କୁ ପୁଣି ଝାରପଡ଼ା ଜେଲ୍‌କୁ ଯିବାକୁ ପଡିଛି। ପୂର୍ବରୁ କୋର୍ଟ ତାଙ୍କୁ ୧୪ ଦିନ ପାଇଁ ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ତେବେ ତଳ କୋର୍ଟଙ୍କ ଏହି ରାୟ ବିରୋଧରେ ଶ୍ରୀକାନ୍ତ ଉପର କୋର୍ଟକୁ ଯିବେ ବୋଲି ତାଙ୍କ ଓକିଲ କହିଛନ୍ତି।

| Dollar | Sensex | Nifty | Gold | Silver |
|---|---|---|---|---|
| 71.11 (.01) | 35,592.50 (64.20) | 10,652.20 (9.35) | 33,750.00 (₹100) | 41,000.00 (₹100) |



ଦେଶରୁ ରପ୍ତାନିକୁ ପ୍ରୋତ୍ସାହିତ କରିବା ଲାଗି ଅନ୍ତରୀଣ ବଜେଟରେ ବିଭିନ୍ନ ପଦକ୍ଷେପ ଘୋଷଣା କରାଯିବାର ଆବଶ୍ୟକତା ରହିଛି।
– ଗଣେଶ କୁମାର ଗୁପ୍ତା, ସଭାପତି, ଏଫ୍‌ଆଇଇଓ



କିଆ ମୋଟର୍ସର ବିଶ୍ୱ ବଜାର ସମ୍ପ୍ରସାରଣ ପଦକ୍ଷେପ ମଧ୍ୟରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।
– ହାନ ଓ ପାର୍କ, ସିଇଓ ଏବଂ ସଭାପତି, କିଆ ମୋଟର୍ସ କର୍ପୋରେଶନ

## ସଂକ୍ଷେପରେ

### ଡିବିଟିରୁ ସଞ୍ଚୟ ହୋଇଛି ୧.୧୦ଲକ୍ଷ କୋଟି

**ନୂଆଦିଲ୍ଲୀ,୨୯-୧:** ବିଭିନ୍ନ କଲ୍ୟାଣକାରୀ ଯୋଜନାର ସବ୍‌ସିଡିକୁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ପହଞ୍ଚାଇବା ଲାଗି କେନ୍ଦ୍ର ସରକାର ଆରମ୍ଭ କରିଥିଲେ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି) ଯୋଜନା। ଏହାଦ୍ୱାରା ୨୦୧୮ ଡିସେମ୍ବର ୩୧ ପର୍ଯ୍ୟନ୍ତ ସରକାରଙ୍କ ୧.୧୦ ଲକ୍ଷ କୋଟି ଟଙ୍କା ସଞ୍ଚୟ ହୋଇପାରିଛି ଏବଂ ଦୁର୍ନୀତିକୁ ହ୍ରାସ କରାଯାଇପାରିଛି ବୋଲି ଦାବି କରାଯାଇଛି। କେନ୍ଦ୍ର ସରକାର କହିଛନ୍ତି ଯେ, ଏହି ବ୍ୟବସ୍ଥା ଦ୍ୱାରା ୮ କୋଟି ଜାଲ୍ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ବାଦ୍ ଦିଆଯାଇଛି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ୨୦୧୮ ଡିସେମ୍ବର ୩୧ ସୁଦ୍ଧା ଡିବିଟି ଜରିଆରେ ୧ ଲକ୍ଷ ୯ ହଜାର ୯୮୩ କୋଟି ଟଙ୍କା ସଞ୍ଚୟ ହୋଇପାରିଛି। ଗତବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହା ୯୦ ହଜାର କୋଟି ଟଙ୍କା ଥିଲା। ଅର୍ଥାତ୍ ଗୋଟିଏ ବର୍ଷରେ ସରକାର ୨୦ ହଜାର କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି। ଅଦ୍ୟାବଧି ହିତାଧିକାରୀଙ୍କୁ ମୋଟ୍ ୬ ଲକ୍ଷ ୫ ହଜାର ୯୦୦ କୋଟି ଟଙ୍କାର ସବ୍‌ସିଡିକୁ ବଣ୍ଟା ଯାଇସାରିଛି। ସରକାରଙ୍କ ତଥ୍ୟ ଅନୁଯାୟୀ, ଆଲୋଚ୍ୟ ବର୍ଷରେ ୪.୦୯ କୋଟି ଜାଲ୍ ଏଲ୍‌ପିଜି ଗ୍ରାହକଙ୍କୁ ଚିହ୍ନଟ କରାଯାଇ ଡିବିଟିରୁ ବାଦ୍ ଦିଆଯାଇଛି। ଫଳରେ ଅଦ୍ୟାବଧି ୫୬ ହଜାର ୪୦୦କୋଟି ଟଙ୍କା ସଞ୍ଚୟ ହୋଇପାରିଛି, ଯାହା ମୋଟ୍ ସଞ୍ଚୟର ପ୍ରାୟ ଅଧା।

### ୯ ବଡ଼ ଆଇବିସି ମାମଲାର ସମାଧାନ ମାର୍ଚ୍ଚ ପର୍ଯ୍ୟନ୍ତ ମିଳିଲା ସମୟ

**ନୂଆଦିଲ୍ଲୀ,୨୯-୧:** ଏସାର ଷ୍ଟିଲ୍ ଏବଂ ଜେପି ଇନଫ୍ରାଟେକ୍ ଭଳି ୯ଟି ବଡ଼ ମୂଲ୍ୟର ଦେବାଳିଆ ମାମଲାର ସମାଧାନ ଲାଗି କେନ୍ଦ୍ର ସରକାର ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରିଛନ୍ତି। ଦେଶରେ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ (ଆଇବିସି) ଲାଗୁ ହେବା ପରେ ଋଣ ସମାଧାନ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି ଦର୍ଶାଇବାକୁ ସରକାର ଉକ୍ତ ପଦକ୍ଷେପ ନେଇଛନ୍ତି। ସୂଚନାଥାଉ କି, ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ୧୨ଟି ଉଚ୍ଚ ମୂଲ୍ୟର ଆଇବିସି ମାମଲା ଏବେ ପଡ଼ିରହିଛି। ଇତିମଧ୍ୟରେ ପ୍ରାୟ ୧୮ ମାସ ଗଡ଼ିଗଲାଣି। ବିଭିନ୍ନ କାରଣରୁ ମାମଲା ଆଗେଇ ପାରୁନାହିଁ। ପ୍ରାୟ ୨୦ ହଜାର ଭିଲ୍ଲା, ଆପାର୍ଟମେଣ୍ଟ ଏବଂ ଫ୍ଲାଟ୍ ଯୋଗାଇବାକୁ ଥିବା ଜେପି ଇନଫ୍ରାଟେକ୍‌ର ଏନ୍‌ପିଏ ସମାଧାନ ଶୀଘ୍ର ସାରିବାକୁ ରିଜଲ୍ୟୁଶନ ପ୍ରଫେସନାଲଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆଇନଗତ ବାଧା ଯୋଗୁ କମ୍ପାନୀ ଫ୍ଲାଟ୍ ଯୋଗାଇ ପାରୁନାହିଁ କି ଋଣପ୍ରଦାନକାରୀମାନେ ସେମାନଙ୍କ ବକେୟା ଆଦାୟ କରିପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି।

### ଡିଏଚ୍‌ଏଫ୍‌ଏଲ୍ ଖାଇଗଲା ୩୧ ହଜାର କୋଟି




**ଆବୁଧାବି,୨୯।୧(ଏଏଫପି):** ଏଠାରେ ଚାଲିଥିବା ଏସିଆନ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଶୁକ୍ରବାର ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ କାତାର ଓ ଜାପାନ ମୁହାଁମୁହିଁ ହେବେ। ମଙ୍ଗଳବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ କାତାର ୪–୦ ଗୋଲରେ ଆୟୋଜକ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)କୁ ହରାଇ ଫାଇନାଲ ଟିକେଟ ହାସଲ କରିଛି। ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ରେ କାତାର ପ୍ରଭାବ ବିସ୍ତାର କରି ଖେଳିଥିଲା ଓ ୟୁଏଇକୁ କୌଣସି ସୁଯୋଗ ଦେଇ ନ ଥିଲା। ପୂର୍ବରୁ ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଜାପାନ ୩–୦ ଗୋଲରେ ଇରାନ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

## ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ନିର୍ବାଚନ

# ସଭାପତି ପଦବୀ ପାଇଁ ୩ ଆଶାୟୀ

**କଟକ ଅଫିସ,୨୯।୧:** ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଓ ଯାଞ୍ଚ ପ୍ରକ୍ରିୟା ମଙ୍ଗଳବାର ଶେଷ ହୋଇଛି। ବୁଧବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ। ସଭାପତି ପଦବୀ ନିମନ୍ତେ ୩ଜଣ ପ୍ରାର୍ଥୀ ଆଶାୟୀ ରହିଥିବାବେଳେ ଏମାନଙ୍କ ମଧ୍ୟରେ ରହିଛନ୍ତି କଟକ–ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ। ଅନ୍ୟ ଦୁଇଜଣ ଆଶାୟୀ ପ୍ରାର୍ଥୀ ହେଲେ ଦେବାଶିଷ ଚକ୍ରବର୍ତ୍ତୀ ଓ ବିଶ୍ୱଜିତ ରାୟ। ବିଧାୟକ ସାମନ୍ତରାୟ ପୂର୍ବରୁ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସଭାପତି ମଧ୍ୟ ରହିଛନ୍ତି। ବିଧାୟକଙ୍କ ପ୍ରାର୍ଥିତ୍ୱକୁ କଟକ ଜିଲା ଚେସ ସଂଘ ସମେତ ଏଓସିଏର କେତେକ ବରିଷ୍ଠ କର୍ମକର୍ତ୍ତା ବିରୋଧ କରୁଛନ୍ତି। ରାଜନୈତିକ ବ୍ୟକ୍ତି ହେବା ସହ ଦୁଇ ଦୁଇଟି ରାଜ୍ୟ କ୍ରୀଡ଼ା ସଂଘର ସଭାପତି ହେବା ଅସାମ୍ବିଧାନିକ ବୋଲି ଅଭିଯୋଗ ହୋଇଛି। ବିଧାୟକ ସାମନ୍ତରାୟଙ୍କ କହିବା ଅନୁସାରେ "ରାଜ୍ୟରେ ଚେସ ଖେଳର ଉନ୍ନତି ହେଉଛି। ଆଗାମୀ ଦିନରେ ଏହି ଧାରା କିପରି ବଜାୟ ରହିବ ସେ ଦିଗରେ ଚେଷ୍ଟା ହେବା ଉଚିତ। ପ୍ରାର୍ଥିତ୍ୱ ନେଇ ଅଭିଯୋଗ ହେବା ଖବର ମୋ ପାଖରେ ନାହିଁ"। ପ୍ରକାଶ ଯୋଗ୍ୟ ଯେ, ଫେବୃୟାରୀ ୩ ତାରିଖରେ ହେବାକୁ ଥିବା ଏହି ନିର୍ବାଚନ ନିମନ୍ତେ ଗତ ୧୩ ତାରିଖରେ ବିଧିବଦ୍ଧ ଘୋଷଣା ହୋଇଥିଲା। ଏଓସିଏ ସହ ଅନୁବନ୍ଧିତ ୧୬ଟି ଜିଲା ନିର୍ବାଚନରେ ଅଂଶ ଗ୍ରହଣ କରିବେ। ଉପସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ଦୁଇଜଣ ଲେଖାଏ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ସମ୍ପାଦକ ପଦବୀ ନିମନ୍ତେ ଦେବବ୍ରତ ଭଞ୍ଜ, ଆଶିଷ କୁମାର ମହାନ୍ତି, ଉପସଭାପତି ପଦବୀ ନିମନ୍ତେ ସୁଭାଶିଷ ପଟ୍ଟନାୟକ, ଆର. ମହାନ୍ତି, ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ସୁରେଶ ଚନ୍ଦ୍ର ସାହୁ, ବିଧୂଭୂଷଣ ମିଶ୍ର ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡ଼ିଛି। କୋଷାଧ୍ୟକ୍ଷ ନିମନ୍ତେ କେବଳ ଶଙ୍କର ପ୍ରସାଦ ମିଶ୍ର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛନ୍ତି। ନିର୍ବାଚନକୁ ଶୃଙ୍ଖଳିତ ଭାବେ ସମାପନ କରାଯିବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀହର୍ଷ ପ୍ରଧାନ କହିଛନ୍ତି।

## ଜାତୀୟ ସିନିୟର ସ୍ନୁକର ଆଜିଠାରୁ

# ଆକାଶ, ସୁବ୍ରତ, ରାକେଶ, ଆଶୁତୋଷ ଭାଗନେବେ

**ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି):** ଇନ୍ଦୋରଠାରେ ଜାତୀୟ ସିନିୟର ସ୍ନୁକର ଚାମ୍ପିୟନଶିପ୍ ବୁଧବାରଠାରୁ ଆରମ୍ଭ ହେବ। ଏଥିରେ ଓଡ଼ିଶାର ୩ ଜଣ ଶୀର୍ଷ ସିଡେଡ ଖେଳାଳି ଆକାଶ ମହାପାତ୍ର, ସୁବ୍ରତ ଦାସ ଓ ଡ. ରାକେଶ ରୋଶନ ପ୍ରଧାନ ଅଂଶଗ୍ରହଣ କରିବେ। ଏଥିରେ ଭାରତର ବିଭିନ୍ନ ଭାଗରୁ ୧୪୪ ପ୍ରତିଯୋଗୀ ଭାଗନେବେ। ଓଡ଼ିଶା କ୍ୟୁ ସ୍ପୋର୍ଟ୍ସର ଯୁବରାଜ ଭାବେ ବିବେଚିତ ଆଶୁତୋଷ ପାଢ଼ୀ ସିଧାସଳଖ ରାଉଣ୍ଡ ଅଫ୍ ୬୪ରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ପୂର୍ବରୁ ଅନୁଷ୍ଠିତ ସିନିୟର ବିଲିୟାର୍ଡ୍ସ କାଟେଗୋରିରେ ଓଡ଼ିଶାର କୁନାଲ ଅଗ୍ରୱାଲ ଓ ରାକେଶ ପରାସ୍ତ ହୋଇଛନ୍ତି। ମୁଖ୍ୟ ଡ୍ର ଲିଗ୍‌ରେ କୁନାଲ ଗୋଟିଏ ଗେମ୍ ଜିତିଥିବାବେଳେ ୨ଟିରେ ପରାଜିତ ହୋଇଥିଲେ। ଅନ୍ୟପକ୍ଷରେ ରାକେଶ ୩ଟି ଯାକ ମ୍ୟାଚ ଜିତି ବିଦାୟ ନେଇଛନ୍ତି।




ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ବେଲ୍ଟ ଗ୍ରେଡିଂରେ ଭାଗ ନେଇଥିବା କରାଟେକାମାନେ।

# ଉତ୍କଳ କରାଟେ ସ୍କୁଲରେ ବେଲ୍ଟ ଗ୍ରେଡିଂ

**ଭୁବନେଶ୍ୱର, ୨୯।୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ମୋଟ୍ ୩୬୫ଜଣ କରାଟେକା ବେଲ୍ଟ ଗ୍ରେଡିଂ ନେଇଛନ୍ତି। ଏହି ପରୀକ୍ଷାରେ ବିଭିନ୍ନ ଗ୍ରେଡିଂରେ ପିଲାମାନେ କୃତକାର୍ଯ୍ୟ ହେବାପରେ ବେଲ୍ଟ ଓ ସାର୍ଟିଫିକେଟ୍ ପାଇଥିଲେ। ଏଥିରେ ପାଖାପାଖି ୧୦୦ଜଣ ୟେଲୋ ବେଲ୍ଟ, ୧୦୦ଜଣ ଅରେଞ୍ଜ ବେଲ୍ଟ, ୬୦ ଜଣ ଗ୍ରୀନ୍ ବେଲ୍ଟ, ୭୦ଜଣ ବ୍ଲୁ ବେଲ୍ଟ ଓ ୩୫ ଜଣ ବ୍ରାଉନ୍ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା କରାଟେ ଆସୋସିଏଶନ (କେଏଆଇ)ର ଉପସଭାପତି ଓ ବୈଷୟିକ ନିର୍ଦ୍ଦେଶକ ଡଃ. ହରିପ୍ରସାଦ ପଟ୍ଟନାୟକ, ୭ମ ଡାନ୍ ବ୍ଲାକ ବେଲ୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିନିୟର କରାଟେ ପ୍ରଶିକ୍ଷକ ସେନସେଇ ଖାରବେଳ ମଲ୍ଲିକ, ଗୌରୀ ମହାନ୍ତି, ସନ୍ଦୀପ ମହାନ୍ତି, ଦିଲ୍ଲୀପ ଜେନା, ଅନୁପମା ସ୍ୱାଇଁ, କୃଷ୍ଣଚନ୍ଦ୍ର ମହାରଣା, କ୍ରିଷ୍ଣା ଶିକାରୀ, ମହେଶ ଡୋରା, ବାସୁଦେବ, ଅମୀୟ ସାହୁ, ସତ୍ୟଶ୍ରୀ ଜେନା, ଅନୁରାଧା, ସୁସ୍ମିତା ପାଲଟାସିଂଙ୍କ ଦ୍ୱାରା ସୁଚାରୁ ରୂପେ ଅନୁଷ୍ଠିତ ହୋଇଯାଇଛି। ଫେବୃୟାରୀ ୨୮ରେ ସ୍କୁଲ ପରିସରରେ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଓ ବ୍ଲାକବେଲ୍ଟ ପରୀକ୍ଷା ଅନୁଷ୍ଠିତ ହେବ।

## ସର୍ବଭାରତୀୟ ଲାଲମନି କ୍ରିକେଟ୍

# ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ

**ସୋନପୁର,୨୯।୧(ନି.ପ୍ର.)**

ସ୍ଥାନୀୟ ଗାନ୍ଧୀ ପଡିଆରେ ଚାଲିଥିବା ସର୍ବଭାରତୀୟ ଲାଲମନି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଇଷ୍ଟକୋଷ୍ଟ ରେଲୱେ (ଖୋର୍ଦ୍ଧା) ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ରେଲୱେ ୪୨ ରନରେ ବ୍ଲୁ ଡାଇମଣ୍ଡ ବରଗଡକୁ ହରାଇ ଫାଇନାଲକୁ ଉଠିଛି। ଟସ୍ ଜିତି ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ କାମେଶ୍ୱର ବାରିକଙ୍କ ୨୭ ବଲରୁ ୩୫ ରନ, ଅଭିଷେକ ଯାଦବଙ୍କ ୨୪ ବଲରୁ ୨୭ ରନ, ଅଙ୍କିତ ଯାଦବଙ୍କ ୧୬ ବଲରୁ ୧୫ ରନ ଓ ପ୍ରଶାନ୍ତ ସାହୁଙ୍କ ୧୧ ବଲରୁ ୧୨ରନ ସହାୟତାରେ ଟି/୨୦ ମ୍ୟାଚ୍‌ରେ ୧୩୦ ରନ ସଂଗ୍ରହ କରିଥିଲା। ବରଗଡର ପରଦେଶୀ ନିଶାଦ, ସୟଦ ଜାକି ଓ ଆର. କେ. ସିଂହ ପ୍ରତ୍ୟେକ ୨ଟି ଲେଖାଏ ଓ ବାଦଲ ଭୋଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବରଗଡ ଦଳ ମାତ୍ର ୯୯ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ମହମ୍ମଦ ୱାସିମ ୨୬ବଲରୁ ୨୭ରନ, ହରଜିତ ସିଂହ ୨୭ ବଲରୁ ୧୮ ରନ, ବାଦଲ ଭୋଲ ୮ ବଲରୁ ୧୬ ରନ ଓ ସୟଦ ଜାକି ୯ ବଲରୁ ୧୩ ରନ ସଂଗ୍ରହ କରିଥିଲେ। ଖୋର୍ଦ୍ଧା ରେଲୱେ ତରଫରୁ ଲଗ୍ନଜିତ ସାମଲ ୩ଟି, ସୂର୍ଯ୍ୟକାନ୍ତ ପ୍ରଧାନ ଓ ଜୟନ୍ତ ବେହେରା ପ୍ରତ୍ୟେକ ୨ଟି ଓ ପ୍ରଶାନ୍ତ ସାହୁ ଏବଂ ଆଲୋକ ମଙ୍ଗରାଜ ଉଭୟ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଟୁର୍ଣ୍ଣାମେଣ୍ଟ ଫର୍ମାଟ ନିୟମାନୁସାରେ ଖୋର୍ଦ୍ଧା ଦଳକୁ ବୋନସ ୬ ରନ ମିଳିଥିଲା।

ଟି୧୦ ମ୍ୟାଚ୍‌ରେ ଖୋର୍ଦ୍ଧା ଦଳ ଦର୍ଶନୀୟ ବ୍ୟାଟିଂ କରି ସମୀର ମହାନ୍ତିଙ୍କ ଧୂଆଁଧାର ୧୨ ବଲରୁ ୩୬ ରନ, ଅଭିଷେକ ଯାଦବଙ୍କ ୧୪ ବଲରୁ ୨୮ ରନ ଓ ପ୍ରଶାନ୍ତ ସାହୁଙ୍କ ଚିତ୍ତାକର୍ଷକ ୨୪ ବଲରୁ ୫୩ ରନ ସହାୟତାରେ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୩୯ ରନ ସଂଗ୍ରହ କରିଥିଲା। ଏବଂ ଟି୨୦ରେ ବୋନସ ୬ ରନକୁ ମିଶାଇ ସମୁଦାୟ ସଂଖ୍ୟା ୧୪୫ ରନ ହୋଇଥିଲା। ବରଗଡ ପକ୍ଷରୁ ସୟଦ ଜାକି ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବରଗଡ ଦଳ ମାତ୍ର ୯୩ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ବାଦଲ ଭୋଲ ୧୬ ବଲରୁ ୩୫ ରନ, ମଲୟ ହାତୀ ୨୧ ରନ ଓ ମହମ୍ମଦ ସାଲିମ ୧୪ ରନ ସଂଗ୍ରହ କରିଥିଲେ। ଖୋର୍ଦ୍ଧା ପକ୍ଷରୁ ଜୟନ୍ତ ବେହେରା ୨ଟି, ସୂର୍ଯ୍ୟକାନ୍ତ, ମଲୟ ଓ ଅଭିଷେକ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଟୁର୍ଣ୍ଣାମେଣ୍ଟ ଫର୍ମାଟ ନିୟମାନୁସାରେ ଖୋର୍ଦ୍ଧା ଦଳ ୪୨ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଖୋର୍ଦ୍ଧା ଦଳର ଜୟନ୍ତ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ନିର୍ମଳ ନେଗୀ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ସମୀର ପାଣିଗ୍ରାହୀ ଓ ସତ୍ୟପ୍ରକାଶ ରଥ। ସ୍କୋରର ଥିଲେ ବିନୋଦ ପାତ୍ର। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଜ୍ଞା ପ୍ରିୟଦର୍ଶନୀ ମିଶ୍ର, ଅଚ୍ୟୁତ ମିଶ୍ର, ପାର୍ଥ ଦାସ ଓ ବି ଏସ ରାଓ। ବୁଧବାର କରିମ୍ ସ୍ପୋର୍ଟ୍ସ ନାଗପୁର ଓ ହଲଦ୍ୱାନୀ କ୍ରିକେଟ୍ସ ଉତ୍ତରାଖଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।




ଜୟନ୍ତ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ଅଲ୍ ଅରେବୀଙ୍କୁ ଛାଡ଼ିବା ଲାଗି ଚାପ

**ବ୍ୟାଙ୍କକ୍, ୨୯।୧ (ଏପି):** ଅଷ୍ଟ୍ରେଲିଆରେ ଶରଣ ନେଇଥିବା ଜଣେ ଫୁଟ୍‌ବଲ ଖେଳାଳିଙ୍କୁ ବାହାରିନ ପ୍ରତ୍ୟର୍ପଣ ନ କରିବା ଲାଗି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ଥାଇଲାଣ୍ଡକୁ ଅନୁରୋଧ କରିଛନ୍ତି। ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପ୍ରୟୁଥ୍ ଚାନ୍–ଓଚାଙ୍କୁ ମୋରିସନ ଏକ ଚିଠି ଲେଖିଛନ୍ତି। ହାକିମ ଅଲ-ଅରେବୀଙ୍କ ମାମଲା ତାଙ୍କ ବ୍ୟକ୍ତିଗତ ପାଇଁ ନୁହେଁ ଅଷ୍ଟ୍ରେଲିଆ ସରକାର ଏବଂ ଅଷ୍ଟ୍ରେଲିଆ ଲୋକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ୨୫ବର୍ଷୀୟ ଅଲ୍–ଅରେବୀ ବାହାରି ଜାତୀୟ ଫୁଟ୍‌ବଲ ଦଳର ପୂର୍ବତନ ଖେଳାଳି। ରାଜନୈତିକ ଅସ୍ଥିରତା ଯୋଗୁ ଦେଶ ଛାଡ଼ିଥିବା କହିଛନ୍ତି। ବାହାରିନ ଏହି ଖେଳାଳିଙ୍କୁ ଫେରାଇ ନେବାକୁ ଚାହୁଁଛି। ୨୦୧୪ରେ ଏକ ଥାନାରେ ସେ ଗଣ୍ଡଗୋଳ କରିଥିବା ଅଭିଯୋଗ ହେବା ପରେ ଅଲ–ଅରେବୀ ନିଖୋଜ ହୋଇଯାଇଥିଲେ। ସ୍ୱଦେଶ ଫେରିଲେ ତାଙ୍କୁ ୧୦ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ଅଲ୍–ଅରେବୀଙ୍କୁ ଛାଡ଼ିଦେବା ଲାଗି ମାନବାଧିକାର ଗ୍ରୁପ୍ ଏବଂ ଫୁଟ୍‌ବଲ ପରିଚାଳନା ଗୋଷ୍ଠୀ ପକ୍ଷରୁ ଥାଇଲାଣ୍ଡ ଉପରେ ଚାପ ପକାଯାଇଛି। ଅଲ–ଅରେବୀ ବର୍ତ୍ତମାନ ମେଲବୋର୍ନରେ ସେମି–ପ୍ରଫେଶନାଲ କ୍ଲବ ପାସ୍କୋ ଭାଲେ ଏଫ୍‌ସି ତରଫରୁ ଖେଳୁଛନ୍ତି। ସେ ଯଦି ବାହାରିନ ଫେରନ୍ତି ତେବେ ସେଠାରେ ନିର୍ଯ୍ୟାତନାର ଶିକାର ହେବା ଆଶଙ୍କା ରହିଛି। ମୋରିସନ କହିଛନ୍ତି ଅଲ–ଅରେବୀଙ୍କୁ ଅଷ୍ଟ୍ରେଲିଆ ଏକ ସ୍ଥାୟୀ ସୁରକ୍ଷା ଭିଜା ପ୍ରଦାନ କରିଛି। ବିଭିନ୍ନ ଦିଗରୁ ବିଚାର କରି କୌଣସି ବ୍ୟକ୍ତିଙ୍କୁ ଏହି ଭିଜା ପ୍ରଦାନ କରାଯାଇଥାଏ। ଅଷ୍ଟ୍ରେଲିଆ ତାଙ୍କୁ ଜଣେ ଶରଣାର୍ଥୀ ଭାବେ ବିଚାର କରେ। ସୂଚନାଯୋଗ୍ୟ, ଗତ ଛୁଟି କାଟିବାକୁ ଅଲ୍–ଅରେବୀ ବ୍ୟାଙ୍କକ୍‌ରେ ପହଞ୍ଚିବା ପରେ ଇଣ୍ଟରପୋଲ୍ ପୋଲିସର ନୋଟିସ୍ ଭିତ୍ତିରେ ତାଙ୍କୁ ଅଟକ ରଖାଯାଇଛି। ବାହାରିନର ଏକ ପ୍ରତ୍ୟର୍ପଣ ଅନୁରୋଧକୁ ଭିତ୍ତିକରି ଡିସେମ୍ବରରେ ଏକ କୋର୍ଟ ତାଙ୍କ ରୁଲିଂରେ ଆବଶ୍ୟକ ପ୍ରକ୍ରିୟା ଲାଗି ଅଲ–ଅରେବୀଙ୍କୁ ୬୦ଦିନ ଅଟକ ରଖାଯାଇପାରିବ ବୋଲି କହିଥିଲେ। ଥାଇଲାଣ୍ଡ କହିଛି ଏହାକୁ ଅଫିସିଆଲ ପ୍ରତ୍ୟର୍ପଣ ଅନୁରୋଧ ସୋମବାର ମିଳିଛି। ଏହାକୁ ମଙ୍ଗଳବାର ପ୍ରୋସିକ୍ୟୁଟରଙ୍କ ନିକଟକୁ ପଠାଇ ଦିଆଯାଇଛି ବୋଲି ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର ବୁସାଡି ଶାନ୍ତିପିଟକାସ ପ୍ରକାଶ କରିଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୩୦/୨୦୧୯ Bhubaneswar, Wednesday, January 30/2019

## ସଂକ୍ଷେପରେ

### ପେଟ୍ରୋଲ ଟ୍ୟାଙ୍କରରେ ନିଆଁ

**କଟକ ଅଫିସ, ୨୯।୧:** ଜଗତ୍‌ପୁର ଥାନା ଅନ୍ତର୍ଗତ ନାନକାର ପୋଲ ଉପରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ପେଟ୍ରୋଲ ଟ୍ୟାଙ୍କର୍(ଓଡ଼ି୦୫ଏଏ-୭୪୭୭)ରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଟ୍ରକ୍‌ର ଆଗ ବର୍ନେଟ ସମ୍ପୂର୍ଣ୍ଣ ପୋଡି ଯାଇଥିଲେ ମଧ ପେଟ୍ରୋଲ ଥିବା ଟାଙ୍କି ପର୍ଯ୍ୟନ୍ତ ନିଆଁ ଯାଇପାରି ନ ଥିଲା। ବ୍ୟାଟେରି ସଟ୍‌ସର୍କିଟରୁ ନିଆଁ ଲାଗିଥିବା ପୋଲିସ କହିଛି।

### ନଦୀରେ ବୁଡ଼ି ଯୁବତୀ ମୃତ

**ବ୍ରହ୍ମଗିରି,୨୯।୧(ଡି.ଏନ୍.ଏ):** ବ୍ରହ୍ମଗିରି ବ୍ଲକ ରାୟଘାଟ ଗ୍ରାମର ବୁଲି ଜେନା(୨୨) ମଙ୍ଗଳବାର ଭାର୍ଗବୀ ନଦୀରେ ବୁଡ଼ି ଯିବାରୁ ମୃତ୍ୟୁ ଘଟିଛି। ବୁଲି ଗ୍ରାମ ନିକଟରେ ଥିବା ଭାର୍ଗବୀ ନଦୀରେ ଗାଧୋଉଥିବା ବେଳେ ତାଙ୍କ ଗୋଡ ଖସିଯାଇଥିଲା। ପରିବାରଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ବ୍ରହ୍ମଗିରି ଅଗ୍ନିଶମ କର୍ମଚାରୀ ପହଞ୍ଚି ନଦୀରୁ ବୁଲିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗ୍ୟାସ ନିଆଁରେ ପୋଡ଼ିହୋଇ ଦମ୍ପତି ଗୁରୁତର

**ସାକ୍ଷୀଗୋପାଳ,୨୯।୧(ଡି.ଏନ୍.ଏ):** ସତ୍ୟବାଦୀ ଥାନା ବିଶ୍ୱନାଥପୁରର ରିଙ୍କୁନାଥ ଷଡଙ୍ଗୀ ଓ ସ୍ତ୍ରୀ ସୁଚିସ୍ମିତା ମିଶ୍ର ଗ୍ୟାସ ନିଆଁରେ ପୋଡିହୋଇ ଗୁରୁତର ହୋଇଛନ୍ତି। ମଙ୍ଗଳବାର ସୁଚିସ୍ମିତା ଗ୍ୟାସରେ ରୋଷେଇ କରୁଥିବାବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ସେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କଲାବେଳେ ତାହା ତାଙ୍କ ଶାଢ଼ୀରେ ଲାଗିଯାଇଥିଲା। ତାଙ୍କୁ ଉଦ୍ଧାର କରିବାକୁ ଯାଇ ସ୍ୱାମୀ ରିଙ୍କୁନାଥ ନିଆଁରେ ପୋଡିହୋଇ ଯାଇଥିଲେ। ଉଭୟଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସୁଚିସ୍ମିତାଙ୍କୁ କ୍ୟାପିଟାଲ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ଆନନ୍ଦ ବଜାର ମଧ ଦେଇ ର୍ୟାମ୍ପ ଯିବା ପ୍ରସଙ୍ଗ

# ଅନୁଧ୍ୟାନ ପରେ ନିଆଯିବ ନିଷ୍ପତ୍ତି

**ପୁରୀ ଅଫିସ, ୨୯।୧**

ଶ୍ରୀମନ୍ଦିରକୁ ଆସୁଥିବା ଦିବ୍ୟାଙ୍ଗ ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ପ୍ରଶାସନ ସ୍ଥାୟୀ ର୍ୟାମ୍ପ (ସ୍ୱତନ୍ତ୍ର ରାସ୍ତା) ତିଆରି କରୁଛି। ହେଲେ ଆନନ୍ଦ ବଜାର ଦେଇ ଏହି ର୍ୟାମ୍ପ ଯାଉଥିବାରୁ ଏହାକୁ ସୁଆର ସେବକ ବିରୋଧ କରୁଛନ୍ତି। ଏହାଦ୍ୱାରା ସମ୍ଭାବ୍ୟ ଅସ୍ୱାଭାବିକ ପରିସ୍ଥିତି ଏବଂ ସମସ୍ୟା ସଂକ୍ରାନ୍ତରେ ପୂର୍ବରୁ ସୁଆର ସେବକମାନେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଇଥିଲେ। ମଙ୍ଗଳବାର ମୁଖ୍ୟ ପ୍ରଶାସକ ସୁଆର ସେବକଙ୍କୁ ଡାକି ଏ ନେଇ ଆଲୋଚନା କରିଛନ୍ତି। ଆନନ୍ଦ ବଜାର ଦେଇ ର୍ୟାମ୍ପ ଗଲେ ପ୍ରତିଦିନ କେଉଁ ପରିସ୍ଥିତି ଉପୁଜିବ ସେ ସମ୍ପର୍କରେ ସେବକମାନେ କହିଥିଲେ। କାରଣ ର୍ୟାମ୍ପ ଗଲେ ଆନନ୍ଦ ବଜାରରେ ଯିବା ଆସିବା ରାସ୍ତା ଆହୁରି ସଂକୀର୍ଣ୍ଣ ହୋଇପଡିବ। ଫଳରେ ନାନା ପ୍ରକାର ବିଶୃଙ୍ଖଳା ହୋଇପାରେ ବୋଲି ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଆନନ୍ଦ ବଜାରରେ ପ୍ରତିଦିନ ବହୁ ସଂଖ୍ୟାରେ ଯାତ୍ରୀ ଯିବାଆସିବା କରୁଛନ୍ତି। ବୋଝିଆମାନେ ମଧ ମହାପ୍ରସାଦ ନେବାଆଣିବା କରୁଛନ୍ତି। ତେଣୁ ଦିବ୍ୟାଙ୍ଗମାନେ ଆନନ୍ଦ ବଜାର ମଧ୍ୟ ଦେଇ ଗଲେ ଅସୁବିଧା ହେବ ବୋଲି ସୁଆରମାନେ କହୁଛନ୍ତି। ପୂର୍ବରୁ ଉତ୍ତର ଦ୍ୱାର ବାଟେ ଯେମିତି ର୍ୟାମ୍ପ୍ ଥିଲା ସେହି ବାଟେ ସ୍ଲୋପ କରି ହୋଇପାରିବ କି ନାହିଁ ସେ ନେଇ ଅନୁଧ୍ୟାନ କରିବାକୁ ଏସ୍‌ପି ଏବଂ ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଅନୁଧ୍ୟାନ କରି ଜଣାଇବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ପାଇଁ ସବୁପ୍ରକାର ବନ୍ଦୋବସ୍ତ କରିବା ଲାଗି ପ୍ରସ୍ତୁତ ଅଛୁ। ଏପରି କି ଦିବ୍ୟାଙ୍ଗମାନଙ୍କ ପାଇଁ ମଧ ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରିବା ଲାଗି ବିଚାର କରାଯାଉଛି ବୋଲି ମୁଖ୍ୟ ପ୍ରଶାସକ କହିଥିଲେ।

### ସମାନ ନୀତିକୁ ଅନୁମୋଦନ ପ୍ରସଙ୍ଗ

## ମୁଖ୍ୟ ପ୍ରଶାସକଙ୍କୁ ଦିଆଗଲା ଦାୟିତ୍ୱ

**ପୁରୀ ଅଫିସ, ୨୯।୧:** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମିକୁ ବିକ୍ରି କରି ଶ୍ରୀମନ୍ଦିରର ପାଣ୍ଠି ବୃଦ୍ଧି କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଲକ୍ଷ୍ୟ ରଖିଛି। ହେଲେ ମହାପ୍ରଭୁଙ୍କ ଜମି ବିକ୍ରି ଲାଗି ରହିଥିବା ସମାନ ନୀତି (ୟୁନିଫର୍ମ ପଲିସି-୨୦୦୩)ରେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ମୋହର ମାରିନାହାନ୍ତି। ଗତବର୍ଷ ସେପ୍ଟେମ୍ବର ୨୭ରେ ଶ୍ରୀମନ୍ଦିର ପରିଚାଳନା କମିଟି ସଂଶୋଧିତ ସମାନ ନୀତିକୁ ଅନୁମୋଦନ କରି ରାଜ୍ୟ ସରକାରଙ୍କ ପାଖକୁ ପଠାଇଛି। ଇତିମଧ୍ୟରେ ସାଢେ ୩ ମାସରୁ ଊର୍ଦ୍ଧ୍ୱ ବିତିଲାଣି ହେଲେ ସରକାର ଏଥିରେ ମୋହର ମାରି ନ ଥିବାରୁ ଜମି ବିକ୍ରି ପ୍ରକ୍ରିୟା ଆଗେଇ ପାରୁନାହିଁ। ମଙ୍ଗଳବାର ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହାକୁ ତ୍ୱରାନ୍ୱିତ କରିବା ଲାଗି କମିଟି ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦେଇଛି। ବର୍ତ୍ତମାନ ଏହି ଫାଇଲ ରାଜ୍ୟ ସରକାରଙ୍କ ଆଇନ ବିଭାଗ ନିକଟରେ ରହିଛି। ତେଣୁ ଏହା କିପରି ଖୁବଶୀଘ୍ର ଅନୁମୋଦନ ଲାଭ କରିବ ସେ ଦିଗରେ ମୁଖ୍ୟ ପ୍ରଶାସକ ଉଦ୍ୟମ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି।




# ଲାଞ୍ଚ: ଜିପିଟିଏ, ଅଗ୍ନିଶମ ଅଧିକାରୀ ଗିରଫ

**କଟକ ଅଫିସ/ବାଲିପାଟଣା, ୨୯।୧(ଡି.ଏନ୍.ଏ.)**

୧୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକର ପଞ୍ଚାୟତ ବୈଷୟିକ ସହାୟକ (ଜିପିଟିଏ) କ୍ଷଣପ୍ରଭା ମୂଳିଆ। ସେ ଏହି ଟଙ୍କା ଆମ୍ବଡିହ ଗାଁର ବିକ୍ରମ ବେହେରାଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ବିକ୍ରମ ଆମ୍ବଡିହ ଗ୍ରାମ ଅଧୀନରେ ଥିବା ମହାଦେବ ସାହି ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ କରିଥିଲେ। ଫାଇନାଲ ବିଲ୍ ପଇଠ ହୋଇ ନ ଥିଲା। ଏଥିପାଇଁ ସେ ଜିପିଟିଏ ମୂଳିଆଙ୍କ ସହିତ ଯୋଗାଯୋଗ କରିଥିଲେ। ମାତ୍ର ଫାଇନାଲ ବିଲ୍ ପାଇଁ ମୂଳିଆ ୧୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହି ଅନୁଯାୟୀ ମଙ୍ଗଳବାର ବାଲିପାଟଣା ବ୍ଲକ ଅଧୀନ ଅଭୟମୁଖି ଗ୍ରାମ ରାସ୍ତାରେ ଜିପିଟିଏ ମୂଳିଆ ବିକ୍ରମଙ୍କଠାରୁ ଲାଞ୍ଚ ଗ୍ରହଣ କରି ନିଜ ଭ୍ୟାନିଟି୍‌ରେ ରଖିଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିବା ସହ ଭ୍ୟାନିଟି୍‌ରୁ ଲାଞ୍ଚ ଟଙ୍କା ଜବତ କରିଥିଲେ। ପରେ ମୂଳିଆଙ୍କର ଭୁବନେଶ୍ୱରସ୍ଥିତ ବାସଭବନକୁ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୫/୧୯) ରୁଜୁ କରାଯାଇ ମୂଳିଆଙ୍କୁ ଗିରଫ କରାଯାଇଛି।

ସେହିପରି ୫ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଖୋର୍ଦ୍ଧା ଜିଲା ବାଲିପାଟଣା ଅଗ୍ନିଶମ କେନ୍ଦ୍ରର ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ଭିଜିଲାନ୍ସ ଗିରଫ କରିଛି। ସେ ଏହି ଲାଞ୍ଚ ବାଲିପାଟଣା ଥାନା ଅଧୀନ ବେଙ୍ଗବତି ଗ୍ରାମର ସୟଦ ସାହିର ଉଲ୍ଲାଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ସାହିର ଉଲ୍ଲାଙ୍କୁ ଏକ ଅଗ୍ନିଶମ ପ୍ରମାଣପତ୍ର ଦେବା ନିମନ୍ତେ ଅଗ୍ନିଶମ ଅଧିକାରୀ ଏହି ଲାଞ୍ଚ ଦାବି କରିଥିଲେ। ଭିଜିଲାନ୍ସ ସୂଚନା ଅନୁଯାୟୀ, ସାହିର ଉଲ୍ଲାଙ୍କ ଏକ ଟ୍ରକ ଗତ ଡିସେମ୍ବର ୧୧ ତାରିଖରେ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥିଲା। ଏଥିନିମନ୍ତେ ଅଗ୍ନିଶମ ପ୍ରମାଣପତ୍ର ଆବଶ୍ୟକତା ଥିଲା। ମଙ୍ଗଳବାର ଅଗ୍ନିଶମ ଅଧିକାରୀ ବେହେରା ସାହିର ଉଲ୍ଲାଙ୍କଠାରୁ ଏହି ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହା ପରେ ବେହେରାଙ୍କର ଭୁବନେଶ୍ୱର ବଡ଼ଗଡ଼ସ୍ଥିତ ଘର ଓ ନିଶ୍ଚିନ୍ତକୋଇଲିଠାରେ ଥିବା ଘରକୁ ଯାଞ୍ଚ କରାଯାଇଛି।

# କଲେଜ ଛାତ୍ରୀଙ୍କୁ ଅପହରଣ

**ବୋଲଗଡ଼,୨୯।୧(ଡି.ଏନ୍.ଏ.)**

ପରୀକ୍ଷା ଦେଇ କଲେଜରୁ ଘରକୁ ସ୍କୁଟି ଯୋଗେ ଫେରୁଥିବା ବେଳେ ରାସ୍ତାରେ ଅଟକାଇ ଏକ କାର୍‌ରେ ଜଣେ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ବୋଲଗଡ଼ ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କ ପିତା କରିଥିବା ଅଭିଯୋଗ ଅନୁସାରେ, ପୋଲିସ ଥାନା କେସ୍ ନଂ ୭/୧୯ ରୁଜୁକରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ସ୍ଥାନୀୟ ଅଞ୍ଚଳର ଜଣେ ଛାତ୍ରୀ କଲେଜରୁ ପରୀକ୍ଷା ଦେଇ ମଙ୍ଗଳବାର ଅପରାହ୍ନରେ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ବୋଲଗଡ଼ ଅଞ୍ଚଳର ଏକ ରାସ୍ତାରେ କେତେଜଣ ଦୁର୍ବୃତ୍ତ ଛାତ୍ରୀଙ୍କୁ ଅଟକାଇ ବଳପୂର୍ବକ ଏକ କାର୍‌ରେ ଅପହରଣ କରିନେଇଥିଲେ। ଛାତ୍ରୀଙ୍କ ପାଟିଶୁଣି ସ୍ଥାନୀୟ ଲୋକେ ସେଠାକୁ ଆସିଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଅପହରଣ କରିନେଇଥିବା ଓ ମାରଣାସ୍ତ୍ର ଦେଖାଇ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଜଣାପଡ଼ିଥିଲା। ଘଟଣା ସ୍ଥଳରେ ଛାତ୍ରୀଙ୍କ ସ୍କୁଟି ଓ ୨ଟି ଚପଲ ପଡ଼ିରହିଥିଲା।


ରାସ୍ତାରୁ ମିଳିଥିବା ଛାତ୍ରୀଙ୍କ ସ୍କୁଟି।

### ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକ ମୃତ

**ଭୁବନେଶ୍ୱର,୨୯।୧ (ବ୍ୟୁରୋ)**

ମଞ୍ଚେଶ୍ୱର-ଭିଏସ୍‌ଏସ୍‌ନଗର ରେଳ ଫାଟକ ନିକଟରେ ଏକ ଚଳନ୍ତା ଟ୍ରେନରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ଯାଜପୁର ଜିଲା ବିଞ୍ଝାରପୁରର ଗଣିଆ ଜେନା(୩୮)। ସେ ଭୁବନେଶ୍ୱରରୁ ଏକ ଯାତ୍ରୀବାହୀ ଟ୍ରେନ୍‌ର ଗେଟ ପାଖରେ ବସି କଟକ ଅଭିମୁଖେ ଯାଉଥିଲେ। ହେଲେ ଅସାବଧାନତା ବଶତଃ ଟ୍ରେନରୁ ଖସି ପଡିଥିଲେ। ଟ୍ରେନ୍ ଲାଇନ୍ ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ଜିଆର୍‌ପି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ। -ଚାଣକ୍ୟ



## ସଂକ୍ଷେପରେ

### ନବ ନିର୍ମାଣ କୃଷକ ସଙ୍ଗଠନର ଧାରଣା

ଟାଙ୍ଗୀ(କଟକ),୨୯।୧(ଡି.ଏନ୍.ଏ): କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ, କୃଷକଙ୍କୁ ସମ୍ମାନ ଓ ସୁରକ୍ଷା ଭତ୍ତା ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ଟାଙ୍ଗୀ-ଚୌଦ୍ୱାର ଶାଖା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ କୃପାସିନ୍ଧୁ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ କୃଷି ତଥା କୃଷକ ପରିବାରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ଫେବୃୟାରୀ ୬ରେ ଭୁବନେଶ୍ୱର ସମାବେଶକୁ ସଫଳ କରିବା ପାଇଁ ନନ୍ଦ ଆହ୍ୱାନ ଦେଇଥିଲେ। ସଙ୍ଗଠନ କର୍ମକର୍ତ୍ତା ମଦନମୋହନ ପରିଡ଼ା, ବୈକୁଣ୍ଠ ବେହେରା, ନାଗମଣି ମହାନ୍ତି, ଶ୍ୟାମସୁନ୍ଦର ସାହୁ ଓ ଜୟନ୍ତ ସାହୁଙ୍କ ସମେତ ୨୪ପଞ୍ଚାୟତର ଶତାଧିକ ଚାଷୀ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ହାତୀ ଉପଦ୍ରୁତ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବିରେ ଏକ ସ୍ମାରକ ପତ୍ର ବିଡିଓ ବିନୋଦ କୁମାର ସେନାପତିଙ୍କୁ ପ୍ରଦାନ କରିଥିଲେ।

### ମୋବାଇଲ ଜବତ: ୨ ଗିରଫ

କଟକ ଅଫିସ, ୨୯।୧: ମୋବାଇଲ ଚୋରି ଅଭିଯୋଗରେ ମଙ୍ଗଳାବାଗ ପୋଲିସ ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳର ପ୍ରଶାନ୍ତ ବାରିକ ଓ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ଅଞ୍ଚଳର ରାଜୁ ବେହେରା। ପୋଲିସ ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲକୁ ଆସିଥିବା ଜଗତ୍‌ସିଂହପୁର ଜିଲାର ଜେମାମଣି ଜେନାଙ୍କ ମୋବାଇଲ ସୋମବାର ରାତିରେ ମେଡିସିନ୍ ୱାର୍ଡରୁ ଚୋରି ହୋଇଥିଲା। ସେ ମୋବାଇଲକୁ ଚାର୍ଜରେ ବସାଇଥିବା ବେଳେ ଅଭିଯୁକ୍ତ ଦ୍ରବ୍ୟ ଚୋରି କରି ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୨/୧୯) ରୁଜୁ କରିଥିଲା।

### ଓଟିଏମ୍ କଲୋନୀ ରାସ୍ତାର ଶିଳାନ୍ୟାସ

ଚୌଦ୍ୱାର, ୨୯।୧(ଡି.ଏନ୍.ଏ.): ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ଥିବା ଓଟିଏମ୍ କଲୋନୀ ରାସ୍ତାର ନବିକରଣ ପାଇଁ ଶିଳାନ୍ୟାସ ହୋଇଛି। ସ୍ଥାନୀୟ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଏଥିରେ ଅତିଥି ଭାବେ ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ପୂର୍ବତନ କାଉନସିଲର ମନୋଜ ମହାନ୍ତି, ଶୁଭେନ୍ଦୁ ସାମଲ, କରୁଣାକର ସାହୁ, ସୁବ୍ରତ ସାମଲ, ବିଷ୍ଣୁ ଚରଣ ପରିଡ଼ା, ଦିଲ୍ଲିପ ସାହୁ ଓ ସୁପ୍ରଭା ବେହେରା ଯୋଗଦେଇଥିଲେ।

### ପୂର୍ବତନ ମୁଖ୍ୟଯନ୍ତ୍ରୀ ଗୋକୁଳାନନ୍ଦଙ୍କ ପରଲୋକ

କଟକ ଅଫିସ, ୨୯।୧: ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ଇଂ. ଗୋକୁଳାନନ୍ଦ ମହାନ୍ତି(୭୭)ଙ୍କ ଗତ ରବିବାର ସିଦ୍ଧେଶ୍ୱର ସାହିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ରାସ୍ତା ଓ ଗୃହନିର୍ମାଣ ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ସଫଳତାର ସହ କାର୍ଯ୍ୟ କରିଥିଲେ। ୨୦୦୦ ମସିହା ନଭେମ୍ବର ମାସରେ ସରକାରୀ ଚାକିରିରୁ ଅବସର ନେବାପରେ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସ୍ୱର୍ଗତ ମହାନ୍ତି ଦିବ୍ୟ ଜୀବନ ସଂଘ କଟକ ଶାଖାର ଆଜୀବନ ସଦସ୍ୟ ଓ କାଫଲା ବଜାର ପୂଜା କମିଟିର ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଏସ୍‌ସିବି ମେଡିକାଲ ନିଶ୍ଚେତକ ବିଭାଗର ପୂର୍ବତନ ପ୍ରଫେସର ଡା. ବିଷ୍ଣୁପ୍ରିୟା ପଟ୍ଟନାୟକ, ସାନଭାଇ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରସନ୍ନ କୁମାର ମହାନ୍ତି, ପୁଅ ଇଂ. ଶୁଭେନ୍ଦୁ କୁମାର ମହାନ୍ତି, ଜ୍ୱାଇଁ ଡା. ଶିବାନନ୍ଦ ମହାନ୍ତି ଓ ସଂକେତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ସାହିତ୍ୟ ପତ୍ରିକା ଉନ୍ମୋଚିତ

କଟକ ଅଫିସ, ୨୯।୧: ସାଂସ୍କୃତିକ ଓ ସାମାଜିକ ପରିଷଦର ପ୍ରକାଶିତ ସାହିତ୍ୟ ପତ୍ରିକା 'କଳ୍ପନା'ର ଉନ୍ମୋଚନ ମଙ୍ଗଳବାର ସିଡିଏ ସେକ୍ଟର-୬ସ୍ଥିତ ରାମମନ୍ଦିର ପ୍ରାଙ୍ଗଣରେ ହୋଇଯାଇଛି। ବିଶିଷ୍ଟ ସାମାଜିକ କର୍ମୀ ତଥା ପଦ୍ମଶ୍ରୀ ସମ୍ମାନ ପାଇବାକୁ ଥିବା ଡି. ପ୍ରକାଶ ରାଓଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଉଦ୍‌ଘାଟିକା ଭାବେ 'କଳ୍ପନା'ର ମୁଖ୍ୟ ସମ୍ପାଦିକା ମନୋଜ ମଞ୍ଜରୀ ଦେଓ, ମୁଖ୍ୟଅତିଥି ବରିଷ୍ଠ ଖବରଦାତା ଡ. ସତ୍ୟ ରାୟ, ସମ୍ମାନିତ ଅତିଥି ଭାବେ ଡା. ପ୍ରସନ୍ନ ରାଠୋର ଓ ପ୍ରାଧାପକ ଉମାଶଙ୍କର ମିଶ୍ର ଯୋଗଦେଇଥିଲେ। ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଓ ପରିଚାଳନା ସମ୍ପାଦିକା ବନ୍ଦନା ନାୟକ ଧନ୍ୟବାଦ ଦେଇଥିଲେ।

# ପୁଣି ପଶିଆସିଲେ ହାତୀପଲ



ଭୁଆସୁଣିଗଡ଼ା ନିକଟ ଜଙ୍ଗଲକୁ ପଶି ଆସିଥିବା ହାତୀପଲ।



ହାତୀକୁ ଘଉଡାଇବା ପାଇଁ ଜଙ୍ଗଲ ବିଭାଗ କର୍ମଚାରୀ ବାଣ ଫୁଟାଉଛନ୍ତି।

କଟକ ଅଫିସ, ୨୯।୧

କଟକକୁ ମଙ୍ଗଳବାର ପୁଣି ପଶିଆସିଛନ୍ତି ହାତୀପଲ। ଆଠଗଡ଼ ଜଙ୍ଗଲରୁ ମଧୁସୂଦନ ବ୍ରିଜ୍ ତଳେ ବାଲିପଠା ଦେଇ ୭ରୁ ଊର୍ଦ୍ଧ୍ୱ ହାତୀ ବିଡାନାସୀ ଥାନା ଅନ୍ତର୍ଗତ ଭୁଆସୁଣିଗଡ଼ା ଅଞ୍ଚଳକୁ ପଶିଆସିଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ହାତୀମାନଙ୍କୁ ଘଉଡାଇବାରେ ଲାଗିଥିଲେ। ବାଣ ଫୁଟାଇ, ବାଜା ବଜାଇ ହାତୀମାନଙ୍କୁ ଘଉଡାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ତାହା ସମ୍ଭବ ହୋଇ ନ ଥିଲା। ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିବାରୁ ବନ ବିଭାଗ କର୍ମଚାରୀମାନେ ସେଠାରେ ଜଗି ରହିଥିଲେ। ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବରରେ ବିଡାନାସୀ ଏବଂ ସିଡିଏ ଅଞ୍ଚଳକୁ ଦୁଇ ଥର ହାତୀପଲ ପଶି ଆସିଥିଲେ।

## ଭୁଜାଲି, ବାଇକ ଜବତ: ଅଭିଯୁକ୍ତ ଗିରଫ

କଟକ ଅଫିସ, ୨୯।୧

**ସହକର୍ମୀଙ୍କୁ ଆକ୍ରମଣ ଉଦ୍ୟମ**

ସହକର୍ମୀଙ୍କୁ ଭୁଜାଲିରେ ଆକ୍ରମଣ ଉଦ୍ୟମ କରିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ରାଣୀହାଟ ଶଗଡିଆସାହି ଅଞ୍ଚଳର ମାଧବ ରାଓ। ପୋଲିସ ତାଙ୍କ ଠାରୁ ଏକ ବାଇକ ଓ ଭୁଜାଲି ଜବତ କରିଛି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ କଲେଜ ଛକ ଅଞ୍ଚଳର ଶୁଭରାଜ ସାହୁଙ୍କ ଘରେ ବୀରକିଶୋର ସିଂହ ଏବଂ ମାଧବ କାର୍ଯ୍ୟ କରୁଥିଲେ। ବୀରକିଶୋର ଘରୋଇ କାମ କରୁଥିବାବେଳେ ମାଧବ ଗାଡି ଚଳାଉଥିଲେ। ଶୁଭରାଜ ବୀରକିଶୋରଙ୍କୁ ବିଭିନ୍ନ କାର୍ଯ୍ୟରେ ଗୁରୁତ୍ୱ ଦେବାରୁ ମାଧବ ଏହାକୁ ସହିପାରି ନ ଥିଲେ। ତେଣୁ ମାଧବ ବୀରକିଶୋରଙ୍କୁ ଜୀବନରୁ ମାରି ଦେବାକୁ ଯୋଜନା କରିଥିଲେ। ସୋମବାର ରାତିରେ ମାଧବ ବୀରକିଶୋରଙ୍କୁ ତାଙ୍କ ବାଇକରେ ବୁଲିବାକୁ ଯିବାକୁ କହିଥିଲେ। ଏଥିରେ ବୀରକିଶୋର ରାଜି ହେବାରୁ ମାଧବ ତାଙ୍କୁ ମଙ୍ଗଳାବାଗ ଗଡା ଅଞ୍ଚଳରେ ଥିବା ହନୁମାନ ମନ୍ଦିରକୁ ନେଇଥିଲେ। ସେଠାରେ ପହଞ୍ଚିବା ପରେ ମାଧବ ପୂର୍ବରୁ ସେଠାରେ ରଖିଥିବା ଏକ ଭୁଜାଲି ଆଣି ବୀରକିଶୋରଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ହେଲେ କୌଣସି ପ୍ରକାରରେ ସେ ସେଠାରୁ ଖସିଆସି ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୩/୧୯) ରୁଜୁ କରିଥିଲା।

## ସରକାର, କର୍ମଚାରୀଙ୍କ ଭିତରେ ଫାଟ ସୃଷ୍ଟି ପାଇଁ ଗୃହ ବିଭାଗର ଚକ୍ରାନ୍ତ

କଟକ ଅଫିସ, ୨୯।୧

ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ସରକାରଙ୍କ ସହ ଉତ୍ତମ ସମ୍ପର୍କ ପ୍ରତିଷ୍ଠା କରି ଶାନ୍ତିପୂର୍ଣ୍ଣ ଭାବେ ତାହାର କାର୍ଯ୍ୟକ୍ରମ ଜାରି ରଖିଛି। କିନ୍ତୁ ଏପରିସ୍ଥଳେ ଏହି ସମ୍ପର୍କକୁ ପ୍ରତିହତ କରି ସରକାର ଓ କର୍ମଚାରୀଙ୍କ ଭିତରେ ଫାଟ ସୃଷ୍ଟି କରି ଆନ୍ଦୋଳନ ଗଢି ତୋଳିବା ପାଇଁ ରାଜ୍ୟ ଗୃହ ବିଭାଗ ସୁଚିନ୍ତିତ ଚକ୍ରାନ୍ତ ଆରମ୍ଭ କରିଥିବା ନେଇ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ବ୍ରଜକିଶୋର ନନ୍ଦ ଗୁରୁତର ଅଭିଯୋଗ କରିଛନ୍ତି। ଏକ ପ୍ରେସ୍ ବିବୃତ୍ତିରେ ନନ୍ଦ କହିଛନ୍ତି, କର୍ମଚାରୀମାନଙ୍କର ନ୍ୟାୟୋଚିତ ସମସ୍ୟା ସମାଧାନ ଦିଗରେ ଟାଳଟୁଳ ନୀତି ପାଇଁ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇଥାନ୍ତି। ସେମାନଙ୍କ ସମସ୍ୟା ସମାଧାନ କରିବାକୁ ନିୟମିତ ବ୍ୟବଧାନରେ ସମନ୍ୱୟ ସମିତି ସହ ଆଲୋଚନା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଷ୍ଟାଣ୍ଡିଂ କମିଟି ଓ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବୈଠକ ଅନୁଷ୍ଠିତ ହୋଇଥାଏ। ଫଳରେ ଅର୍ଥନୈତିକ ଓ ଅଣଅର୍ଥନୈତିକ ସମସ୍ୟାଗୁଡ଼ିକ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିଥାଏ। ଗୃହ ବିଭାଗର ପ୍ରସ୍ତାବ ଅନୁଯାୟୀ ଏହି ବୈଠକ ଅନୁଷ୍ଠିତ ହେଉଥିବାରୁ ସମନ୍ୱୟ ସମିତି ପକ୍ଷରୁ ବାରମ୍ବାର ଏ ସମ୍ପର୍କରେ ଗୃହ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର କୌଣସି ସୁଫଳ ମିଳିବା ପରିବର୍ତ୍ତେ ଗୃହ ବିଭାଗର ଅବାନ୍ତର ଯୁକ୍ତି ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବିଭ୍ରାନ୍ତୀକର ତଥ୍ୟ ପ୍ରଦାନ କରୁଥିବା ନନ୍ଦ କହିଛନ୍ତି। ଏହାଦ୍ୱାରା ରାଜ୍ୟର ୪ ଲକ୍ଷ କର୍ମଚାରୀ ଓ ଶିକ୍ଷକମାନଙ୍କୁ ପ୍ରକାରାନ୍ତରେ ଆନ୍ଦୋଳନାଭିମୁଖୀ କରିବାକୁ ଗୃହ ବିଭାଗ ସୁଚିନ୍ତିତ ଭାବେ ଉଦ୍ୟମ ଆରମ୍ଭ କରିଛି। ଗୃହ ବିଭାଗର ଏହି କାର୍ଯ୍ୟକଳାପ ସମ୍ପର୍କରେ ସମୀକ୍ଷା କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସମନ୍ୱୟ ସମିତି ପକ୍ଷରୁ ତଥ୍ୟଭିତ୍ତିକ ସ୍ମାରକପତ୍ର ଗତ ଡିସେମ୍ବର ୩୧ ତାରିଖରେ ସରକାରଙ୍କୁ ପ୍ରଦାନ କରାଯାଇଛି। ଏହାର ସମାଧାନ କରା ନ ଗଲେ ନିର୍ବାଚନ କାର୍ଯ୍ୟରୁ ସଂଘ ବିରତ ରହିବ ବୋଲି ନନ୍ଦ କହିଛନ୍ତି।

### ବୀମା ଗ୍ରହଣରେ ଚାଷୀଙ୍କର ଉତ୍ସୁକତା ଅଭାବ ରହିଛି

କଟକ ଅଫିସ,୨୯।୧

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ସାପ୍ତାହିକ ଆଲୋଚନାଚକ୍ର ମଙ୍ଗଳବାର ବିଭାଗ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ସେମିନାର ଉପଦେଷ୍ଟା ଡ. ଚିତ୍ତରଞ୍ଜନ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଡ. ଆଶିଷ କୁମାର ସେନାପତି ଯୋଗଦେଇ ଗ୍ରାମୀଣ ଭାରତରେ ବୀମା ନିମନ୍ତେ କୃଷକମାନଙ୍କ ଉତ୍ସୁକତା ଶୀର୍ଷକରେ ଆଲୋକପାତ କରିଥିଲେ। ଜଳବାୟୁ ପରବର୍ତ୍ତନ ଯୋଗୁ ଉତ୍ପାଦନରେ ତାରତମ୍ୟ ଦେଖା ଦେଉଛି। ଏ ସଂକ୍ରାନ୍ତରେ ଉପଲବ୍ଧ ବୀମା ଓ ଚାଷୀମାନଙ୍କର ବୀମା ଗ୍ରହଣରେ ଉତ୍ସୁକତାର ଅଭାବ ରହିଛି ବୋଲି ସେନାପତି କହିଥିଲେ। କୃଷୀବୀମା ପ୍ରତି ଚାଷୀମାନଙ୍କ ଆଭିମୁଖ୍ୟକୁ ଦର୍ଶାଇବା ପାଇଁ କଟକ ଓ ବଲାଙ୍ଗୀର ଜିଲାର ତୁଳନାତ୍ମକ ଦୃଷ୍ଟିପାତ ଓ ଏହାକୁ ପ୍ରଭାବିତ କରୁଥିବା କାରଣଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଅଧ୍ୟାପକ ମନୋଜ କୁମାର ଦାସ ଓ ଅଧ୍ୟାପିକା ନିରୁପମା ଟେଟେ ଉପସ୍ଥିତ ଥିବାବେଳେ ଛାତ୍ର ଶୁଭମ ସୌମନ ସେନାପତି ଧନ୍ୟବାଦ ଦେଇଥିଲେ।

## ଗଣ୍ଡଗୋଳ ଘଟଣା: ୬ ଗିରଫ

କଟକ ଅଫିସ, ୨୯।୧

ବିଡ଼ାନାସୀ ଥାନା ଅଞ୍ଚଳରେ ରବିବାର ରାତିରେ ବେଆଇନ ଗୋ' ଚାଲାଣ ବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଥିଲେ ୪ ଜଣ ଯୁବକ। ଲୋକେ ସେମାନଙ୍କୁ ନିସ୍ତୁକ ମାଡ଼ ମାରିଥିବା ବେଳେ ସେମାନେ ଆଣିଥିବା ଏକ ଟାଟା ଏସିଇ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାର ତଦନ୍ତ କରି ପୋଲିସ ମାଡ଼ ମାରିଥିବା ୫ ଜଣ ଯୁବକ ଓ ଗୋ'ଚାଲାଣ କାରବାରର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିଡାନାସୀ ଥାନା ଅନ୍ତର୍ଗତ ଗୋପାଳପୁର ଅଞ୍ଚଳର ନଳିନୀକାନ୍ତ ଶାସମଲ, ରାକେଶ ଦାସ, କାଳିଆ ବେହେରା, ସଞ୍ଜୟ ଦାସ, ପ୍ରକାଶ ବେହେରା ଓ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳର ସେକ୍ ସମିମ୍। ଏନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା (୧୫,୧୬/୧୯) ରୁଜୁ କରିଛି।



କଟକ ଅନ୍ନପୂର୍ଣ୍ଣା ଥିଏଟରଠାରେ ଅନ୍ନପୂର୍ଣ୍ଣା-ବି କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଅମଣିଷ'ର ଏକ ଦୃଶ୍ୟ।

■ସରକାରୀ ଯୋଜନାରେ ସାମିଲ ପାଇଁ ଲାଞ୍ଚ କାରବାର

## ଶ୍ରମ ଅଧିକାରୀଙ୍କୁ ରିପୋର୍ଟ ତଲବ

କଟକ ଅଫିସ, ୨୯।୧

**■ଯୋଗ୍ୟ ହିତାଧିକାରୀମାନେ ସହାୟତାରୁ ବଞ୍ଚିତ ହେଉଛନ୍ତି।**

ଶ୍ରମିକ ସଙ୍ଗଠନ ନାମରେ ଗରିବ ନିରୀହ ଦିନ ମଜୁରିଆଙ୍କୁ ଶ୍ରମିକ ସ୍ୱାସ୍ଥ୍ୟବୀମା, ପେନ୍‌ସନ ଓ ମୋ' ସାଇକେଲ ଯୋଜନାରେ ସାମିଲ କରିବାକୁ ଲାଞ୍ଚ କାରବାର ହେଉଛି। ଲେବର କାର୍ଡ ପିଛା ୫୦୦ ଟଙ୍କା, ପରିଚୟପତ୍ର ପାଇଁ ୪୦୦ ଟଙ୍କା ଅଯୋଗ୍ୟ ହିତାଧିକାରୀମାନଙ୍କଠାରୁ ଆଦାୟ କରାଯାଇ ଯୋଜନାରେ ସାମିଲ କରାଯାଉଛି। ଫଳରେ ଯୋଗ୍ୟ ହିତାଧିକାରୀମାନେ ସହାୟତାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଗତ ୨୧ ତାରିଖରେ ଆମ୍ବେଦକର ସ୍ମୃତି ପରିଷଦର ସଭାପତି ତଥା ସାମାଜିକ କର୍ମୀ ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ଏଡିଏମ୍ ବିଜୟ କୁମାର ଖଣ୍ଡାୟତରାୟଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବି ପ୍ରଦାନ କରାଯାଇଥିଲା। ତେବେ ପରିଷଦର ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ଜିଲାପାଳ ମଙ୍ଗଳବାର ପତ୍ର ସଂଖ୍ୟା ୧୧୯ ଜରିଆରେ ଜିଲା ଶ୍ରମ ଅଧିକାରୀଙ୍କୁ ଘଟଣା ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଟାଙ୍ଗୀ(କଟକ),୨୯।୧(ଡି.ଏନ୍.ଏ): ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଷ୍ଟେଟବ୍ୟାଙ୍କ ଗଡ଼ା ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ସାନକୋଷ୍ଠି ଗ୍ରାମର ରାହାସ ଖୁଣ୍ଟିଆ। ଖୁଣ୍ଟିଆ ସାଇକେଲରେ ଟାଙ୍ଗୀ ଅଭିମୁଖେ ଆସୁଥିବାବେଳେ ଏକ ଟ୍ରକ୍(ଓଆର୍-୦୪ଏନ୍-୦୩୯୫) ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ପହଞ୍ଚି ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କର ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମଙ୍ଗଳାବାଗ ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଟାଙ୍ଗୀ ପୋଲିସ ଟ୍ରକ୍‌କୁ ଜବତ କରିଥିବା ଆଇଆଇସି ବିମଳ ବାରିକ କହିଛନ୍ତି।

## ଜିଲା ଯୋଜନା କମିଟି ବୈଠକ

କଟକ ଅଫିସ, ୨୯।୧

ଜିଲା ଯୋଜନା କମିଟି ବୈଠକ ମଙ୍ଗଳବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପାଇଁ ଏହି କମିଟିର ସଭାପତି ତଥା ମନ୍ତ୍ରୀ ଉଷା ଦେବୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲା ନିମନ୍ତେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୧୯୯୦.୫୬ କୋଟି ଟଙ୍କାର ବାର୍ଷିକ ଯୋଜନା ଅନୁମୋଦନ ହୋଇଛି। ମୁଖ୍ୟତଃ ସ୍ୱାସ୍ଥ୍ୟ, ପରିମଳ, ଗୃହ, ଅନୁସୂଚିତ ଜାତି ଓ ଜନଜାତି, ରାଜସ୍ୱ, ଶିଶୁ କଲ୍ୟାଣ ଆଦି କ୍ଷେତ୍ରରେ ୬୩ ପ୍ରତିଶତ ଏବଂ ପରିବହନ ଗମନାଗମନ ପାଇଁ ୨୨ ପ୍ରତିଶତ ଜିଲା ନିମନ୍ତେ ଖର୍ଚ୍ଚ କରାଯିବ ବୋଲି ବୈଠକରୁ ଜଣାପଡିଛି। ଚଳିତ ଆର୍ଥିକ ବର୍ଷରେ ଜିଲା ବାର୍ଷିକ ଯୋଜନାରେ କୃଷି, ଗୋ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ନଗର ଉନ୍ନୟନ, ଗମନାଗମନ, ଶିଶୁ ଓ ମହିଳାମାନଙ୍କ ଉନ୍ନତି ଏବଂ ଶିକ୍ଷାର ଉନ୍ନତି ଉପରେ ପ୍ରାଧାନ୍ୟ ଦିଆଯାଇଛି। ଏହି ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରମୋଦ କୁମାର ମଲ୍ଲିକ, ପ୍ରଭାତ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, ଜିଲା ଯୋଜନା କମିଟି ଉପାଧ୍ୟକ୍ଷ ପୁଲକ ମହାନ୍ତିଙ୍କ ସମେତ ଜିଲା ଯୋଜନା କମିଟିକୁ ନିର୍ବାଚିତ ହୋଇଥିବା ସଦସ୍ୟାସଦସ୍ୟ ଓ ବିଭିନ୍ନ ବିଭାଗୀୟ ପଦାଧିକାରୀ ଯୋଗଦେଇଥିଲେ।

■ ଆସନ୍ତୁ ଚାଲିବା, ଟାଙ୍ଗୀ-ସାଲେପୁରର ବିକାଶରେ ସାମିଲ ହେବା

## ପ୍ରକାଶଙ୍କ ସହ ସାମିଲ ହେଲେ ସମର୍ଥକ

ସାଲେପୁର,୨୯।୧(ଡି.ଏନ.ଏ.)



ବିଧାୟକ ପ୍ରକାଶ ବେହେରା ଓ ତାଙ୍କ ସମର୍ଥକ ପଦଯାତ୍ରାରେ ଯାଉଛନ୍ତି।

ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ଆସନ୍ତୁ ଚାଲିବା, ଟାଙ୍ଗୀ-ସାଲେପୁରର ବିକାଶରେ ସାମିଲ୍ ହେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିନା ଦଳୀୟ ଚିହ୍ନରେ ବିଧାୟକ ବେହେରାଙ୍କ ନେତୃତ୍ୱରେ ହଜାରହଜାର ଯୁବ, ଛାତ୍ର, ମହିଳା ସମର୍ଥକ ସାମିଲ ହୋଇ କଟକ-ଚାନ୍ଦବାଲି ରାସ୍ତାର ପୀରବଜାରଠାରୁ ସାଲେପୁର ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ପ୍ରାୟ ୧୬ କି.ମି. ବ୍ୟାପୀ ପଦଯାତ୍ରାରେ ଜନସାଧାରଣ ବିଧାୟକଙ୍କ ଦ୍ୱାରା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟ ଏବଂ ସାଲେପୁରର ବିକାଶ ପାଇଁ ବିଧାୟକଙ୍କ ଅବଦାନ ସମ୍ପର୍କରେ ସ୍ଲୋଗାନ ଦେଇଥିଲେ। ସକାଳ ୧୦ଟାରୁ ପଦଯାତ୍ରା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ସାଲେପୁର ତହସିଲ୍ ପଡ଼ିଆଠାରେ ଥିବା ବିଧାୟକଙ୍କ କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା। ବିଧାୟକ ବେହେରା ପଦଯାତ୍ରା ସଫଳ ପାଇଁ ସାମିଲ୍ ହୋଇଥିବା ସମର୍ଥକଙ୍କୁ କୃତଜ୍ଞତା ଜଣାଇଥିଲେ। ବିକାଶ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଥିବାରୁ ଏବଂ ବିଭିନ୍ନ ବର୍ଗର ଲୋକେ ଆସନ୍ତୁ ଚାଲିବା କାର୍ଯ୍ୟକ୍ରମରେ ସାମିଲ୍ ହେବା ପାଇଁ ଆହ୍ୱାନ ଦିଆଯାଇଥିବାରୁ ଦଳୀୟ ଚିହ୍ନର ଆବଶ୍ୟକତା ନାହିଁ ବୋଲି ପୁଣି ବକ୍ତବ୍ୟରେ ପ୍ରକାଶ କରିଥିଲେ। ପଦଯାତ୍ରାରେ ସାଲେପୁର ଓ ଟାଙ୍ଗୀ ବ୍ଲକ୍‌ର ବହୁ ଜନସାଧାରଣ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ମମତା ରାଉତ, ବ୍ଲକ୍ ଆମ୍ବ ସଭାପତି ତଥା ଯୁବନେତା ସମ୍ରାଟ କେଶରୀ ଲେଙ୍କା, ବିଶ୍ୱରଞ୍ଜନ ଦାଶ, ପ୍ରିୟରଞ୍ଜନ ମହାପାତ୍ର, ବସନ୍ତ ଭୂୟାଁ, ବେଣୁଧର ପ୍ରଧାନ, ଅଜିତ୍ ପଣ୍ଡା, ନାରୀନେତ୍ରୀ ପୂର୍ଣ୍ଣିମା ବଡ଼ିଆ, ସୟଦ ସଫିଉଲ୍ ଆଲାମ୍, ରଘୁପତି ରାଉତ, ଅରବିନ୍ଦ ବିଶ୍ୱାଳ, ଶୁକଦେବ ଭୂୟାଁ ପ୍ରମୁଖ ପଦଯାତ୍ରାରେ ସାମିଲ୍ ହୋଇଥିଲେ। ଅନ୍ୟପକ୍ଷରେ ବିଧାୟକଙ୍କ ବିନା ଦଳୀୟ ଚିହ୍ନର ଏହି ପଦଯାତ୍ରାକୁ ନେଇ ସାଲେପୁର ଅଞ୍ଚଳର ଲୋକଙ୍କ ମଧ୍ୟରେ ନାନା ଆଲୋଚନା ହେଉଛି।

## ମାଗଣାରେ ହେବ କୃତ୍ରିମ ହାତ ପ୍ରତିରୋପଣ

କଟକ ଅଫିସ, ୨୯।୧

**ମାର୍ଚ୍ଚ ୧୭ରେ ଇନ୍‌ଡୋର ଷ୍ଟାଡିୟମରେ ଶିବିର**

ପ୍ରତିବର୍ଷ ଦେଶରେ ବହୁସଂଖ୍ୟକ ଲୋକ ଏବଂ ଶିଶୁ ସଡ଼କ ଦୁର୍ଘଟଣା କିମ୍ବା କୌଣସି ଶିଳ୍ପସଂସ୍ଥାରେ କାମ କରୁଥିବା ବେଳେ ପଙ୍ଗୁ ହୋଇଯାଉଛନ୍ତି। ଦୁର୍ଭାଗ୍ୟବଶତଃ ଯଦି ସେମାନଙ୍କର ହାତ କଟିଯାଏ ତେବେ ତାହାର ଭରଣା ହୋଇପାରୁ ନାହିଁ କିମ୍ବା କୌଣସି କୃତ୍ରିମ ଅଙ୍ଗ ହାତରେ ଲଗାଯାଇ ପାରୁନାହିଁ। ଯଦିଓ କିଛି କୃତ୍ରିମ ଅଙ୍ଗ ହାତରେ ଲଗାଯାଇପାରିବା ଭଳି ଅଛି, ସେଗୁଡ଼ିକ ଅତ୍ୟନ୍ତ ଓଜନଦାର ଏବଂ ଅଶୋଧିତ। ତେଣୁ ସେଗୁଡ଼ିକର କିଛି ଭଲ ଉପଲବ୍ଧ ନାହିଁ। ଲାଏନ୍ସ କ୍ଲବ, ରୋଟାରୀ କ୍ଲବ ପୁନା ଡାଉନ ଟାଉନ, ରୋଟାରୀ କ୍ଲବ ବ୍ରହ୍ମପୁର ପୂର୍ବ ଏବଂ ଭାରତୀୟ ରେଡକ୍ରସ ସଂସ୍ଥା (କଟକ ଜିଲା)ର ମିଳିତ ଆନୁକୂଲ୍ୟରେ ଲୋକହିତ ପାଇଁ ଏକ ଶିବିର ଆୟୋଜନ କରାଯାଇଛି। ଯେଉଁଥିରେ କୌଣସି କାରଣ ପାଇଁ ନିଜ ହାତ ହରେଇଥିବା ଲୋକମାନଙ୍କର କୃତ୍ରିମ ହାତ ଲଗାଯାଇପାରିବ। ଏହି ଶିବିର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ମାର୍ଚ୍ଚ ୧୭ ତାରିଖରେ ଅନୁଷ୍ଠିତ ହେବ। ଏହି କୃତ୍ରିମ ହାତ ଏଲ୍‌ଏନ୍-୪ ନାମରେ ପ୍ରଖ୍ୟାତ, ଯାହାକି ଆମେରିକାରେ ତିଆରି ହୋଇଛି ଏବଂ ଦରକାର ଥିବା ବ୍ୟକ୍ତି/ଶିଶୁଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଏହା ଅତ୍ୟନ୍ତ ସହଜ ଏବଂ ଶୀଘ୍ର ଲଗାଯାଇପାରିବ। ଏହାର ରକ୍ଷଣାବେକ୍ଷଣର ଆବଶ୍ୟକତା ନାହିଁ। ଏହା ସବୁ ବର୍ଗଙ୍କ ଉପଯୁକ୍ତ। ଏହାର ଓଜନ ୪୦୦ ଗ୍ରାମ। ଏହାକୁ ଲଗାଇ ସାରିବା ପରେ ଏବଂ କିଛିଟା ଆବଶ୍ୟକ ଅଭ୍ୟାସ ପରେ ବ୍ୟକ୍ତି ହାତରେ ଖାଇବା, ଗାଡ଼ି ଚଳାଇବା ଏବଂ ଲେଖିବା ଭଳି କାମ କରିପାରିବ ବୋଲି ଲାୟନ୍ସ କ୍ଲବ ପକ୍ଷରୁ ପ୍ରେସ୍ ବିବୃତ୍ତିରେ କୁହାଯାଇଛି।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବିଜେଡିର ୱାର୍ଡ କମିଟି ବୈଠକ, କର୍ମୀ ସମ୍ମିଳନୀ

**ସାଲେପୁର,୨୯।୧(ଡି.ଏନ.ଏ.):** ସାଲେପୁର ବିଜେଡି ପକ୍ଷରୁ ଗୋପୀନାଥପୁର ପଞ୍ଚାୟତର ସାଇରାମ ମଣ୍ଡପ ପରିସରରେ ୱାର୍ଡ କମିଟି ବୈଠକ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ମନୋରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ବିଜେଡି ନେତା ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ବିଜେଡି ସଙ୍ଗଠନକୁ ୱାର୍ଡସ୍ତରରୁ ମଜଭୁତ କରିବାକୁ ହେଲେ ଯୁବ, ଛାତ୍ର ଓ ମହିଳା କର୍ମୀଙ୍କୁ ଅଧିକରୁ ଅଧିକ ସାମିଲ୍ କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ, ବ୍ଲକ୍ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ପ୍ରଶାନ୍ତ ମିଶ୍ର, ବିଶ୍ୱରଞ୍ଜନ ସାହୁ, ଭୁବନାନନ୍ଦ ସ୍ୱାଇଁ, ଶଙ୍କର ସ୍ୱାଇଁ, ସମିତିସଭ୍ୟା ସ୍ୱାତୀସ୍ମିତା ସାହୁ, ଟୁନା ବିଶ୍ୱାଳ, ରାଜା ମହାନ୍ତି ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସୁଶାସନ ଓ ପ୍ରଶାନ୍ତଙ୍କ ଦୃଢ଼ ନେତୃତ୍ୱକୁ ସମର୍ଥନ ଜଣାଇ କୁଳମଣୀ ଘଡ଼ାଇ, ଅଶୋକ ମଲ୍ଲିକ୍, ରମେଶ ରାଉତ, ହରିହର ଓଝା ଓ ରବିନ୍ଦ୍ର ଘଡ଼େଇଙ୍କ ସମେତ ପଞ୍ଚାୟତର ୨୧ କଂଗ୍ରେସ କର୍ମୀ ଦଳତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ନେତା ବେହେରା ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଦୁର୍ଯ୍ୟୋଧନ ଦାସ, ପବିତ୍ର ମୋହନ ସାହୁ, ମନୁଆ ପରିଡ଼ା ଓ ଗଗନ ବିହାରୀ ରାଉତଙ୍କ ସମେତ ପଞ୍ଚାୟତ ବିଜୁ ଯୁବବାହିନୀଙ୍କ ସହ ମହିଳା, ଯୁବ କର୍ମୀ ସାମିଲ ହୋଇଥିଲେ।

### ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ରଘୁନାଥପୁର, ୨୯ ।୧( ଡି.ଏନ.ଏ.):** ରଘୁନାଥପୁର ବ୍ଲକ ବର୍ତ୍ତୀ ପାଟେଣିଗାଁସ୍ଥିତ ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଜାନକୀବଲ୍ଲଭ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁଦ ଶରୀର ସୁସ୍ଥ ରଖିବା ସହ ମନରେ ସ୍ଫୁର୍ତ୍ତି ଆଣେ ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରୀତା ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ପ୍ରଧାନ, ଶିକ୍ଷାବିତ୍ ଯଦୁନାଥ ଜେନା, ଉପେନ୍ଦ୍ରନାଥ ବେହେରା, ଆର୍ତ୍ତବନ୍ଧୁ ନାୟକ, ଅଭୟ ସାମନ୍ତରାୟ, ପୁରୁଷୋତ୍ତମ ଦାସ, ଏସଏମସି ସଭାପତି ଝୁଲୁଲତା ନାୟକ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ଭଗବାନ ସ୍ୱାଇଁ, ଅଭିମନ୍ୟୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୋ ସ୍କୁଲ ଅଭିଯାନରେ ସଫଳତା ପାଇଁ ଏହି ସ୍କୁଲ ଜିଲାପାଳଙ୍କ ଦ୍ୱାରା ପ୍ରଶଂସିତ ହୋଇଥିବାରୁ କମିଟିର କର୍ମକର୍ତ୍ତାଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦିଲୀପ ମହାନ୍ତି ଓ ସଚିନ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ଖେଳକୁଦରେ ସିନିୟର ବାଳକ ବିଭାଗରେ ସଞ୍ଜୟ କୁମାର ସିଂ ଓ ବାଳିକା ବିଭାଗରେ ସୋନାଲି ଭୂୟାଁ ଏବଂ ଜୁନିୟର ବାଳକ ବିଭାଗରେ ସୌମ୍ୟରଞ୍ଜନ ସାହୁ ଏବଂ ଯୁଗ୍ମ ଭାବେ ବାଳିକା ବିଭାଗରେ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ମନସ୍ୱିନୀ ଦାସ ଚାମ୍ପିୟନ ହୋଇଥିଲେ। ସ୍ମିତାରାଣୀ କୁଣ୍ଡୁ ଓ ଗାୟତ୍ରୀ ରାଉତ ପରିଚାଳନା କରିଥିଲେ। ସିଆରସିସି ଯଜ୍ଞବଳ୍କ ମିଶ୍ର ଅତିଥି ପରିଚୟ, ଶ୍ରୀକାନ୍ତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଇଲାବନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

**■ ୩୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଜଳବିଶୋଧନାଗାର ପ୍ରକଳ୍ପ ଉଦ୍‌ଘାଟିତ**

# ଏନଏସି ଜନସାଧାରଣଙ୍କୁ ମିଳିବ ସ୍ୱଚ୍ଛ ପାନୀୟ ଜଳ

**ବାଙ୍କୀ,୨୯।୧(ସ୍ୱ.ପ୍ର./ବି.ପ୍ର.)**

ବାଙ୍କୀ ଏନଏସି ଅଞ୍ଚଳ ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିମନ୍ତେ ମଙ୍ଗଳବାର ଶିଶୁଆଠାରେ ୩୦ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଜଳବିଶୋଧନାଗାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ବାଙ୍କୀ ଟାଉନ୍ କ୍ଲବଠାରେ ଆୟୋଜିତ ଉତ୍ସବରେ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ଜେନା ଉଦ୍‌ବୋଧନ ଦେଇ କହିଥିଲେ, ଏନଏସି ଜନସାଧାରଣଙ୍କୁ ଏହି ପ୍ରକଳ୍ପ ଦ୍ୱାରା ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯିବ। ରାଜ୍ୟ ସରକାର ସହରାଞ୍ଚଳ ବିପିଏଲ୍ ଅନ୍ତର୍ଭୁକ୍ତ ଜନସାଧାରଣଙ୍କ ବାସଗୃହକୁ ପାଇପ୍ ମାଧ୍ୟମରେ ମାଗଣାରେ ପାନୀୟ ଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି। ଏଥିସହ ଏପିଏଲ୍ ଅନ୍ତର୍ଭୁକ୍ତ ଜନସାଧାରଣଙ୍କୁ ମାସକୁ ୧୦୦ଟଙ୍କାରେ ପାନୀୟଜଳ ଯୋଗାଇ ଦିଆଯିବା ବ୍ୟବସ୍ଥା ହୋଇଛି। ତେଣୁ ସହରାଞ୍ଚଳର ସମସ୍ତ ଜନସାଧାରଣ ଏହାର ସୁବିଧା ନେଇପାରିବେ। ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଏମ୍‌ପି ଭର୍ତ୍ତୃହରି ମହତାବ ସମ୍ମାନିତ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଳାଶ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ସୁପରିନଟେଣ୍ଡେଣ୍ଟ ଇଂ. ହାଡ଼ିବନ୍ଧୁ ବେହେରା ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ସଭାପୂର୍ବରୁ ଯାତମୁଣ୍ଡିଆଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କୁ ସଭାସ୍ଥଳ ପର୍ଯ୍ୟନ୍ତ ଅଣାଯାଇଥିଲା।




ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ପ୍ରତାପ ଜେନା, ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ପ୍ରଭାତ ତ୍ରିପାଠୀ ଓ ଅନ୍ୟମାନେ।

■ବିପିଏଲ୍ ହିତାଧିକାରୀଙ୍କୁ ମାଗଣା
■ଏପିଏଲ୍ ହିତାଧିକାରୀ ମାସକୁ ଦେବେ ୧୦୦ ଟଙ୍କା

# ସାଧାରଣତନ୍ତ୍ର ଦିବସରେ ୩ ପଞ୍ଚାୟତ ପୁରସ୍କୃତ



ତିନି ପଞ୍ଚାୟତକୁ ପୁରସ୍କୃତ କରାଯାଉଛି।

**ଆଠଗଡ଼,୨୯।୧ (ସ୍ୱ.ପ୍ର.)**

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଆଠଗଡ଼ ବ୍ଲକ ଅଞ୍ଚଳର ୩ ପଞ୍ଚାୟତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସମ୍ପୃକ୍ତ ୩ ପଞ୍ଚାୟତର ସରପଞ୍ଚ ଓ ଗାଁ କଲ୍ୟାଣ ସମିତି କର୍ମକର୍ତ୍ତାଙ୍କୁ ପୁରସ୍କୃତ କରିଥିଲେ। ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ମେଗା ସେକ୍ଟର ଅନ୍ତର୍ଗତ ବେଣ୍ଟପଦା ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ, ପିଠା କାର୍ଯ୍ୟକ୍ରମ ଆୟୋଜନରେ କଟକିଆସାହି ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଏବଂ ଜିଲାର ୧୮୪ ଗାଁ କଲ୍ୟାଣ ସମିତି ମଧ୍ୟରୁ ଅନନ୍ତପୁର ପଞ୍ଚାୟତର ଅନନ୍ତପୁର ଗାଁ କଲ୍ୟାଣ ସମିତିକୁ ଶ୍ରେଷ୍ଠ ଗାଁ କଲ୍ୟାଣ ସମିତିଭାବେ ପୁରସ୍କୃତ କରାଯାଇଥିଲା। ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଗା ସେକ୍ଟର ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ ଅସଲମଙ୍କ ନେତୃତ୍ୱରେ ଏହି ଉତ୍ସବରେ ଯୋଗଦେଇଥିବା ବେଣ୍ଟପଦା ସରପଞ୍ଚ କନକ ସାହୁ, କଟକିଆସାହି ସରପଞ୍ଚ ନରେନ୍ଦ୍ର ସ୍ୱାଇଁ ଓ ଅନନ୍ତପୁର ଗାଁ କଲ୍ୟାଣ ସମିତି ଅଧ୍ୟକ୍ଷା କବିତା ସାହୁ ଓ ଆବାହିକା ମଞ୍ଜୁଲତା ସାହୁ ଜିଲାପାଳ ଅଗ୍ରୱାଲଙ୍କଠାରୁ ପୁରସ୍କାର ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ବିଡ଼ାନାସୀ କ୍ଲବ ବିଜୟୀ

**ବାଙ୍କୀ,୨୯।୧(ସ୍ୱ.ପ୍ର.)**

ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ୩ୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ କଟକ ବିଡ଼ାନାସୀ କ୍ଲବ ଓ କିଶୋର କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ବିଡ଼ାନାସୀ କ୍ଲବ ଭୁବନେଶ୍ୱର କିଶୋର କ୍ଲବକୁ ୪–୩ ଗୋଲ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ, ବାଙ୍କୀ କ୍ରେଡିଟ୍ ସମବାୟ ବ୍ୟାଙ୍କ ସଭାପତି ଦେବରାଜ ରଣା, ଅବସରପ୍ରାପ୍ତ ଖେଳ ଶିକ୍ଷକ ଭରତ ବାରିକ ଓ କ୍ରୀଡ଼ାବିତ୍ ସଦାଶିବ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସଞ୍ଜୀବ ଦାସ ପରିଚାଳନା କରିଥିବାବେଳେ କୃପାସିନ୍ଧୁ ପ୍ରଧାନ ଓ ବାଦଲ ନାୟକ ସହଯୋଗ କରିଥିଲେ। ବୁଧବାର ମ୍ୟାଚ ସ୍ପୋର୍ଟସ ହଷ୍ଟେଲ କଟକ ଓ ବାଙ୍କୀ ଆଥଲେଟିକ ଆସୋସିଏଶନ ମଧ୍ୟରେ ଖେଳ ଅନୁଷ୍ଠିତ ହେବବୋଲି ଆସୋସିଏଶନ ସାଧାରଣ ସମ୍ପାଦକ ସନ୍ତୋଷ ରଣା ପ୍ରକାଶ କରିଛନ୍ତି।

# ନେଚର ପ୍ୟାଥି ଚିକିତ୍ସାଳୟ ଉଦ୍‌ଘାଟିତ

**ନରସିଂହପୁର,୨୯।୧(ସ୍ୱ.ପ୍ର.)**

ନରସିଂହପୁର ସଦର ମହକୁମା ପାଇକପଡ଼ା ଅଞ୍ଚଳରେ ଏକ ନେଚରପ୍ୟାଥି ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ସାର୍ଫ ଦ୍ୱାରା ପରିଚାଳିତ ଏହି ଚିକିତ୍ସାଳୟକୁ ପୁରୀ ରାଧାକାନ୍ତ ମଠର ମୁଖ୍ୟ ପରିଚାଳକ କୃଷ୍ଣ ଗୋପାଳ ଦାସ୍‌ଜୀ ମହାରାଜ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଏଠାରେ ଯୋଗ, ବ୍ୟାୟାମ, ପ୍ରାକୃତିକ ସ୍ପର୍ଶ ଚିକିତ୍ସା, ବାତ ଏବଂ ଚର୍ମରୋଗଠାରୁ ଆରମ୍ଭ କରି କିଡ୍‌ନୀ, ଡାଇବେଟିସ୍, କ୍ୟାନସର୍ ଭଳି ଦୂରାରୋଗର ସରଳ ଚିକିତ୍ସା କରାଯିବ। ନରସିଂହପୁର ଭଳି ଏକ ଉପାନ୍ତ ଅଞ୍ଚଳରେ ପ୍ରାକୃତିକ ଚିକିତ୍ସା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ସାର୍ଫ ତରଫରୁ ସହଜ ଓ ସରଳ ପ୍ରକ୍ରିୟା ଯୋଗାଇ ଦିଆଯିବ ବୋଲି ସମ୍ପାଦକ ବିଜୟ କୁମାର ପଣ୍ଡା ସୂଚନା ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟାପକ କୁଳମଣି ବାରିକ, ଗବ୍ୟଋଷି ସୁଶାନ୍ତ କୁମାର ନାୟକ, ଅନନ୍ତ ରାମ ଦାସ ମହାରାଜ, ସ୍ୱାଥି ସରିତା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ଜନସାଧାରଣଙ୍କୁ ଏହି କେନ୍ଦ୍ର ନୂତନ ଆଶା ଯୋଗାଇ ଦେବ ବୋଲି କହିଥିଲେ।



ଚିକିତ୍ସାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

# ଶାହଙ୍କ ଗସ୍ତରେ ଏପାଖ ସେପାଖ

**ନିଶ୍ଚିନ୍ତକୋଇଲି,୨୯।୧(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କୁଲିଆ ଆରଏମସି ପଡିଆରେ ମଙ୍ଗଳବାର ଭାଜପାର ବୁଥସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂପୁର ଓ ଯାଜପୁର ଜିଲାର ୨୮ ବିଧାନସଭା ନିର୍ବାଚନୀମଣ୍ଡଳୀର ୬,୮୦୦ ବୁଥରୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ସଭାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଯୋଗଦେଇ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ନିର୍ବାଚନ ଶେଷ ପର୍ଯ୍ୟନ୍ତ ଅବିଶ୍ରାନ୍ତ ଭାବେ କଠିନ ପରିଶ୍ରମ କରିବା ପାଇଁ କର୍ମୀଙ୍କୁ ସଂକଳ୍ପ କରାଇଥିଲେ। ତେବେ ଶାହଙ୍କ ଏହି ଗସ୍ତ ସମୟରେ ଅନେକ ଏପାଖ ସେପାଖ ହୋଇଥିବା ଦେଖାଯାଇଥିଲା। ତାହା ଏଠାରେ ଉଲ୍ଲେଖ କରାଯାଇଛି।

### ବିଳମ୍ବରେ ଆସିଲେ

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଦିବା ୧୧ ଘଟିକାରେ ସଭାମଞ୍ଚ ନିକଟରେ ହେଲିକପ୍ଟର ଯୋଗେ ପହଞ୍ଚିବା ପାଇଁ ପୂର୍ବ ପ୍ରସ୍ତୁତି ହୋଇଥିଲା। କିନ୍ତୁ ଶାହ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଳମ୍ବରେ ଯଥା ୧ଟା୧୦ରେ ସଭାମଞ୍ଚ ନିକଟରେ ପହଞ୍ଚିଥିଲେ। ଫଳରେ ଦୂର ଦୂରାନ୍ତରୁ ଆସିଥିବା କର୍ମୀଙ୍କୁ ଦୀର୍ଘ ସମୟ ପ୍ରତୀକ୍ଷା କରିବାକୁ ପଡିଥିଲା। ସେ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଭାଜପା ଓଡ଼ିଶା ପ୍ରଭାରୀ ଅରୁଣ ସିଂ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଓ ଦଳୀୟ କର୍ମକର୍ତ୍ତା ମଞ୍ଚ ସମ୍ଭାଳିଥିଲେ। ଶାହଙ୍କ ସହ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ମଧ୍ୟ ବିଳମ୍ବରେ ଆସିଥିଲେ। ଏନେଇ କର୍ମୀ ନିରୁତ୍ସାହିତ ହୋଇଥିଲେ।

### ମଞ୍ଚରେ ଦେଖାଗଲେନି ମାହାଙ୍ଗା ନେତା

ମାହାଙ୍ଗା ନିର୍ବାଚନମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ କୁଲିଆ ଆର୍‌ଏମ୍‌ସି ପଡ଼ିଆରେ ଭାଜପାର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ସଭାକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ମାହାଙ୍ଗା ନେତାମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ। କିନ୍ତୁ ସଭାମଞ୍ଚରେ କୌଣସି ନେତାଙ୍କ ଦେଖା ମିଳି ନ ଥିଲା। ବରିଷ୍ଠ ଭାଜପା ନେତା ପ୍ରଭାତ ମିଶ୍ର, ସମୀର ସାମଲ କିମ୍ବା ନୂତନଭାବେ ମାହାଙ୍ଗା ନେତୃତ୍ୱ ନେଉଥିବା ଶାରଦା ପ୍ରଧାନ ମଧ୍ୟ ମଞ୍ଚରେ ନ ଥିବା ଦେଖିବାକୁ ମିଳିଥିଲା।

### କଡ଼ା ସୁରକ୍ଷା ବଳୟରେ ସଭା

ଶାହଙ୍କ ଗସ୍ତକୁ ଆଖି ଆଗରେ ରଖି ସମଗ୍ର କଟକ–ଚାନ୍ଦବାଲି ରାସ୍ତା ଓ ସଭାମଞ୍ଚ ଚତୁଃପାର୍ଶ୍ୱ କଡ଼ା ପୋଲିସ ସୁରକ୍ଷା ବଳୟରେ ରହିଥିଲା। ଏପରି କି ଦୂରଦୂରାନ୍ତରୁ ଆସିଥିବା କର୍ମୀଙ୍କୁ ଭିତରେ ପଶିବା ପାଇଁ ବ୍ୟାପକ ତଲାସି କରାଯାଇଥିଲା। ଫଳରେ କର୍ମୀମାନେ ରାସ୍ତା ଉପରେ ଠିଆ ହୋଇ ସଭା ଦେଖିଥିଲେ। ଏହି ଘଟଣାକୁ ଦେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିକ୍ୟୁରିଟି ଗେଟ୍‌କୁ ହଟାଇବା ପାଇଁ ମଞ୍ଚରୁ ପୋଲିସକୁ ନିବେଦନ କରିଥିଲେ। ସୁରକ୍ଷା ପାଇଁ ୧୪ ପ୍ଲାଟୁନ ଫୋର୍ସ, ୨ ଅତିରିକ୍ତ ଏସପି, ୪ ଡିଏସପି, ୧୦ ଇନ୍ସପେକ୍ଟର, ୨୫ ସବଇନ୍ସପେକ୍ଟର, ୩୬ ଏଏସଆଇ ଓ ୨୨ କନ୍ସଷ୍ଟେବଳ ହାବିଲଦାର ଓ ୬୦ ହୋମଗାର୍ଡ ନିୟୋଜିତ ହୋଇଥିଲେ।

### ଖରାରେ ସିଝିଲେ କର୍ମୀ, ଖବରଦାତା

ଶାହ ବିଳମ୍ବରେ ଆସିବାରୁ କର୍ମୀ, ନେତା ଓ ଖବରଦାତାଙ୍କୁ ଅପେକ୍ଷା କରିବାକୁ ପଡିଥିଲା। ଫଳରେ ଦୀର୍ଘ ସମୟ ଉଭୟ ଦଳୀୟ କର୍ମକର୍ତ୍ତା ଓ ଖବରଦାତା ଖରାରେ ସିଝିଥିଲେ। ଏପରି କି ଠିକ ଢଙ୍ଗରେ ପାନୀୟ ଜଳ ବ୍ୟବସ୍ଥା କରାଯାଇ ନ ଥିବାରୁ ପାଣି ପାଇଁ ଲୋକେ ତହଳବିକଳ ହୋଇଥିଲେ।



ଅମିତ ଶାହ ମଧୁବାବୁଙ୍କ ଜନ୍ମପୀଠକୁ ପରିଦର୍ଶନ ବେଳେ ସେଠାରେ ଥିବା ପରିଦର୍ଶିକା ପଞ୍ଜିକାରେ ନିଜସ୍ୱ ଅନୁଭୂତି ଉଲ୍ଲେଖ କରୁଛନ୍ତି।

# ହରିହର ସାହୁ ଶିକ୍ଷା ନିକେତନ ବାର୍ଷିକୋତ୍ସବ

**ନରସିଂହପୁର,୨୯।୧(ଡି.ଏନ.ଏ.)**

ନରସିଂହପୁର ବ୍ଲକ କାନପୁରଠାରେ ଥିବା ହରିହର ସାହୁ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଶିକ୍ଷା ନିକେତନ ସଭାପତି ସଞ୍ଜୀବ ଲୋଚନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ପ୍ରଧାନଶିକ୍ଷକ ରଘୁବଂଶ ନାଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ସୂର୍ଯ୍ୟମଣୀ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ କୁନିକୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଶାନ୍ତ ବାରିକ, ସନ୍ତୋଷ ଭୂୟାଁ, ବିଚିତ୍ର ମହାନ୍ତି, ଦେବାଶିଷ ସ୍ୱାଇଁ, ବୈଜୟନ୍ତୀ ତରାସିଆ, ପୁଷ୍ପଲତା ଜେନା, ତୁଳସୀ ବେହେରା, ସାଗାରିକା ସାହୁ, ସୁମିତ୍ରା ସାହୁ, ବୈଜୟନ୍ତୀ ରାଉତ, ଶିବାନୀ ମହାପାତ୍ର, ସ୍ମୃତିସନ୍ଧ୍ୟା ମହାପାତ୍ର, କଳ୍ପନା ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ବକ୍ତୃତା, ସଙ୍ଗୀତ ଓ ଦେଶାତ୍ମବୋଧ ନୃତ୍ୟ ପ୍ରତିଯୋଗିତା

**ନେମାଳ,୨୯।୧(ଡି.ଏନ.ଏ.)**

ଆମ ପୋଲିସ, ଆମ ବିକାଶ ପରିଷଦ ଆନୁକୂଲ୍ୟରେ ନେମାଳ ଗୋଖରା ପଡ଼ିଆ ପରିସରରେ ବ୍ଲକସ୍ତରୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ମିଳିତ ପରେଡ ସହ ଜାତୀୟ ସଂଘତି ଶୀର୍ଷକ ବକ୍ତୃତା, ସଙ୍ଗୀତ ଓ ଦେଶାତ୍ମବୋଧ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନେମାଳ ଥାନା ଆଇଆଇସି ପ୍ରଭାତ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ପରିଷଦ ଆବାହକ ଖବରଦାତା ବିନୟ କୁମାର ଦାସ ସଞ୍ଚାଳନ କରିଥିଲେ। ଉଦ୍‌ଘାଟକଭାବେ କଟକ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ କୁମାର ଜେନା, ମୁଖ୍ୟଅତିଥି ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ସବିତା ଓଝା, ବିଶିଷ୍ଟ ଅତିଥି ଏସଡିପିଓ ନିରଞ୍ଜନ ପାଢ଼ୀ, ମୁଖ୍ୟବକ୍ତା ଜିଲାପରିଷଦ ସଭ୍ୟା ସୁଭଦ୍ରା ଦାସ, ସମ୍ମାନିତ ଅତିଥି ନିଶ୍ଚିନ୍ତକୋଇଲି ଅତିରିକ୍ତ ତହସିଲଦାର ରବୀନ୍ଦ୍ର ପ୍ରଧାନ, ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅକ୍ଷୟ ବେହେରା, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ତଥା ପରିବେଶବିତ ପ୍ରମୋଦ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଖବରଦାତା କ୍ଷମାନିଧି ପୂଝାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପରେଡ ଓ ପରେ ଅନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକଭାବେ ଶିକ୍ଷାବିତ ଡ. ଦିଲୀପ ଦେ, ପ୍ରାଧ୍ୟାପକ ଗଗନ ବିହାରି ଦାସ ଯୋଗ ଦେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ବୈଶାଳୀ ମହାପାତ୍ର, ସଙ୍ଗୀତରେ ଶକ୍ତିଶ୍ୱର ସାମଲ, ନୃତ୍ୟରେ ସାଇନା ଖାନମ୍, ଦଳଗତ ନୃତ୍ୟ ଓ ପରେଡରେ ଡ. ଦେବ ମାହାନ୍ତି ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ, ବୁଦ୍ଧିଜୀବୀ ଓ ଖବରଦାତାମାନେ ଯୋଗ ଦେଇଥିଲେ।



ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ମିଳୁନି ଗ୍ୟାସ ସିଲିଣ୍ଡର

**ପିପିଲି,୨୯।୧(ଡି.ଏନ୍.ଏ.)**

ପିପିଲି ଅଞ୍ଚଳର ଏକ ଇଣ୍ଡେନ ଗ୍ୟାସ ବିତରକ ସଂସ୍ଥାରୁ ଠିକ୍ ଭାବେ ଗ୍ୟାସ୍ ସିଲିଣ୍ଡର ନ ମିଳିବା ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ଗ୍ରାହକମାନେ ସେହି ସଂସ୍ଥା ସମ୍ମୁଖରେ ଏକାଠି ହେବାରୁ ଗଣ୍ଡଗୋଳ ପରିସ୍ଥିତି ଉପୁଜିବା ଭୟରେ କର୍ମଚାରୀ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଜାନୁୟାରୀ ପ୍ରଥମ ସପ୍ତାହରୁ ଲୋକେ ଗ୍ୟାସ ପାଇଁ ବୁକିଂ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମିଳି ନାହିଁ। ବିତରକ ସଂସ୍ଥା ଦିନେ ଦୁଇଦିନ ମଧ୍ୟରେ ଦିଆଯିବ କହି ନ ଦିଆଯିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସଂସ୍ଥା ଅଧୀନରେ ପିପିଲି ଏନ୍‌ଏସି ସମେତ ୧୨ହଜାରରୁ ଊର୍ଦ୍ଧ୍ୱ ଲୋକେ ନିର୍ଭର କରନ୍ତି। ସଂସ୍ଥାର ମ୍ୟାନେଜରଙ୍କୁ ଲୋକେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁ ନାହିଁ। ଜାନୁୟାରୀ ଶେଷ ହେବାକୁ ଥିବାବେଳେ ଆହୁରି ୫ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ସିଲିଣ୍ଡର ପାଇବା ଅପେକ୍ଷାରେ ଅଛନ୍ତି। ବିତରକ ସଂସ୍ଥାର ମ୍ୟାନେଜର ରାମେଶ୍ୱର ବରାଳ କୁହନ୍ତି, ଗ୍ୟାସ ସିଲିଣ୍ଡର ଏଠାରେ ପହଞ୍ଚିବାରେ ବିଳମ୍ବ ହେଉଥିବାରୁ ଗ୍ରାହକଙ୍କୁ ଠିକ ସମୟରେ ଦିଆଯାଇ ପାରୁନାହିଁ ବୋଲି କହିଛନ୍ତି।

# ଜେଲ ଗଲେ ଜିତୁ, ରିମାଣ୍ଡରେ ନେବ ପିପିଲି ପୋଲିସ

**ପୁରୀ ଅଫିସ,୨୯।୧**

**ପାରା ହତ୍ୟା ମାମଲା**
■ଡେଙ୍ଗା ମୁନାଙ୍କୁ ଘନଘନ ଜେରା,୨ ଅଭିଯୁକ୍ତ ଅଟକ
■ତଦନ୍ତରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ

ବହୁ ଚର୍ଚ୍ଚିତ ପାରା ଓରଫ ସଞ୍ଜୟ ବେହେରା ହତ୍ୟା ମାମଲାରେ ପୁରୀ ପୋଲିସର ଏନକାଉଣ୍ଟରରେ ଆହତ ଜିତେନ୍ଦ୍ର ସାହୁ ଓରଫ ଜିତୁଙ୍କୁ ପୋଲିସ ମଙ୍ଗଳବାର ଜେଲକୁ ପଠାଇଛି। ଏନକାଉଣ୍ଟର ପର ଠାରୁ ଜିତୁ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ପୁରୀ ପୋଲିସ ତାଙ୍କୁ କଡା ସୁରକ୍ଷା ବଳୟ ମଧ୍ୟରେ ପିପିଲି ଜେଏମଏଫସିଙ୍କ ନିକଟରେ ହାଜର କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡ଼ା ଜେଲକୁ ପଠାଇ ଦିଆଯାଇଛି। ପିପିଲି ପୋଲିସ ତାଙ୍କୁ ୩ଦିନ ରିମାଣ୍ଡରେ ଆଣିବା ଲାଗି ଆବେଦନ କରିଛି।

ଅନ୍ୟପଟେ କୁମ୍ଭାରପଡା ପୋଲିସ ପାରା ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଡେଙ୍ଗା ମୁନାଙ୍କୁ ୫ଦିନ ରିମାଣ୍ଡରେ ଆଣିଛି। ଏହି ମାମଲାରେ ସମ୍ପୃକ୍ତି ନେଇ ପୋଲିସ ଦୁଇଜଣ ଅପରାଧୀଙ୍କୁ ମଧ୍ୟ ଥାନାରେ ଅଟକ ରଖିଛି। ମଙ୍ଗଳବାର ଦ୍ୱିତୀୟ ଦିନରେ ପୋଲିସ ଡେଙ୍ଗା ମୁନାଙ୍କୁ ଘନ ଘନ ଜେରା କରିଛି। ଏଥିସହ ଅଟକ ଦୁଇ ଅପରାଧୀ ଏବଂ ଡେଙ୍ଗା ମୁନାଙ୍କୁ ପୋଲିସ ମୁହାଁମୁହିଁ ଜେରା କରିଛି। ଏହି ମାମଲାରେ ଅନ୍ୟ କେଉଁ ମାନଙ୍କ ସମ୍ପୃକ୍ତି ରହିଛି, ଗୁଳିକାଣ୍ଡ ପଛରେ ଦାଦାବଟି ନା ଅନ୍ୟ କୌଣସି କାରଣ ଥିଲା ପୋଲିସ ଏହାର ଖୋଳତାଡ କରୁଛି। ତେବେ ଦ୍ୱିତୀୟ ଦିନରେ ପୋଲିସକୁ ସେଭଳି ସଫଳତା ମିଳି ନ ଥିବା ଜଣାପଡିଛି।

ଗୁଳିକାଣ୍ଡର ମୁଖ୍ୟ କାର୍ପଟଦାରଙ୍କୁ ପୋଲିସ ଜାଣିଶୁଣି ଖସାଇ ଦେଇଛି ବୋଲି ପାରାଙ୍କ ପରିବାର ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଡେଙ୍ଗା ମୁନାଙ୍କୁ ପୋଲିସ ଜାଣିଶୁଣି ଆତ୍ମସମର୍ପଣ କରିବାର ସୁଯୋଗ ଦେଇଥିଲା ବୋଲି ମୃତ ପାରାଙ୍କ ବଡ ଭାଇ ଅଜୟ ବେହେରା କହିଥିଲେ। କୁମ୍ଭାରପଡା ପୋଲିସର ତଦନ୍ତରେ ସ୍ୱଚ୍ଛତାକୁ ନେଇ ପାରାଙ୍କ ପରିବାର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୋଲିସ ରାଜନୈତିକ ଚାପରେ ମାମଲାକୁ ଚାପି ଦେବାକୁ ବସିଛି ବୋଲି ଅଜୟ କହିଛନ୍ତି। ଏହି ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଡେଙ୍ଗା ମୁନା ନିମାପଡା କୋର୍ଟରେ ଆତ୍ମସମର୍ପଣ କରି ଜେଲରେ ଥିଲେ। ଗତ ୧୨ତାରିଖରେ ଅନ୍ୟତମ ଅଭିଯୁକ୍ତ ଜିତୁଙ୍କୁ ପିପିଲି–ଜଟଣୀ ରୋଡ ବାଇମୂଳ ଛକ ନିକଟରେ କୁମ୍ଭାରପଡା ପୋଲିସ ଏନକାଉଣ୍ଟର କରିଥିଲା। ସେ ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଅନ୍ୟପଟେ ପୋଲିସ ଉପରକୁ ଗୁଳି ଫୁଟାଇବା ନେଇ ପିପିଲି ପୋଲିସ ଜିତୁଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା।

ଏନେଇ ପିପିଲି ଥାନା ଅଧିକାରୀ ଶରତ କୁମାର ସାହୁ କୁହନ୍ତି, କାବୁ କରିବା ସମୟରେ ଜିତୁ ପୋଲିସ ଉପରକୁ ଗୁଳି ଚାଳନା କରିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସେ ବନ୍ଧୁକ କେଉଁଠୁ ଆଣିଥିଲେ, ଅନ୍ୟ କୌଣସି ଗ୍ୟାଙ୍ଗ ସହିତ ତାଙ୍କର ସମ୍ପୃକ୍ତି ରହିଛି କି, ସେ ସମ୍ପର୍କରେ ପଚରାଉଚୁରା ଲାଗି ରିମାଣ୍ଡ ଆବେଦନ କରାଯାଇଛି।



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### ଚୁଆରୁ ଅପରିପକ୍ୱ ମୃତ ଯାଁଳା ଶିଶୁପୁତ୍ର ଉଦ୍ଧାର

**ଖୋର୍ଦ୍ଧା ଅଫିସ,୨୯।୧:** ୧୬ ନଂ. ଜାତୀୟ ରାଜପଥର ଜଟଣୀ ବାଇପାସ ଛକ ନିକଟସ୍ଥ ପେଟ୍ରୋଲ ପମ୍ପ ପଛପାଖ ପରିତ୍ୟକ୍ତ ଚୁଆରୁ ମଙ୍ଗଳବାର ଅପରିପକ୍ୱ ଯାଁଳା ଶିଶୁପୁତ୍ର ଉଦ୍ଧାର ହୋଇଛନ୍ତି। ଉଦ୍ଧାର ଶିଶୁପୁତ୍ରଙ୍କ ନାହି ନାଡ ଲାଗିଛି। ପ୍ରାୟ ୭ରୁ ୮ ମାସର ଅପରିପକ୍ୱ ଶିଶୁପୁତ୍ରଙ୍କୁ ଗର୍ଭପାତ କରି ଫୋପଡା ଯାଇଥିବା ଅନୁମାନ କରାଯାଉଛି। ମଙ୍ଗଳବାର ମଧ୍ୟାହ୍ନରେ ଦୁଇ ଯାଁଳା ଶିଶୁ ମୃତଦେହ ପଡିଥିବା ଶୁଣିବାକୁ ମିଳିଥିଲା। ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପକ୍ଷରୁ ବହୁ ଖୋଜାଖୋଜି ପରେ ପରିତ୍ୟକ୍ତ ଚୁଆରୁ ସନ୍ଧାନ ମିଳିଥିଲା। ପୋଲିସ ପକ୍ଷରୁ ନଂ. ୫/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମାଧବ ରାଓ ବସ୍ତିଆ ସୂଚନା ଦେଇଛନ୍ତି।

### ଶିକ୍ଷାସଦନର ବାର୍ଷିକ କ୍ରୀଡ଼ା, ପୁରସ୍କାର ବିତରଣ

**ଖୋର୍ଦ୍ଧା ଅଫିସ,୨୯।୧:** ଖୋର୍ଦ୍ଧା ବ୍ଲକର ମଳିପଡାସ୍ଥିତ ବାଙ୍ଗୁର ଶିକ୍ଷାସଦନରେ ୩୪ତମ ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ମା' ଭଗବତୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ସ୍କୁଲରେ ପହଞ୍ଚିବା ପରେ ଉତ୍ସବ ଆରମ୍ଭ ହୋଇଥିଲା। ଖୋର୍ଦ୍ଧାର ପୂର୍ବତନ ମ୍ୟୁନିସିପାଲିଟି ଅଧକ୍ଷା ସଞ୍ଜୁକ୍ତା ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରହରି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଏସ୍‌ଡିପିଓ ଯୁଗଳ କିଶୋର ଦାସ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୈଦ୍ୟନାଥ ସାହୁ, ସମ୍ମାନିତ ଅତିଥି ଭାବେ ବଣିଆଟାଙ୍ଗୀ ଇଞ୍ଜିନିୟରିଂ କଲେଜର ଅଧକ୍ଷ ବିକାଶ କୁମାର ପଟ୍ଟନାୟକ, କଁପୁର ସରପଞ୍ଚ ସୁକାନ୍ତ କୁମାର ସେଠୀ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ମାନ୍ଧାତା ପ୍ରମୁଖ ଯୋଗଦେଇଥିଲେ। ଖେଳ ଶିକ୍ଷକ ପ୍ରଶାନ୍ତ ସାହୁ, ସୁବାସ ଚମ୍ପତି, ନିବାସ ଶ୍ରୀଚନ୍ଦନ ଖେଳ ପରିଚାଳନା କରିଥିଲେ। ସ୍କୁଲ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷକ ପ୍ରତାପ ଚନ୍ଦ୍ର ଚମ୍ପତିରାୟ ଧନ୍ୟବାଦ ଦେଇଥିଲେ।

### ମୂଲ୍ୟବୋଧଭିତ୍ତିକ ଶିକ୍ଷା ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ,୨୯।୧:** କମାଗୁରୁ ରାମଚନ୍ଦ୍ର କଳ୍ପନା କଲେଜରେ ମଙ୍ଗଳବାର ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆମରିସତ୍ୟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ନାଇଜରର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ ଯୋଗଦେଇ ଶ୍ରୀଜଗନ୍ନାଥ ତତ୍ତ୍ୱର ବହୁ ମାର୍ମିକ ଗୁଢ ରହସ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ ଦର୍ଶାଇଥିଲେ ଇଂରେଜଙ୍କ ଆଗମନ ପୂର୍ବରୁ ଜ୍ଞାନ, ବିଜ୍ଞାନ, ପ୍ରଜ୍ଞାନ ତ୍ରିବିଧ ଶିକ୍ଷା ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ ପ୍ରଜ୍ଞାନ ଶିକ୍ଷା ଅପସରି ଯିବାରୁ ମାନବୀୟ ମୂଲ୍ୟବୋଧ ହଜି ଯାଉଛି। ଆମରିସତ୍ୟର ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ଦାସ କଲେଜ ଶିକ୍ଷାରେ ଛାତ୍ରୀଛାତ୍ରଙ୍କ ଆଚରଣ ଉଚ୍ଚାରଣ ନେଇ ଦିଗ୍‌ଦର୍ଶନ ଦେଇଥିଲେ। ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି ଦର୍ଶାଇଥିଲେ ପିତାମାତା, ଗୁରୁଜନଙ୍କୁ ଛାତ୍ରୀଛାତ୍ର ସମ୍ମାନ ଦିଅନ୍ତୁ। ଅଧକ୍ଷ ଡ. ସୁଧାଂଶୁ ଶେଖର ମହାନ୍ତି ସ୍ୱାଗତ ଭାଷଣ, ଅଧାପିକା ଡ. ରେଣୁବାଳା ସାମନ୍ତରାୟ ଅତିଥି ପରିଚୟ ଓ ଅଧାପକ ସତ୍ୟନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

■ ଜଟଣୀ ବ୍ଲକ: ଗ୍ରାମୀଣ ଆବାସ ଯୋଜନା

# ବହୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ

**ଜଟଣୀ,୨୯।୧(ଡି.ଏନ.ଏ.)**

ଗ୍ରାମୀଣ ଆବାସ ଯୋଜନାରେ ନିଃସହାୟ ଓ ଗରିବ ଶ୍ରେଣୀର ଲୋକଙ୍କୁ ପକ୍କା ଘର ଖଣ୍ଡେ ପ୍ରଦାନ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ହେଲେ ଜଟଣୀ ବ୍ଲକରେ ଏହା ସେତେଟା ସଫଳ ହୋଇପାରିନାହିଁ। ବିଭିନ୍ନ ଉପାୟରେ ଅଯୋଗ୍ୟ ବ୍ୟକ୍ତି ଏହାର ଫାଇଦା ନେଇ ଯାଉଥିବା ବେଳେ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ବ୍ଲକ ପ୍ରଶାସନକୁ ବହୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ ଦୋଷାରୋପ କରିଛନ୍ତି। ଆର୍ଥିକ ମାନଦଣ୍ଡ ଭଲ ଥିବା, ସରକାରୀ ଚାକିରିଆ, କୋଠାଘର ଥିବା କେତେଜଣ ବ୍ୟକ୍ତି ଏହି ସୁବିଧା ଉପଲବ୍ଧ କରୁଛନ୍ତି। ଅଥଚ ଚାଳ ଛପର ଉଡି ଯାଇଥିବା, ଛପର କରିବାକୁ ସକ୍ଷମ ନ ଥିବା ବ୍ୟକ୍ତି ଘରଟିଏ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ବାରମ୍ବାର ଦୌଡ଼ିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଯଦିବି କାହାର ତାଲିକାରେ ନାଁ ଆସୁଛି ସେଥିରେ ମଧ ତଳ ଉପର କରି ଦିଆଯାଉଛି। କ୍ରମିକ ନମ୍ବରକୁ ଅତିକ୍ରମ କରି ପଛରେ ପାଇବାକୁ ଥିବା ଲୋକଙ୍କୁ ଆଗକୁ ଅଣାଯାଉଛି। ବ୍ଲକର ଅଙ୍ଗାରପଡ଼ା ପଞ୍ଚାୟତ କଥା ଯଦି ଦେଖାଯାଏ, ତେବେ ଏପରି ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ଏଠାରେ ବଞ୍ଚିତ ହୋଇ ନିରୁପାୟ ହୋଇ ରହିଛନ୍ତି। ପଞ୍ଚାୟତ ଅନ୍ତର୍ଗତ ପଳାସପୁର ଗ୍ରାମର ସୁବାସିନୀ ମହାରଣା। ସ୍ୱାମୀ ତାଙ୍କର ଅସୁସ୍ଥ। ଘର ଚଳାଇବାକୁ ଆଉ କେହିନାହାନ୍ତି। ଅନ୍ୟ ଉପାୟ ନ ପାଇ ଘରଠାରୁ ୪ରୁ ୫ କିଲୋମିଟର ଦୂର ଏକ ବୋତଲ ଫ୍ୟାକ୍ଟ୍ରିକୁ କାମ କରିବାକୁ ଦୈନିକ ସେ ଚାଲିକି ଯା'ଆସ କରିଥାନ୍ତି। ବୋତଲ ସଫା କରିବା ସଂଖ୍ୟା ଉପରେ କେଉଁଦିନ ଶହେ ତ ଆଉ କେଉଁଦିନ ଦେଢ଼ ଶହ ଟଙ୍କା ପାରିଶ୍ରମିକ ସେ ପାଇଥାନ୍ତି। ତାଙ୍କୁ ମଧ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ସେହିପରି ରୁନୁ ବେହେରାଙ୍କ ତାଲିକାରେ ନାଁ ଆସିଲା। ସେ ଖୁସି ହୋଇଯାଇଥିଲେ। ଯାହାହେଉ ଏବେ ସେ ପକ୍କା ଘରେ ରହିବେ। ତେବେ ତାଙ୍କର ଏହି ଆଶା ଆଶାରେ ହିଁ ରହିଗଲା। ତାଙ୍କ କ୍ରମିକ ନମ୍ବର ତଳେ ଥିବା ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ସେ ବଞ୍ଚିତ ହୋଇଥିଲେ। ଅବଶ୍ୟ ଅଭିଯୋଗ କଲା ପରେ ବ୍ଲକର କେହି କର୍ମଚାରୀ ପହଞ୍ଚି ଅନୁଧ୍ୟାନ କରି ଯାଇଥିବା ସେ କହିଛନ୍ତି। ମହୁଲ ଗ୍ରାମର ପଞ୍ଚାନନ ପ୍ରଧାନ ଓ ବିଜୟ ପ୍ରଧାନଙ୍କ ସମାନ ଅବସ୍ଥା। ଦୁଇଜଣ ଦିନ ମଜୁରିଆ। ଛପର କରିବାକୁ ମଧ ଏମାନଙ୍କ ନିକଟରେ ଅର୍ଥର ଅଭାବ ରହିଛି। ହେଲେ ସେମାନଙ୍କ ନିକଟରେ ଏହି ଯୋଜନା ପହଞ୍ଚି ପାରିନାହିଁ। ସମ୍ପୃକ୍ତ ପଞ୍ଚାୟତର ସାମାଜିକ କର୍ମୀ ପ୍ରଦୀପ ବରାଳ କୁହନ୍ତି, ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଏମାନଙ୍କ ପରି ଅନେକ ଯୋଗ୍ୟ ହିତାଧିକାରୀ ଏପରି ଯୋଜନାରୁ ବଞ୍ଚିତ ହେଉଛନ୍ତି। ବ୍ଲକ କାର୍ଯ୍ୟାଳୟକୁ ଯାଇ ଆବେଦନ କରିବା ସହ ବାରମ୍ବାର କହିବା ସତ୍ତ୍ୱେ କେହି ସେମାନଙ୍କ କଥାକୁ ଗୁରୁତ୍ୱ ଦେଉନାହାନ୍ତି। ଏମାନଙ୍କ ପାଖରେ ଦୁଇଓଳି ଖାଇବାକୁ ଆବଶ୍ୟକ ଅର୍ଥ ନାହିଁ। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଲାଞ୍ଚ ବାବଦରେ ଅର୍ଥ କେଉଁଠୁ ଆଣିବେ ବୋଲି ପ୍ରଦୀପ କହିଛନ୍ତି। ବିଡିଓ ବାସୁଦେବ ମାହାରୀ ଏ ନେଇ ମତାମତ ଦେବାକୁ ମନା କରିଦେଇଥିଲେ। ତେବେ ବ୍ଲକ ଅଧକ୍ଷା ବନଜା ଜେନାଙ୍କୁ ପଚାରିବାରେ ଏହି ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରି ଏହାର ସୁଫଳ ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉଛି। ଯେପରି କେହି ଏଥିରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଧ୍ୟାନ ଦିଆଯାଉଥିବା ସେ କହିଥିଲେ।



ମହୁଲ ଗ୍ରାମର ପଞ୍ଚାନନ ପ୍ରଧାନ ଓ ବିଜୟ ପ୍ରଧାନଙ୍କ ଘର।




ପ୍ରାଣନାଥ ମହାବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟସ୍ତରୀୟ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

## ଉଚ୍ଚଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଉପରେ ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ,୨୯।୧**

ଉଚ୍ଚଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଉପରେ ଜାତୀୟସ୍ତରୀୟ ଆଲୋଚନାଚକ୍ର ପ୍ରାଣନାଥ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଓଡ଼ିଶା ଶିକ୍ଷା ବିକାଶ ପରିଷଦ ଓ ପ୍ରତିଭା ବିକାଶ ମଞ୍ଚର ମିଳିତ ଚେଷ୍ଟାରେ ଅଧକ୍ଷ ମେଜର ଦୁଷ୍ମନ୍ତ କୁମାର ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପୋଷାବିହାରର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରେଭେନ୍ସା କଲେଜର ଶିକ୍ଷା ବିଭାଗର ଅବସରପ୍ରାପ୍ତ ପ୍ରଫେସର ବ୍ରଜବନ୍ଧୁ ପଣ୍ଡା, ମୁଖ୍ୟବକ୍ତା ରୂପେ ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର କମଳ ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଶିକ୍ଷା ବିକାଶ ପରିଷଦର ସଭାପତି ଯୁଧିଷ୍ଠିର ଖଟୁଆ ଓ ସମ୍ପାଦକ ରଶ୍ମି ରଞ୍ଜନ ନାଥ, ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି ଜିତୁ ମିତ୍ର, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ୨୫ଟି ମହାବିଦ୍ୟାଳୟରୁ ୫୦ ଜଣ ଅଧାପିକାଅଧାପକ ସେମାନଙ୍କ ଗବେଷଣାତ୍ମକ ପ୍ରବନ୍ଧ ପାଠ କରିଥିଲେ। ଉଚ୍ଚଶିକ୍ଷାର ମାନବୃଦ୍ଧି ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନାରେ ବର୍ତ୍ତମାନର ଶିକ୍ଷାପଦ୍ଧତିର ଦୋଷତ୍ରୁଟି ନଜରକୁ ଆସିଥିଲା। ଏହାର ନିରାକରଣର ଉପାୟ ମଧ ବକ୍ତାମାନେ ଦର୍ଶାଇଥିଲେ। ସମାଜର ଆବଶ୍ୟକତାକୁ ଆଖି ଆଗରେ ରଖି ଶିକ୍ଷା ପ୍ରଦାନ କରାଯିବା ସହ ନିଜର ଜ୍ଞାନକୁ ଅପଡେଟ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ସାଂସ୍କୃତିକ ଆସର ଲାଗି ରହିଥିଲା। ବିଭିନ୍ନ ବିଭାଗର ଅଧାପିକାଅଧାପକ ଛାତ୍ରୀଛାତ୍ର ଏଥିରେ ଉପସ୍ଥିତ ଥିଲେ।

■ ଟାଙ୍ଗୀ ଲୋକ ମହୋତ୍ସବରେ ମୁକ୍ତ ଜିମ୍ ଉଦ୍‌ଘାଟିତ

## ପାଇକ ଆଖଡ଼ାରେ ବୀରତ୍ୱର ପରିପ୍ରକାଶ

**ଟାଙ୍ଗୀ(ଖୋର୍ଦ୍ଧା),୨୯।୧(ଡି.ଏନ.ଏ.)**

ସ୍ଥାନୀୟ ଚିଲିକା ଷ୍ଟାଡିୟମରେ ଆୟୋଜିତ ଟାଙ୍ଗୀ ଲୋକମହୋତ୍ସବର ୭ମ ସନ୍ଧ୍ୟାରେ ଏକ ମୁକ୍ତ ଜିମ୍ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କ ଉଦ୍ୟମରେ ସ୍ଥାପିତ ଏହି ଜିମ୍‌କୁ ଏମପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୋରଣ ପାଇକ ଆଖଡା ଦଳ ସେମାନଙ୍କ ଉଚ୍ଚକୋଟୀର ରଣକୌଶଳ ପ୍ରଦର୍ଶନ କରି ଓଡିଆ ଜାତିର ବୀରତ୍ୱକୁ ପରିପ୍ରକାଶ କରିଥିଲେ। ଏହା ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ବଲାଙ୍ଗୀର ସଙ୍ଗୀତ ସାଧନାର ମନମୁଗ୍ଧକର ସଙ୍ଗୀତ ଦର୍ଶକଙ୍କୁ ଆମୋଦିତ କରିଥିଲା। ଟାଙ୍ଗୀ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ମହୋତ୍ସବ କମିଟିର ସଭାପତି ବିଧାୟକ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଏମପି ଡ. ପାଟ୍ଟଶାଣୀ ଅତିଥି ରୂପେ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ସଂହତି ଓ ଭାଇଚାରର ପ୍ରଶଂସା କରିଥିଲେ। ସମ୍ପାଦକ ବିଶ୍ୱଜିତ୍ ରାଉତରାୟ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ବିଜୟ କୁମାର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଫୁଟବଲ ଟୁର୍ନାମେଣ୍ଟ: ଭୁବନେଶ୍ୱର ସେମିରେ

**ବେଗୁନିଆ,୨୯।୧(ଡି.ଏନ.ଏ.)**

ବେଗୁନିଆ କଲେଜ ପଡିଆଠାରେ ଚାଲୁଥିବା ୭ମ ବାର୍ଷିକ ବାବା ବାଲୁଙ୍କେଶ୍ୱର ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ୩ୟ ଦିବସ ମ୍ୟାଚରେ ଭୁବନେଶ୍ୱରର କଳିଙ୍ଗ କ୍ଲବ ସେମିକୁ ଉନ୍ନୀତ ହୋଇଛି। ବାଙ୍କୀର ଆଥଲେଟିକ କ୍ଲବକୁ ୨-୧ ଗୋଲରେ କଳିଙ୍ଗ କ୍ଲବ ହରାଇଥିଲା। ଅତିଥି ଭାବେ ସାମାଜିକ କର୍ମୀ ପ୍ରମୋଦ କୁମାର ସାହୁ ଓ ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗଦେଇ ଖେଳକୁ ଆରମ୍ଭ କରିଥିଲେ। ଖେଳ ଆରମ୍ଭର ପ୍ରଥମାର୍ଦ୍ଧର ୧୦ ମିନିଟ୍ ପରେ ଭୁବନେଶ୍ୱର ଦଳ ବିପକ୍ଷ ଦଳକୁ ପ୍ରଥମେ ଗୋଟିଏ ଗୋଲ ଦେଇଥିଲା। ପୁଣି ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭର ୫ ମିନିଟ୍ ପରେ ଭୁବନେଶ୍ୱର ଦଳ ଆଉ ଏକ ଗୋଲ କରିଥିଲା। ଖେଳ ଶେଷ ହେବାର ୫ ମିନିଟ୍ ପୂର୍ବରୁ ବାଙ୍କୀର ଆଥଲେଟିକ କ୍ଲବ ବିପକ୍ଷ ଦଳକୁ ଗୋଟିଏ ଗୋଲ ଦେଇ ଖେଳକୁ ୨-୧ ସ୍ତରକୁ ଆଣିଥିଲା। ବୁଧବାର ମ୍ୟାଚ ଅରଗୁଳର ଗୋଲ୍ଡେନ କ୍ଲବ ଓ ଖୋର୍ଦ୍ଧାର ସବରସ୍ପୋର୍ଟିଂକ୍ଲବମଧ୍ୟରେଅନୁଷ୍ଠିତହେବ।

## ନୀଳାଦ୍ରିପ୍ରସାଦରେ ଭାଜପାର କର୍ମୀ ସମ୍ମିଳନୀ

**ଖୋର୍ଦ୍ଧା ଅଫିସ,୨୯।୧**

ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦ ପଞ୍ଚାୟତର ବରହମପଡା ଗାଁରେ ଭାଜପାର କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ, ରାଜ୍ୟ ଭାଜପା ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଜିଲା ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ରର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କର୍ମୀ ଓ ଭୋଟରମାନଙ୍କୁ କୁହାଯାଇଥିଲା। କେନ୍ଦ୍ର ସରକାରଙ୍କ ଯୋଜନା ରାଜ୍ୟ ସରକାର ଲାଗୁ କରୁ ନ ଥିବାରୁ ଏ ସରକାରକୁ ପରିବର୍ତ୍ତନ କରାଯିବା ଦରକାର। ଶତ୍ରୁଘ୍ନ ସାହୁଙ୍କ ସଂଯୋଜନା ଓ ଦେବବ୍ରତ ବଡଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ ବ୍ଲକ ଅଧକ୍ଷ ମାଧବ ଦଳେଇ, ଜିଲାପରିଷଦ ସଭ୍ୟ ଅମରେନ୍ଦ୍ର ରଣସିଂହ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କଷିପଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଶବରଙ୍କ ନେତୃତ୍ୱରେ ୧୦ ଜଣ କର୍ମୀ ଭାଜପାରେ ଯୋଗ ଦେଇଥିଲେ।



କର୍ମୀ ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା ଓ ଅନ୍ୟମାନେ।



ଅତିଥି ଜଣେ ଛାତ୍ରୀଙ୍କୁ ପାଠାଗାର ବାର୍ଷିକ ଉତ୍ସବରେ ପୁରସ୍କୃତ କରୁଛନ୍ତି।

## ନବଜ୍ୟୋତି ପାଠାଗାର ବାର୍ଷିକ ଉତ୍ସବ

**ବେଗୁନିଆ,୨୯।୧ (ଡି.ଏନ.ଏ.)**

ବେଗୁନିଆ ବ୍ଲକ ଅଧୀନ ସିକୋ ଗ୍ରାମରେ ଥିବା ନବଜ୍ୟୋତି ପାଠାଗାରର ୪୪ ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ପାଠାଗାରର ସଭାପତି ବାହାଦୁର ଖାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟରେ ପୁଣ୍ୟ ଉତ୍କଳର ପ୍ରତିଷ୍ଠାତା ମନୋରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ପରବର ସମ୍ପାଦକ ସନ୍ତୋଷ କୁମାର ସାହୁ ବକ୍ତା ଭାବେ ଏବଂ ବୃନ୍ଦାବନ ଜେନା, ପ୍ରଫେସର ବ୍ରଜେନ୍ଦ୍ର ଜେନା, ସ୍ଥାନୀୟ ସରପଞ୍ଚ ସୁରେଶ କୁମାର ସାହୁ, ବୀରବର ଜେନା ଆଦି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ଥିବା ୧୦ ଗୋଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବକ୍ତୃତା, ଏକକଅଭିନୟ, ମଜାଗପ, ସାଧାରଣଜ୍ଞାନ ଏବଂ ସଙ୍ଗୀତ ପରିବେଷଣ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଲିଙ୍ଗରାଜ ପରମଗୁରୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଶ୍ରୀ ସଙ୍ଗୀତା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ସଙ୍ଗୀତ ଗୁରୁଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୨୯।୧:** ବାଣପୁର ଅଞ୍ଚଳର ଜଣାଶୁଣା ସଙ୍ଗୀତ ଗୁରୁ, ନାଟ୍ୟକାର ଏବଂ ନାଟ୍ୟ ନିର୍ଦ୍ଦେଶକ ନାରାୟଣ ନନ୍ଦଙ୍କ ୮୮ବର୍ଷ ବୟସରେ ଭୀମପୁର ସାମନ୍ତରାପୁର ଗ୍ରାମ ବାସଭବନରେ ରବିବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ନନ୍ଦ ଓଡ଼ିଶୀ ସଙ୍ଗୀତ, ନୃତ୍ୟ, ନାଟ୍ୟ ନିର୍ଦ୍ଦେଶନା ସହିତ ମୂର୍ତ୍ତିକାର ଭାବେ ବହୁ କଳାକାର ସୃଷ୍ଟି କରି ଯାଇଛନ୍ତି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାଣପୁରରେ ଶିକ୍ଷକତା ଶେଷ କରି ଅବସର ନେଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଅଶୋକ ନନ୍ଦ ମୁଖାଗ୍ନି ଦେଇଥିଲେ।

■ ହକ୍ ପାଇଁ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଅବସରପ୍ରାପ୍ତ କର୍ମଚାରୀ

## ୮ରୁ ମ୍ୟୁନିସିପାଲିଟି ଅଫିସ ଆଗରେ ଦେବେ ଧାରଣା

**ଜଟଣୀ,୨୯।୧(ଡି.ଏନ.ଏ.)**

ବହୁବାର ଆନ୍ଦୋଳନ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଆପତ୍ତି ଅଭିଯୋଗ କରିବା ପରେ ବି ଜଟଣୀ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ଦୂର ହୋଇ ପାରୁନାହିଁ। ଫଳରେ ପୁନଃ ଆନ୍ଦୋଳନକୁ ସେମାନେ ଓହ୍ଲାଇବାକୁ ଯାଉଛନ୍ତି। ଦାବି ପୂରଣ ନ ହେଲେ ଫେବୃୟାରୀ ୮ ରୁ ସ୍ଥାନୀୟ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ ହେବ ବୋଲି ଅବସରପ୍ରାପ୍ତ ଜଟଣୀ ପୌର କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମ୍ୟୁନିସିପାଲିଟିରେ କାର୍ଯ୍ୟ କରି ୧୦୦ରୁ ଅଧିକ କର୍ମଚାରୀ ଦୀର୍ଘବର୍ଷ ହେବ ଅବସରଗ୍ରହଣ କରି ରହିଛନ୍ତି। ତେବେ ସେମାନଙ୍କର ଏଯାବତ୍ ପୂର୍ଣ୍ଣ ପେନ୍‌ସନ ଓ ଅନ୍ୟ ବକେୟା ପ୍ରାପ୍ୟ ପ୍ରଦାନ କରାଯାଇନାହିଁ। ପୂର୍ଣ୍ଣ ପେନ୍‌ସନ୍ ମିଳୁ ନ ଥିବାରୁ ଅବସର ପରେ ବରିଷ୍ଠ ନାଗରିକମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଅର୍ଥର ଅଭାବ ଯୋଗୁ ଠିକ୍ ଭାବେ ଚିକିତ୍ସା ହୋଇ ନ ପାରି ଏମାନଙ୍କ ମଧ୍ୟରୁ କେତେଜଣଙ୍କ ମୃତ୍ୟୁ ଘଟିଲାଣି। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ମାନବିକତା ହଜି ଯାଇଥିବା ବୋଲି ସଂଘର ସଭାପତି ସୁବ୍ରତ କୁମାର ନନ୍ଦ କହିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀଙ୍କଠାରୁ ପୌର ପ୍ରଶାସକ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବହୁବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକାର ହେଉନାହିଁ। ଅବସର ପରେ ବୃଦ୍ଧାବୃଦ୍ଧଙ୍କ ପାଇବାକୁ ଥିବା ହକ୍ ଦେବାରେ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତିକୁ ସଭାପତି ନନ୍ଦ ନାପସନ୍ଦ କରିଛନ୍ତି। ଏଣୁ ପୁଣି ଆନ୍ଦୋଳନ କରିବାକୁ ବାଧ ହେଲୁ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ସୁବାସ ଚନ୍ଦ୍ର ସୁବୁଦ୍ଧି, ସମ୍ପାଦକ ସରୋଜ କୁମାର ରାୟ, ସଚ୍ଚିଦାନନ୍ଦ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗର୍ଭବତୀ, ଶିଶୁ ଖାଉଛନ୍ତି ନିମ୍ନମାନର ଛତୁଆ

**ଖୋର୍ଦ୍ଧା ଅଫିସ,୨୯।୧**

**୨ ମହିଳା ଗୋଷ୍ଠୀ କାର୍ଯ୍ୟ ହରାଇଛନ୍ତି, ମିଳିଲା ପ୍ରମାଣ**

ଗର୍ଭବତୀ, ପ୍ରସୂତି ଓ ଶିଶୁ ନିମ୍ନମାନର ଛତୁଆ ଖାଉଥିବା ଅଭିଯୋଗ ହୋଇଆସୁଛି। ୨୦୧୭-୧୮ରେ ବାଣପୁର ମଙ୍ଗରାଜପୁରର ମହାମାୟୀ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ୨୦୧୮-୧୯ରେ ବୋଲଗଡ ସିଉଳାର ମା' କାଳିକା ସ୍ୱୟଂ ସହାୟିକା ଗୋଷ୍ଠୀ ନିମ୍ନମାନର ଛତୁଆ ଯୋଗାଇ କାର୍ଯ୍ୟ ହରାଇଥିଲେ। ଏ ସମ୍ପର୍କରେ ସୂଚନା ଅଧିକାରରେ ତଥ୍ୟ ମିଳିବା ପରେ ସାଧାରଣରେ ଭୟ ସଞ୍ଚାର ହୋଇଛି। ଅଚାନକ ତଦନ୍ତ କରି ଛତୁଆର ମାନ ପରୀକ୍ଷଣ କରାଇଲେ ଆଉ କେତେକ ଗୋଷ୍ଠୀର କାରନାମା ଧରାପଡିବ ବୋଲି କୁହାଯାଉଛି।

ଖୋର୍ଦ୍ଧା ଜିଲାର ୨୪୦୯ ଅଙ୍ଗନୱାଡି ଓ ୧୪୫ ମିନି ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହି କେନ୍ଦ୍ରର ୬ ମାସରୁ ୩ ବର୍ଷ ବୟସର ଶିଶୁଙ୍କୁ ପ୍ରତି ମାସରେ ୪ କେଜି ଲେଖାଏ ଛତୁଆ ସ୍ପେଶିୟାଲ ନ୍ୟୁଟ୍ରିସନ ପ୍ରୋଗ୍ରାମ(ଏସଏନପି)ରେ ଯୋଗାଇ ଦିଆଯାଉଛି। ଅନ୍ୟପକ୍ଷେ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ୫ କେଜି ଲେଖାଏ ଛତୁଆ ଯୋଗାଣକୁ ସରକାରୀ ନିର୍ଦ୍ଦେଶ ରହିଛି। ଛତୁଆରେ ଗହମ, ବୁଟ, ଚିନାବାଦାମ ଓ ଚିନି ମିଶ୍ରିତ କରି ଅଙ୍ଗନୱାଡି କେନ୍ଦ୍ର (ଏଡବ୍ଲୁସି) ମାଧମରେ ଏହାକୁ ବିତରଣ କରାଯିବାର ବ୍ୟବସ୍ଥା ହୋଇଛି। କାର୍ଯ୍ୟ ପରିଚାଳନା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ଛତୁଆ ପ୍ରସ୍ତୁତି ବେଳେ ବୁଟ, ଚିନାବାଦାମ, ଚିନି ଅନୁପାତିକ ଭାବେ ମିଶ୍ରଣ କରାଯାଉନାହିଁ। ବରଂ ଚାଉଳ ଗୁଣ୍ଡ ଅଧିକ ପରିମାଣରେ ମିଶାଯାଉ ଥିବାରୁ ସୁଷମ ଖାଦ୍ୟ ଭାବେ ଛତୁଆ ଉପଯୋଗୀ ହେଉନାହିଁ। ନିମ୍ନମାନର ଛତୁଆ ନେଇ କୌଣସି ଅଙ୍ଗନୱାଡି କର୍ମଚାରୀ ଅଭିଯୋଗ କରନ୍ତି ତାଙ୍କୁ ହଇରାଣ କରାଯାଉଛି। ଛତୁଆ ଯୋଗାଣ ଦାୟିତ୍ୱରେ ଥିବା ସଂସ୍ଥାର ଗୋଦାମ, ମାସିକ ବିଦ୍ୟୁତ୍ ଦେୟ, ବୁଟ, ଚିନାବାଦାମ ଓ ଚିନି କିଣା ରସିଦ୍ ଆଦି ଯଦି ଅତର୍କିତ ଭାବେ ଯାଞ୍ଚ କରାଯାଆନ୍ତା ତେବେ ପ୍ରକୃତ ରହସ୍ୟ ଜଣାପଡନ୍ତା ବୋଲି ଦାବି ହେଉଛି। ପ୍ରସ୍ତୁତ ଛତୁଆର ଅଧିକାଂଶ ପଲିଥିନ୍ ପ୍ୟାକ ଉପରେ ତାରିଖ ଲେଖାଯାଉନି। ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଣ ହେଉଥିବା ଛତୁଆର ପ୍ରସ୍ତୁତ ତାରିଖ ନ ଥିବା ଘଟଣାରେ ଜିଲାର ଛତୁଆ ୟୁନିଟ୍‌ଗୁଡିକର ସ୍ୱତନ୍ତ୍ର ବୈଠକ କରାଯାଇ ଏହାର ସମାଧାନ କରାଯିବ। ଜିଲାପାଳ ନିଜେ ଏହାର ସମୀକ୍ଷା କରିବେ। ତେବେ ଛତୁଆ ଉପରେ ପ୍ରସ୍ତୁତ ତାରିଖକୁ ମାର୍କର ପେନରେ ଲେଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଓଡ଼ିଶା ତତ୍କାଳୀନ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର ୨୦୧୫ ଜୁଲାଇରେ ଖୋର୍ଦ୍ଧାରେ ଖବରଦାତା ସମ୍ମିଳନୀରେ କହିଥିଲେ। ତେବେ କମିଶନରଙ୍କ ନିର୍ଦ୍ଦେଶ ଏ ଯାବତ କାର୍ଯ୍ୟକାରୀ ହୋଇପାରିନାହିଁ। ଏ ନେଇ ପୂର୍ବତନ ଜିଲା ପରିଷଦ ସଭ୍ୟ ରୁଦ୍ରଭାନୁ ନରେନ୍ଦ୍ରସିଂ କୁହନ୍ତି, ଛତୁଆ ଯୋଗାଣରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ବିଭିନ୍ନ ସମୟରେ ଜିଲା ପରିଷଦ ବୈଠକରେ ଉପସ୍ଥାପନ ହୋଇଛି। ଏହାସତ୍ତ୍ୱେ ତଦନ୍ତ ହେଉନି କି କାର୍ଯ୍ୟାନୁଷ୍ଠାନ ନାହିଁ। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମୋହିନି ସାହୁଙ୍କୁ ପଚାରିବାରେ ଛତୁଆର ମାନ ପରୀକ୍ଷଣ ପାଇଁ ସିଡିପିଓମାନେ ପରୀକ୍ଷଣ କେନ୍ଦ୍ରକୁ ପଠାଉଛନ୍ତି। ଛତୁଆ ଯୋଗାଣରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ଅଭିଯୋଗ ମିଳିଲେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସାହୁ କହିଛନ୍ତି।

## ଜରିପଡ଼ା ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଟାଙ୍ଗୀ(ଖୋର୍ଦ୍ଧା),୨୯।୧(ଡି.ଏନ.ଏ.)**

ଚିଲିକା ବ୍ଲକ୍ ଜରିପଡା ପଞ୍ଚାୟତରେ ମଙ୍ଗଳବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଶ୍ରୀ ଶ୍ରୀ କେଦାରେଶ୍ୱର ଦେବଙ୍କ ମନ୍ଦିର ପରିସରରୁ ବାହାରି ପଞ୍ଚାୟତର ୧୫ଟି ଓ୍ୱାର୍ଡ ପରିକ୍ରମା କରିଥିଲା। ବିଭିନ୍ନ ପଥପ୍ରାନ୍ତ ସଭାରେ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଣୀତ ୪୨ଟି ଜନମଙ୍ଗଳ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚିଲିକା ବ୍ଲକ ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ଚିଲିକା ବ୍ଲକ ଯୁବ ବିଜେଡି ସଭାପତି ମହେଶ ବିଶ୍ୱାଳ, ଚଣ୍ଡେଶ୍ୱର ସରପଞ୍ଚ ସୁଧାକର ମହାପାତ୍ର, ସଭାପତି ହରିବନ୍ଧୁ ପାତ୍ର, କଳକଳେଶ୍ୱର ସରପଞ୍ଚ ଅସିତ୍ କୁମାର ନାଥ, ସଭାପତି ସୁରେଶ ସାମନ୍ତରାୟ ପ୍ରମୁଖ ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ।




ଜନସମ୍ପର୍କ ପଦଯାତ୍ରାରେ ନେତା ଓ କର୍ମୀ।



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
–ଚାଣକ୍ୟ



# ଜେଲ ଗଲେ ଜିତୁ, ରିମାଣ୍ଡରେ ନେବ ପିପିଲି ପୋଲିସ

**ପାରା ହତ୍ୟା ମାମଲା**
- ଡେଙ୍ଗା ମୁନାଙ୍କୁ ଘନଘନ ଜେରା, ୨ ଅଭିଯୁକ୍ତ ଅଟକ
- ତଦନ୍ତରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ

ପୁରୀ ଅଫିସ,୨୯।୧

ବହୁ ଚର୍ଚ୍ଚିତ ପାରା ଓରଫ ସଞ୍ଜୟ ବେହେରା ହତ୍ୟା ମାମଲାରେ ପୁରୀ ପୋଲିସର ଏନକାଉଣ୍ଟରରେ ଆହତ ଜିତେନ୍ଦ୍ର ସାହୁ ଓରଫ ଜିତୁଙ୍କୁ ପୋଲିସ ମଙ୍ଗଳବାର ଜେଲକୁ ପଠାଇଛି। ଏନକାଉଣ୍ଟର ପର ଠାରୁ ଜିତୁ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ପୁରୀ ପୋଲିସ ତାଙ୍କୁ କଡା ସୁରକ୍ଷା ବଳୟ ମଧ୍ୟରେ ପିପିଲି ଜେଏମଏଫସିଙ୍କ ନିକଟରେ ହାଜର କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡ଼ା ଜେଲକୁ ପଠାଇ ଦିଆଯାଇଛି। ପିପିଲି ପୋଲିସ ତାଙ୍କୁ ୩ଦିନ ରିମାଣ୍ଡରେ ଆଣିବା ଲାଗି ଆବେଦନ କରିଛି।

ଅନ୍ୟପଟେ କୁମ୍ଭାରପଡା ପୋଲିସ ପାରା ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଡେଙ୍ଗା ମୁନାଙ୍କୁ ୫ଦିନ ରିମାଣ୍ଡରେ ଆଣିଛି। ଏହି ମାମଲାରେ ସମ୍ପୃକ୍ତି ନେଇ ପୋଲିସ ଦୁଇଜଣ ଅପରାଧୀଙ୍କୁ ମଧ୍ୟ ଥାନାରେ ଅଟକ ରଖିଛି। ମଙ୍ଗଳବାର ଦ୍ୱିତୀୟ ଦିନରେ ପୋଲିସ ଡେଙ୍ଗା ମୁନାଙ୍କୁ ଘନ ଘନ ଜେରା କରିଛି। ଏଥିସହ ଅଟକ ଦୁଇ ଅପରାଧୀ ଏବଂ ଡେଙ୍ଗା ମୁନାଙ୍କୁ ପୋଲିସ ମୁହାଁମୁହିଁ ଜେରା କରିଛି। ଏହି ମାମଲାରେ ଅନ୍ୟ କେଉଁ ମାନଙ୍କ ସମ୍ପୃକ୍ତି ରହିଛି, ଗୁଳିକାଣ୍ଡ ପଛରେ ଦାଦାବଟି ନା ଅନ୍ୟ କୌଣସି କାରଣ ଥିଲା ପୋଲିସ ଏହାର ଖୋଳତାଡ କରୁଛି। ତେବେ ଦ୍ୱିତୀୟ ଦିନରେ ପୋଲିସକୁ ସେଭଳି ସଫଳତା ମିଳି ନ ଥିବା ଜଣାପଡିଛି।

ଗୁଳିକାଣ୍ଡର ମୁଖ୍ୟ କାର୍ପଟଦାରଙ୍କୁ ପୋଲିସ ଜାଣିଶୁଣି ଖସାଇ ଦେଇଛି ବୋଲି ପାରାଙ୍କ ପରିବାର ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଡେଙ୍ଗା ମୁନାଙ୍କୁ ପୋଲିସ ଜାଣିଶୁଣି ଆତ୍ମସମର୍ପଣ କରିବାର ସୁଯୋଗ ଦେଇଥିଲା ବୋଲି ମୃତ ପାରାଙ୍କ ବଡ ଭାଇ ଅଜୟ ବେହେରା କହିଥିଲେ। କୁମ୍ଭାରପଡା ପୋଲିସର ତଦନ୍ତରେ ସ୍ୱଚ୍ଛତାକୁ ନେଇ ପାରାଙ୍କ ପରିବାର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୋଲିସ ରାଜନୈତିକ ଚାପରେ ମାମଲାକୁ ଚାପି ଦେବାକୁ ବସିଛି ବୋଲି ଅଜୟ କହିଛନ୍ତି। ଏହି ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଡେଙ୍ଗା ମୁନା ନିମାପଡା କୋର୍ଟରେ ଆତ୍ମସର୍ମପଣ କରି ଜେଲରେ ଥିଲେ। ଗତ ୧୨ତାରିଖରେ ଅନ୍ୟତମ ଅଭିଯୁକ୍ତ ଜିତୁଙ୍କୁ ପିପିଲି–ଜଟଣୀ ରୋଡ ବାଇମୂଳ ଛକ ନିକଟରେ କୁମ୍ଭାରପଡା ପୋଲିସ ଏନକାଉଣ୍ଟର କରିଥିଲା। ସେ ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଅନ୍ୟପଟେ ପୋଲିସ ଉପରକୁ ଗୁଳି ଫୁଟାଇବା ନେଇ ପିପିଲି ପୋଲିସ ଜିତୁଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା।

ଏନେଇ ପିପିଲି ଥାନା ଅଧିକାରୀ ଶରତ କୁମାର ସାହୁ କୁହନ୍ତି, କାବୁ କରିବା ସମୟରେ ଜିତୁ ପୋଲିସ ଉପରକୁ ଗୁଳି ଚାଳନା କରିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସେ ବନ୍ଧୁକ କେଉଁଠୁ ଆଣିଥିଲେ, ଅନ୍ୟ କୌଣସି ଗ୍ୟାଙ୍ଗ ସହିତ ତାଙ୍କର ସମ୍ପୃକ୍ତି ରହିଛି କି, ସେ ସମ୍ପର୍କରେ ପଚରାଉଚୁରା ଲାଗି ରିମାଣ୍ଡ ଆବେଦନ କରାଯାଇଛି।

## ସଂକ୍ଷେପରେ




### ମିଳୁନି ଗ୍ୟାସ ସିଲିଣ୍ଡର ଗଣ୍ଡଗୋଳ ଭୟରେ ତାଲା ପକାଇଲା ସଂସ୍ଥା

ପିପିଲି,୨୯।୧(ଡି.ଏନ୍.ଏ.): ପିପିଲି ଅଞ୍ଚଳର ଏକ ଇଣ୍ଡେନ ଗ୍ୟାସ ବିତରକ ସଂସ୍ଥାରୁ ଠିକ୍ ଭାବେ ଗ୍ୟାସ୍ ସିଲିଣ୍ଡର ନ ମିଳିବା ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ମଙ୍ଗଳବାର ଗ୍ରାହକମାନେ ସେହି ସଂସ୍ଥା ସମ୍ମୁଖରେ ଏକାଠି ହେବାରୁ ଗଣ୍ଡଗୋଳ ପରିସ୍ଥିତି ଉପୁଜିବା ଭୟରେ କର୍ମଚାରୀମାନେ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ପ୍ରକାଶ ଯେ, ଜାନୁୟାରୀ ପ୍ରଥମ ସପ୍ତାହରୁ ଲୋକେ ଗ୍ୟାସ ପାଇଁ ବୁକିଂ କରିଥିଲେ ମଧ ଏପର୍ଯ୍ୟନ୍ତ ତାହା ମିଳି ନାହିଁ। ବିତରକ ସଂସ୍ଥା ଦିନେ ଦୁଇଦିନ ମଧ୍ୟରେ ଦିଆଯିବ କହି ନ ଦିଆଯିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହି ସଂସ୍ଥା ଅଧୀନରେ ପିପିଲି ଏନ୍ଏସି ସମେତ ୧୨ହଜାରରୁ ଊର୍ଦ୍ଧ୍ୱ ଲୋକେ ନିର୍ଭର କରନ୍ତି। ଏ ସମ୍ପର୍କରେ ସଂସ୍ଥାର ମ୍ୟାନେଜରଙ୍କୁ ଲୋକେ ଅଭିଯୋଗ କଲେ ମଧ ସୁଫଳ ମିଳୁ ନାହିଁ। ଜାନୁୟାରୀ ମାସ ଶେଷ ହେବାକୁ ଥିବାବେଳେ ଗ୍ରାହକ ଅଧା ଗ୍ୟାସ ଆସିଥିବାବେଳେ ଆହୁରି ୫ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ସିଲିଣ୍ଡର ପାଇବା ଅପେକ୍ଷାରେ ଅଛନ୍ତି। ବିତରକ ସଂସ୍ଥାର ମ୍ୟାନେଜର ରାମେଶ୍ୱର ବରାଳ କୁହନ୍ତି, ଗ୍ୟାସ ସିଲିଣ୍ଡର ଏଠାରେ ପହଞ୍ଚିବାରେ ବିଳମ୍ୱ ହେଉଥିବାରୁ ଗ୍ରାହକଙ୍କୁ ଠିକ ସମୟରେ ଦିଆଯାଇ ପାରୁନାହିଁ ବୋଲି କହିଛନ୍ତି।

### ଏସ୍‌ସିଏସ୍ କଲେଜ ୧୯୮୧ ବ୍ୟାଚର ବନ୍ଧୁମିଳନ

**ଭୁବନେଶ୍ୱର,୨୯।୧ (ବ୍ୟୁରୋ):** ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ(ଏସ୍‌ସିଏସ୍)ର ୧୯୮୧ ବ୍ୟାଚ ଛାତ୍ରମାନଙ୍କ ବନ୍ଧୁମିଳନ ମାଳତୀପାଟପୁରସ୍ଥିତ ଫାର୍ମହାଉସଠାରେ ଆୟୋଜିତ ହୋଇଛି। ଏହି ଉତ୍ସବରେ ପ୍ରାୟ ୧୦୦ଜଣ ପୁରାତନ ବନ୍ଧୁ ଯୋଗଦେଇ ପିଲାଦିନର ସ୍ମୃତିକୁ ଉଜ୍ଜୀବିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ରାମପ୍ରସାଦ ପାତ୍ର, ବନ୍ଦନ ମହାପାତ୍ର, ଭାସ୍କର ମହାପାତ୍ର ଏବଂ ମହମ୍ମଦ ଇସାକ ପରିଚାଳନା କରିଥିଲେ।

### ବୈଦେହୀ ପଣ୍ଡାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**କୋଣାର୍କ, ୨୯।୧ (ଡି.ଏନ୍.ଏ.):** ବିଶିଷ୍ଟ ସର୍ବୋଦୟ ନେତ୍ରୀ ତଥା ଶୋଭନୀୟ ଆନ୍ଦୋଳନର ଶୁଭେଚ୍ଛୁ ବୈଦେହୀ ପଣ୍ଡାଙ୍କୁ ଶୋଭନୀୟ ଆନ୍ଦୋଳନ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କୋଣାର୍କସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ମଙ୍ଗଳବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଅଧକ୍ଷା ରୁକ୍ମିଣୀ ଦେବୀ, ଶିକ୍ଷୟିତ୍ରୀ ମନୋରମା, ମିଶ୍ର, ଗୀତାଞ୍ଜଳି ସାହୁଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବୈଦେହୀଙ୍କ ଜୀବନ ବ୍ୟାପୀ ତ୍ୟାଗ, ସାଧନା, ଦେଶ ସ୍ୱାଧୀନତାରେ ଭୂମିକା, ଭୂଦାନ ଆନ୍ଦୋଳନରେ ଯୋଗଦାନ ପ୍ରଭୃତି ଉପରେ ଆଲୋକପାତ କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା।

■ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଦାବି

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ବଳିଆପଣ୍ଡା ବିଜୟନଗରମ୍ ଜନମଙ୍ଗଳ ବସ୍ତିବାସିନ୍ଦାଙ୍କ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ।

ପୁରୀ ଅଫିସ, ୨୯।୧

ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ମଙ୍ଗଳବାର ବଳିଆପଣ୍ଡା ବିଜୟନଗର ଜନମଙ୍ଗଳ ବସ୍ତି ବାସିନ୍ଦା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶତାଧିକ ବସ୍ତିବାସିନ୍ଦା ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ଏହାପରେ ବିକ୍ଷୋଭକାରୀମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଛି ଯେ, ଓଡ଼ିଶା ସରକାରଙ୍କ ବସ୍ତିବାସିନ୍ଦା ଭୂମି ଅଧିକାର ଅଧିନିୟମ–୨୦୧୭ରୁ ବଳିଆପଣ୍ଡା ବସ୍ତିକୁ ବାଦ୍ ଦିଆଯାଇଛି। ଦୀର୍ଘ ୩୦/୩୫ ବର୍ଷ ଧରି ସେମାନେ ବିଜୟନଗର ଅଞ୍ଚଳରେ ଘର କରି ସପରିବାର ରହୁଛନ୍ତି। ସହରର ବିଭିନ୍ନ ସ୍ଥାନରେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ସେମାନଙ୍କର ଅନ୍ୟ କୌଣସି ଜାଗାରେ ସ୍ଥାୟୀ ବାସଗୃହ ନାହିଁ। କିନ୍ତୁ ସ୍ଥାୟୀ ପଟ୍ଟା ନ ଥିବାରୁ ସେମାନଙ୍କ ପିଲାଙ୍କୁ ତହସିଲରୁ ସାର୍ଟିଫିକେଟ ମିଳୁନାହିଁ। ଏ ନେଇ ଗତବର୍ଷ ଏପ୍ରିଲ ୯ରେ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ତତ୍କାଳୀନ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବଳିଆପଣ୍ଡା ବସ୍ତିର ସର୍ଭେ କାମ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ସରକାରଙ୍କ ନିୟମ ମୁତାବକ ସ୍ଥାୟୀ ପଟ୍ଟା ପାଇବାରୁ ବଞ୍ଚିତ ରହିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ସ୍ଥାୟୀ ପଟ୍ଟା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବାକୁ ବସ୍ତିବାସିନ୍ଦା ଅନୁରୋଧ କରିଛନ୍ତି। ନଚେତ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ରୋଗମୁକ୍ତ ସମାଜ ଲାଗି ଗୋବଂଶର ବିକାଶ ଜରୁରୀ

ପୁରୀ ଅଫିସ,୨୯।୧


ଗୋ ବିଜ୍ଞାନ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀମାନେ।

ଓଡ଼ିଶା ଗୋସେବା ସମିତି ଆନୁକୂଲ୍ୟରେ ସ୍ଥାନୀୟ ବାଲିଘାଇ ସ୍ଥିତ ହରିହରାନନ୍ଦ ଗୁରୁକୁଳମ୍‌ଠାରେ ଚାଲିଥିବା ତ୍ରିଦିବସୀୟ ଗୋ ବିଜ୍ଞାନ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଗୋସେବା ସମିତିର ପ୍ରତିଷ୍ଠାତା ତଥା କ୍ରିୟାଯୋଗ ଆଶ୍ରମର ଅଧକ୍ଷ ପରମହଂସ ପ୍ରଜ୍ଞାନାନନ୍ଦ ଜୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ଗୋବଂଶର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ, ଏକ ସୁସ୍ଥ, ସମୃଦ୍ଧ ଏବଂ ସୁଦୃଢ଼ ରାଷ୍ଟ୍ରର ପରିକଳ୍ପନା ଲାଗି ଗୋ ବିଜ୍ଞାନ ହିଁ ଏକମାତ୍ର ମାଧ୍ୟମ। ଗୋ ଆଧାରିତ କୃଷିର ବିକାଶ ଦ୍ୱାରା କୃଷି ଓ କୃଷକ ଲାଭାନ୍ୱିତ ହୋଇପାରିବେ। ଭାରତର ମେରୁଦଣ୍ଡ ହେଉଛି କୃଷକ ଏବଂ କୃଷକର ଆଧାର ହେଉଛି ଗୋବଂଶ। ଏଣୁ ଭାରତୀୟ ଗୋବଂଶର ସମ୍ବର୍ଦ୍ଧନା, ସୁରକ୍ଷାରେ ଦେଶର ସୁରକ୍ଷା ଓ ସ୍ୱାର୍ଥ ନିହିତ ରହିଛି। ଜୈବିକ କୃଷି, କୀଟ ନିୟନ୍ତ୍ରକ ଓ ପଞ୍ଚଗବ୍ୟ ଔଷଧ ପ୍ରସ୍ତୁତ କରି କୁଟିର ଉଦ୍ୟୋଗ ନିର୍ମାଣ କରାଯାଇପାରିବ। ଏକ ରୋଗମୁକ୍ତ, ସୁସ୍ଥ ସମାଜ ଲାଗି ଗୋବଂଶର ବିକାଶ ଜରୁରୀ। ଏଠାରୁ ପ୍ରଶିକ୍ଷଣ ଲାଭ କରିଥିବା ଗୋଭକ୍ତମାନେ ଗୋବଂଶର ବିକାଶ ଲାଗି ନିଜ ଅଞ୍ଚଳରେ କାର୍ଯ୍ୟ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ କୃଷ୍ଣାନନ୍ଦ ଗିରି, ସୁଜାତା ମିଶ୍ର, ପ୍ରଦୀପ୍ତ ତ୍ରିପାଠୀ, ହରପ୍ରସାଦ ଦାସ, ଭଞ୍ଜ ମିଶ୍ର, ଅରୁନ୍ଧତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଶିକ୍ଷଣ ଶିବିରରେ ଜୈବିକ ଖତ ପ୍ରସ୍ତୁତ, ଏହାର ପ୍ରୟୋଗ, ଜିଆଖତ, ଅମୃତପାଣି, କୀଟ ନିୟନ୍ତ୍ରକ, ଅମୃତ ଜଳ ଓ ଜୀବାମୃତର ପ୍ରୟୋଗ ବିଧି ତଥା ଗୋ ଆଧାରିତ କୃଷି ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହିତ ଗୋ ଦନ୍ତମଞ୍ଜନ, ସାବୁନ, ଅଙ୍ଗାର ପାଉଡର, ଗୋ ଫିନାଇଲ, ସ୍ୱାସ୍ଥ୍ୟବର୍ଦ୍ଧକ ମହୋଷଧି ପ୍ରସ୍ତୁତି ଏବଂ ଏହାର ପ୍ରୟୋଗ ଉପରେ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଶିବିରରେ ୧୮ଟି ଜିଲାରୁ ୭୫ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ। ଗୋ ବୈଜ୍ଞାନିକ ବ୍ରହ୍ମଚାରୀ ସଞ୍ଜିତ ଓ ବ୍ରହ୍ମଚାରୀ ପ୍ରଦୀପଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ଜୈବିକ କୃଷି ବିଶେଷଜ୍ଞ କିଶୋର ଚନ୍ଦ୍ର ପଣ୍ଡା, ପଞ୍ଚଗବ୍ୟ ବିଶେଷଜ୍ଞ ପ୍ରମୋଦ ପ୍ରଧାନ, ପୂର୍ବତନ ପୁରୀ ପ୍ରାଣୀଧନ ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରକାଶ ଚନ୍ଦ୍ର ବିଧାର, ଯୁବ କୁଟୀର ଶିଳ୍ପୋଦ୍ୟୋଗୀ ସୁମନ୍ତ କୁମାର ପ୍ରଧାନ ଯୋଗଦାନ କରି ପ୍ରଶିକ୍ଷଣ ଦେଇଥିଲେ।

■ ଏସ୍‌ସିଏସ୍ କଲେଜ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

## ବ୍ୟକ୍ତିତ୍ୱର ପରିପ୍ରକାଶ ପାଇଁ ଅଧିକାର ଆବଶ୍ୟକ

ପୁରୀ ଅଫିସ,୨୯।୧

ଏସ୍‌ସିଏସ୍ କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଭାରତରେ ମାନବିକ ଅଧିକାର: ଅତୀତ ଓ ଭବିଷ୍ୟତ ଶୀର୍ଷକ ଜାତୀୟ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ପ୍ରଫେସର ମିନତୀ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ବାରାଣସୀ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ପ୍ରଫେସର ଡ. ଶାନ୍ତନୁ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନବିକ ଅଧିକାରର ତାତ୍ତ୍ୱିକ ଓ ମାର୍ମିକ ପରିଭାଷା ଉପରେ ମତ ରଖିଥିଲେ। ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର ଭାରତରେ ମାନବିକ ଅଧିକାରର ଇତିହାସ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ମହାବିଦ୍ୟାଳୟର ଅବସରପ୍ରାପ୍ତ ଉପାଧକ୍ଷ ଡ. ହରିହର ମିଶ୍ର ବ୍ୟକ୍ତିତ୍ୱର ପରିପ୍ରକାଶ ପାଇଁ ଅଧିକାର ଏକାନ୍ତ ଆବଶ୍ୟକ। ଏହି ଅଧିକାର ଆନ୍ତର୍ଜାତିକ, ଆଞ୍ଚଳିକ ଏବଂ ରାଷ୍ଟ୍ରସ୍ତରରେ ଅନୁଭୂତ ହେଉଥିଲେ ହେଁ ପ୍ରତ୍ୟେକ ବ୍ୟକ୍ତି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଦରକାର ବୋଲି କହିଥିଲେ। ଅନ୍ୟତମ ଅତିଥି ସାମାଜିକ କର୍ମୀ ଶ୍ୟାମପ୍ରକାଶ ସେନାପତି ସାମାଜିକ ଓ ସାଂସ୍କୃତିକ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସିଦ୍ଧାର୍ଥ ସିରନ୍, ଚନ୍ଦ୍ରିକା ମହାନ୍ତି, ଶୁଭ୍ରଜିତ୍ କୁମାର ଦତ୍ତ ଓ କାଜଲ ପରିଡ଼ା ଭିତ୍ତିପ୍ରବନ୍ଧ ପାଠ କରିଥିଲେ।

## ଅଗ୍ନିକାଣ୍ଡରେ ଘର ଜଳିଗଲା

କଣାସ,୨୯।୧(ସ୍ୱ.ପ୍ର)

କଣାସ ବ୍ଲକ ଅନ୍ତର୍ଗତ କଉଡିଖିଣି ଗ୍ରାମରେ ସୋମବାର ବିଳମ୍ୱିତ ରାତିରେ ଅଗ୍ନିକାଣ୍ଡ ଘଟି ବୀରବର ପ୍ରଧାନଙ୍କ ଗୋଟିଏ ବଖରା ବାସଗୃହ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ପ୍ରଧାନଙ୍କ ସମସ୍ତ ଆସବାବପତ୍ର ପୋଡିଯାଇଛି। ଏହା ସହ ଗୋଟିଏ ଗାଈ ପୋଡି ହୋଇ ଆହତ ହୋଇଥିବା ଜଣାପଡିଛି। ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ବାର୍ଷିକ ଉତ୍ସବରେ ଅତିଥିଙ୍କଠାରୁ କୃତୀ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

କଣାସ,୨୯।୧(ସ୍ୱ.ପ୍ର)

କଣାସ ବ୍ଲକ ଅନ୍ତର୍ଗତ ବକୁ ଗ୍ରାମରେ ପ୍ରତିଷ୍ଠିତ ଭିକାରୀଚରଣ ସଂଯୁକ୍ତ ବିଦ୍ୟାନିକେତନର ମଙ୍ଗଳବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାନିକେତନର ପ୍ରତିଷ୍ଠାତା ସ୍ୱର୍ଗତ ଭିକାରିଚରଣ ମଙ୍ଗରାଜଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପୂଜ୍ୟପୂଜା ସଂସଦର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦ୍ଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦୂରଦର୍ଶନର ନିର୍ଦ୍ଦେଶକ ନୀଳାଦ୍ରିମୋହନ ଶତପଥୀ, ମୁଖ୍ୟବକ୍ତାଭାବେ ଭଞ୍ଜ ଭାରତୀ, ରାଜ୍ୟ ସମ୍ପାଦକ କୃଷ୍ଣକେଶବ ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରଘୁନାଥ ମହାପାତ୍ର, ଅଧାପକ ଡ. ମୃତ୍ୟୁଞ୍ଜୟ ରଥ, ଶିକ୍ଷାବିତ୍ ବଂଶୀଧର ଜଗଦ୍ଦେବ, ନାରାୟଣ ଶତପଥୀ, ଲତାମଣି ଜଗଦ୍ଦେବ, ଅଶୋକ ପଣ୍ଡିତ ରାୟ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ପ୍ରେମାନନ୍ଦ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରତାପ କୁମାର ଦାସ ସଭା ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

■ ବାଉଳି ମଠର ବିକାଶ ପ୍ରସଙ୍ଗ

## ମାମଲା ଫଇସଲା ପରେ ନିଷ୍ପତ୍ତି

ପୁରୀ ଅଫିସ,୨୯।୧

ବାଉଳି ମଠକୁ ନେଇ ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। ମାମଲା ଫଇସଲା ହେବା ପରେ ଏହାର ବିକାଶ ନେଇ ଯାହା କିଛି ନିଷ୍ପତ୍ତି ନିଆଯିବ। ମଙ୍ଗଳବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ସୂଚନାଥାଉ କି, ଗତବର୍ଷ ନଭେମ୍ବର ୨୬ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ବାଉଳି ମଠର ବିକାଶ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ, ଏହି ମଠ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ରହିଛି। ଏହି ଜମିର ମାଲିକାନାରେ କୌଣସି ପରିବର୍ତ୍ତନ ହେବ ନାହିଁ, କିନ୍ତୁ ମଠର ବିକାଶ କରାଯିବ। ଏଥିପାଇଁ ବାଉଳି ମଠ, ପଞ୍ଜାବ ଅମୃତସରର ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି (ଏସ୍‌ଜିପିସି) ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଏକ ତ୍ରୈପାକ୍ଷିକ ଚୁକ୍ତି ହେବ। ଏଠାକୁ କିପରି ଅଧିକରୁ ଅଧିକ ଭକ୍ତ ଆସିବେ ସେ ସବୁର ବ୍ୟବସ୍ଥା କରାଯିବ। ୧୬୦୦ ଶତାବ୍ଦୀରେ ଗୁରୁ ନାନକ ଦେବ ଏଠାକୁ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତେଣୁ ଏହିଭଳି ଏକ ଐତିହ୍ୟର ବିକାଶ ମିଳିତ ଭାବେ କରାଯିବାକୁ ନିଷ୍ପତ୍ତି ହୋଇଛି। ମଠର ବିକାଶ ହୋଇପାରିଲେ ଶ୍ରୀକ୍ଷେତ୍ରର ଗାରିମା ବୃଦ୍ଧି ପାଇବ। ଅଧିକ ସଂଖ୍ୟାରେ ଶିଖ୍ ଧର୍ମାବଲମ୍ବୀ ପୁରୀ ପ୍ରତି ଆକର୍ଷିତ ହେବେ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ। କିନ୍ତୁ ମଙ୍ଗଳବାର ପରିଚାଳନା କମିଟିର ଏହି ନିଷ୍ପତ୍ତି ଫଳରେ ତ୍ରିପାକ୍ଷିକ ଚୁକ୍ତି ସ୍ଥଗିତ ରଖାଯାଇଥିବା ଜଣାପଡିଛି।

## ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣଙ୍କ ଶ୍ରାଦ୍ଧଦିବସ

ନିମାପଡ଼ା,୨୯।୧(ଡି.ଏନ୍.ଏ)

ନିମାପଡ଼ା ଶହୀଦ ସ୍ମୃତି ସଂସଦ ଓ ଡିଏଭି ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ସାମନ୍ତସିଂହାରଙ୍କ ୨୭ତମ ଶ୍ରାଦ୍ଧ ଦିବସ ଡିଏଭି ପବ୍ଲିକ ସ୍କୁଲଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଭି ସ୍କୁଲର ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ। ଅତିଥିଭାବେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀଚରଣ ପଟ୍ଟନାୟକ, ବିଧାୟକ ସମୀର ରଞ୍ଜନ ଦାଶ, ଶହୀଦ ସ୍ମୃତି ସଂସଦର ସମ୍ପାଦକ ବେଣୁଧର ସେନାପତି, ଡିଏଭି ସ୍କୁଲର ଅଧକ୍ଷ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମନ୍ତସିଂହାରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଡିଏଭି ସ୍କୁଲ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀଚରଣ ପଟ୍ଟନାୟକ, ବିଧାୟକ ଦାଶ, ବେଣୁଧର ସେଠୀ ଓ ବିଦ୍ୟାଳୟର କଳା ଶିକ୍ଷକ ଶାରଦା ପ୍ରସାଦ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ସ୍ୱାଧୀନତା ସଂଗ୍ରାମ ଶୀର୍ଷକ ଲିଖିତ ସ୍ଲୋଗାନ ପ୍ରତିଯୋଗିତାରେ ଇଂରାଜୀରେ ସ୍ନେହାସୌମ୍ୟା ନାୟକ, ହିନ୍ଦିରେ ମୋନାଲିସା ପାତ୍ର ଏବଂ ଓଡ଼ିଆରେ ସାଇଶ୍ରେଷ୍ଠା ଶତପଥୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡିବେଟରେ ସୋନମ ସେନାପତିଙ୍କ ସମେତ ୧୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସ୍ୱର୍ଗତ ସାମନ୍ତ ସିଂହାରଙ୍କ ସ୍ମୃତିରେ କଳା ଶିକ୍ଷକ ବେହେରାଙ୍କ ଦ୍ୱାରା ନିର୍ମିତ ବାଲୁକା କଳା ଅତିଥିମାନଙ୍କୁ ବିମୋହିତ କରିଥିଲା।


କୃତୀ ପ୍ରତିଯୋଗୀଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।

# ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

କଣାସ,୨୯।୧(ସ୍ୱ.ପ୍ର)


କୃତୀ ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

କଣାସର ଆରାଧ୍ୟା ଠାକୁରାଣୀ ମା’ କୁଶ୍ୱେରୀଙ୍କ ମେଳଣ ପଡିଆରେ ଗତ ୨୭ତାରିଖଠାରୁ ଚାଲିଥିବା ରାଜ୍ୟସ୍ତରୀୟ ମା’ କୁଶ୍ୱେରୀ ଭଲିବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସାକ୍ଷୀଗୋପାଳ ଭଲିବଲ ଟିମ୍‌କୁ ହରାଇ କଣାସ ଭଲିବଲ ଟିମ୍ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ୭ଟି ଭଲିବଲ ଟିମ୍ ଜାଉଳିପୋଖରୀ, ଗୋପ, ଦୋଛିଆଁ, ସାକ୍ଷୀଗୋପାଳ, କଣାସ, ନାନକେରା, କଣାସ–ବି ଟିମ୍ ଭାଗନେଇଥିଲେ। ଶିକ୍ଷାବିତ୍ ଭାଗୀରଥି ମହାପାତ୍ରଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିବା ସହ ରନର୍ସଦଳକୁ ରନର୍ସକପ୍ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ନଗେନ୍ଦ୍ରନାଥ ସୁନ୍ଦରାୟ, ପ୍ରତାପ ଦାସ, ହରିବନ୍ଧୁ ଭୋଳ, ଶ୍ୟାମବନ୍ଧୁ ଭୋଳ ଯୋଗଦେଇଥିଲେ। ରେଫରି ଭାବେ ବଟକୃଷ୍ଣ ଜେନା, ବିରବର ଭଞ୍ଜ, ମନୋରଞ୍ଜନ ଦଳେଇ, ମହମ୍ମଦ ମେହରୱାନ ମ୍ୟାଚକୁ ପରିଚାଳନା କରିଥିଲେ।

# ଠିକ୍ ସମୟରେ ମିଳୁନି ହରିଶ୍ଚନ୍ଦ୍ର ଅର୍ଥ

- ପ୍ରଶାସନିକ ଅବହେଳାକୁ ନେଇ ଅସନ୍ତୋଷ
- ନିର୍ଦ୍ଦିଷ୍ଟ କେତେକ ପଞ୍ଚାୟତକୁ ଅଧିକ ଅର୍ଥ ଯାଉଥିବା ଅଭିଯୋଗ

ଗୋପ,୨୯।୧(ଡି.ଏନ୍.ଏ.)

ରାଜ୍ୟ ସରକାର ମୃତ ବ୍ୟକ୍ତିଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରିବା ପାଇଁ ହରିଶ୍ଚନ୍ଦ୍ର ଯୋଜନା ପ୍ରଣୟନ କରି ୨ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ମାତ୍ର କେତେଜଣ ସରକାରୀ କର୍ମଚାରୀ ଓ ସରପଞ୍ଚଙ୍କ ଖାମଖିଆଲ ନୀତି ଯୋଗୁ ଆବେଦନ କରିଥିବା ହିତାଧିକାରୀଙ୍କୁ ମାସ ମାସ ଧରି ଟଙ୍କା ମିଳୁ ନାହିଁ। ସରକାର ଜନହିତକର ଲାଗି ବିଭିନ୍ନ ଲୋକାଭିମୁଖୀ ଯୋଜନା କରିଥିବାବେଳେ ଶବଦାହ ନିମନ୍ତେ ୨ହଜାର ଟଙ୍କା ସହାୟତା ରାଶିର ଯୋଜନା କରିଥିଲେ। ଗୋପ ବ୍ଲକରେ ଥିବା ୩୧ଟି ପଞ୍ଚାୟତରୁ କେତେକ ପଞ୍ଚାୟତର ହିତାଧିକାରୀମାନେ ସହାୟତା ରାଶି ପାଇଁ ଆବେଦନ କରିବାର ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଉଥିଲେ ମଧ ପ୍ରାପ୍ୟ ମିଳିପାରି ନ ଥିବା ଅଭିଯୋଗ ହେଉଛି। ଗୋପ ବ୍ଲକ ଅଧୀନ ବେଦପୁର ପଞ୍ଚାୟତର ହାରାମଣୀ ବେହେରା, ଗୋପ ପଞ୍ଚାୟତର ଭୀମସେନ ଭୋଇ, ରବୀନ୍ଦ୍ର ସିଂ, ବିଜୟ କୁମାର ସିଂ ସମେତ ଅନ୍ୟ ପଞ୍ଚାୟତରେ ବହୁଲୋକ ମୃତ୍ୟୁବରଣ କରିଥିଲେ ମଧ ଏମାନଙ୍କ ପରିବାରକୁ ବର୍ତ୍ତମାନ ସୁଦ୍ଧା ସହାୟତା ରାଶି ମିଳିପାରୁ ନାହିଁ। ଏହି ରାଶି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନ ମିଳିବା ଯୋଗୁ ସରକାରୀ ନିୟମର ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ଏପରିକି ଲୋକେ ସହାୟତା ରାଶି ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିଲେ ମଧ ଟଙ୍କା ନାହିଁ କହି ଫେରାଇ ଦିଆଯାଉଛି। ଏ ସମ୍ପର୍କରେ ଭୈରୀପୁର ଗ୍ରାମର ରଶ୍ମିରଞ୍ଜନ ବେହେରା କୁହନ୍ତି, ହରିଶ୍ଚନ୍ଦ୍ର ଯୋଜନାର ରାଶି ପାଇବା ନିମନ୍ତେ ବାରମ୍ବାର ଦୌଡି ଥିଲେ ମଧ ପଞ୍ଚାୟତର ସରପଞ୍ଚ ଓ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ପଞ୍ଚାୟତକୁ ଅର୍ଥ ଆସିଲା ପରେ ହିଁ ଦିଆଯିବ କହି ଫେରାଇ ଦେଉଛନ୍ତି। ନିକଟରେ ଗୋପ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ୩୧ଟି ପଞ୍ଚାୟତ ପାଇଁ ଗତ ଡିସେମ୍ବର ୧୨ରେ ୫ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଥିଲା। କିନ୍ତୁ ଏହି ଟଙ୍କା ପଞ୍ଚାୟତ ବ୍ୟାଙ୍କ ଆକାଉଣ୍ଟରେ ରଖିଥିବାବେଳେ ହିତାଧିକାରୀଙ୍କୁ ଟଙ୍କା ନ ଥିବା ଦର୍ଶାଇ ଫେରାଇ ଦିଆଯାଉଛି। କେତେକ ପଞ୍ଚାୟତରେ ବିନିଯୋଗ ପ୍ରମାଣପତ୍ର (ୟୁସି) ବ୍ଲକ କାର୍ଯ୍ୟାଳୟରେ ଦାଖଲ କରି ନ ଥିବାରୁ ଟଙ୍କା ମିଳି ନ ଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଗୋପ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ବ୍ଲକ କାର୍ଯ୍ୟାଳୟରେ ୟୁସି ଦାଖଲ କରିବା ମାତ୍ରେ ପଞ୍ଚାୟତ କାର୍ଯ୍ୟାଳୟକୁ ହରିଶ୍ଚନ୍ଦ୍ର ଯୋଜନା ସହାୟତା ରାଶି ପ୍ରଦାନ କରାଯାଉଛି। ସହାୟତା ରାଶି ପାଇ ନ ଥିବା ହିତାଧିକାରୀଙ୍କ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।

- ସ୍ୱାମୀ ଦୟାନନ୍ଦ ସରସ୍ୱତୀ

# ପୁଣି ପଶିଆସିଲେ ହାତୀପଲ



ଭୁଆସୁଣୀଗଡ଼ା ନିକଟ ଜଙ୍ଗଲକୁ ପଶି ଆସିଥିବା ହାତୀପଲ।



ହାତୀକୁ ଘଉଡାଇବା ପାଇଁ ଜଙ୍ଗଲ ବିଭାଗ କର୍ମଚାରୀ ବାଣ ଫୁଟାଉଛନ୍ତି।

**କଟକ ଅଫିସ, ୨୯।୧**

କଟକକୁ ମଙ୍ଗଳବାର ପୁଣି ପଶିଆସିଛନ୍ତି ହାତୀପଲ। ଆଠଗଡ଼ ଜଙ୍ଗଲରୁ ମଧୁସୂଦନ ବ୍ରିଜ୍ ତଳେ ବାଲିପଠା ଦେଇ ୭ରୁ ଉର୍ଦ୍ଧ୍ୱ ହାତୀ ବିଡାନାସୀ ଥାନା ଅନ୍ତର୍ଗତ ଭୁଆସୁଣିଗଡ଼ା ଅଞ୍ଚଳକୁ ପଶିଆସିଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ହାତୀମାନଙ୍କୁ ଘଉଡାଇବାରେ ଲାଗିଥିଲେ। ବାଣ ଫୁଟାଇ, ବାଜା ବଜାଇ ହାତୀମାନଙ୍କୁ ଘଉଡାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ତାହା ସମ୍ଭବ ହୋଇ ନ ଥିଲା। ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିବାରୁ ବନ ବିଭାଗ କର୍ମଚାରୀମାନେ ସେଠାରେ ଜଗି ରହିଥିଲେ। ସୂଚନାଯୋଗ୍ୟ, ଗତ ଡିସେମ୍ବରରେ ବିଡାନାସୀ ଏବଂ ସିଡିଏ ଅଞ୍ଚଳକୁ ଦୁଇ ଥର ହାତୀପଲ ପଶି ଆସିଥିଲେ।

## ସଂକ୍ଷେପରେ

### ଯୁବତୀଙ୍କୁ ବେଲ୍ଟରେ ପିଟି ଯୁବକ ଗିରଫ

**ଭୁବନେଶ୍ୱର,୨୯।୧ (ବ୍ୟୁରୋ):** ସାମାନ୍ୟ କଥାକୁ ନେଇ ଜଣେ ଯୁବତୀଙ୍କୁ ବେଲ୍ଟରେ ଆକ୍ରମଣ। ଏହି ଘଟଣାରେ ଖାରବେଳନଗର ଥାନା ପୋଲିସ ଜଣେ ଯୁବକକୁ ଗିରଫ କରିଛି। ସେ ହେଲେ ଡୁମୁଡୁମା ଅଞ୍ଚଳର ସୁଜନ ଦାଶ(୨୨)। ପୋଲିସ କେସ୍ ନଂ-୩୧/୧୯ରେ ଅଭିଯୁକ୍ତ ସୁଜନଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୯ଟାରେ ଅନୁଗୋଳର ଜଣେ ଯୁବତୀ ଶ୍ରୀୟା ଫିଲ୍ମ ହଲ୍‌ରୁ ଫିଲ୍ମ ଦେଖି ଗାଡି ବାହାର କରୁଥିଲେ। ସେହି ସମୟରେ ଅଭିଯୁକ୍ତ ସୁଜନ ମଧ୍ୟ ଗାଡି କାଢୁଥିଲେ। ସୁଜନଙ୍କ ଗାଡ଼ି ଯୁବତୀଙ୍କ ଗାଡିରେ ବାଜି ଯାଇଥିଲା। ଏଥିରେ ଯୁବତୀ ଉତ୍ତେଜିତ ହୋଇ ସୁଜନଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ସୁଜନ ଅପମାନିତ ହୋଇ ସେ ପିନ୍ଧିଥିବା ବେଲ୍ଟକୁ କାଢି ଫିଲ୍ମ ହଲ୍ ଆଗରେ ସମ୍ପୃକ୍ତା ଯୁବତୀଙ୍କୁ ନିସ୍ତୁକ ପିଟିଥିଲେ। ଘଟଣା ସଂକ୍ରାନ୍ତରେ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ।

### ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକ ମୃତ

**ଭୁବନେଶ୍ୱର,୨୯।୧ (ବ୍ୟୁରୋ):** ମଞ୍ଚେଶ୍ୱର-ଭିଏସ୍ଏସ୍‌ନଗର ରେଳ ଫାଟକ ନିକଟରେ ଏକ ଚଳନ୍ତା ଟ୍ରେନ୍‌ରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ଯାଜପୁର ଜିଲା ବିଞ୍ଝାରପୁରର ଗଣିଆ ଜେନା(୩୮)। ସେ ଭୁବନେଶ୍ୱରରୁ ଏକ ଯାତ୍ରୀବାହୀ ଟ୍ରେନ୍‌ର ଗେଟ ପାଖରେ ବସି କଟକ ଅଭିମୁଖେ ଯାଉଥିଲେ। ହେଲେ ଅସାବଧାନତା ବଶତଃ ଟ୍ରେନରୁ ଖସି ପଡିଥିଲେ। ଟ୍ରେନ୍ ଲାଇନ୍ ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ଜିଆର୍‌ପି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।

### ବନ୍ଧୁକ ଦେଖାଇ ସୁନାଚେନ୍ ଲୁଟ ଘଟଣା: ୨ ଗିରଫ

**ଭୁବନେଶ୍ୱର,୨୯।୧ (ବ୍ୟୁରୋ):** ଦୁଇ ଜଣ ଯୁବତୀଙ୍କୁ ବନ୍ଧୁକ ଦେଖାଇ ସୁନାଚେନ ଲୁଟ୍ ଘଟଣାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପିପିଲି ମୁକାମଣ୍ଡପ ନିକଟରେ ରହୁଥିବା ଅନ୍‌ସାର ଖାଁ(୨୦) ଓ ଶାରୁକ୍ ଖାଁ(୨୨)। ପୋଲିସ କେସ୍ ନଂ-୩୪ରେ ଏମାନଙ୍କୁ କୋର୍ଟଚାଲାଣ କରିଥିବାବେଳେ ଦୁଇ ଖଣ୍ଡା ଓ ତରଳା ଯାଇଥିବା ଏକ ସୁନା ମୁଣ୍ଡାକୁ ଜବତ କରିଛି। ଗତ ୨୩ ତାରିଖ ସକାଳ ପ୍ରାୟ ୧୦ରେ ଦୁଇ ଜଣ ଯୁବତୀ ହୋଟେଲ ସ୍ୱସ୍ତି ପ୍ରିମିୟମ୍ ଦେଇ ଘରକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ସେମାନଙ୍କ ନିକଟରେ ପହଞ୍ଚି ବନ୍ଧୁକ ଦେଖାଇ ସୁନା ଚେନ୍ ଲୁଟି ନେଇଥିଲେ। ପୋଲିସ ସିସିଟିଭି ଫୁଟେଜ ଆଧାରରେ ଦୁଇ ଯୁବକଙ୍କୁ ଗିରଫ କରିଛି। ତେବେ ସେମାନଙ୍କ ନିକଟରୁ ବନ୍ଧୁକ ମିଳିନି।

### ବାଇକ୍ ଚୋରି ଅଭିଯୋଗରେ ୨ ଗିରଫ

**କଟକ ରୋଡ,୨୯।୧(ଡି.ଏନ୍.ଏ):** ବାଇକ୍ ଚୋରି ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ସଦର ଥାନା ଅଧୀନ ବଡପାଲି ଗ୍ରାମର ରାଜେଶ ଖଣ୍ଡୁଆଳ ଓ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା କନିଷି ଗ୍ରାମର ରାଜା ପ୍ରଧାନ। ଏମାନଙ୍କଠାରୁ ୩ଟି ଚୋରି ବାଇକ୍ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ କିଛି ଦିନ ଧରି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ କ୍ରମାଗତଭାବେ ୩ଟି ବାଇକ୍ ଚୋରି ହୋଇଥିଲା। ଏହି ଘଟଣାରେ ଉକ୍ତ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଥିବା ଜଣାପଡିଥିଲା। ଏ ନେଇ ଥାନାରେ ପୃଥକ ଭାବେ ୩ଟି ମାମଲା(ନଂ. ୨୫,୨୬, ୨୮/୧୯)ରୁଜୁ ହୋଇଛି।

### ପୁରସ୍କାର ବିତରଣୀ ଉତ୍ସବ

**ବାରଙ୍ଗ,୨୯।୧(ଡି.ଏନ୍.ଏ.):** ବାରଙ୍ଗ ଉତ୍କଳମଣି ସରକାରୀ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରିୟଦର୍ଶୀ ମିଶ୍ର, ନାଲ୍‌କୋର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶୋକ କୁମାର ରଥ, ଜିଲା ପରିଷଦ ସଭ୍ୟ କୁନାଲ ରାଉତ, ପୂର୍ବତନ ପ୍ରଧାନଶିକ୍ଷକ ଫକୀରଚରଣ ନାୟକ, ସରପଞ୍ଚ ଶ୍ୟାମସୁନ୍ଦର ଟୁଡୁ, ସମିତିସଭ୍ୟା ଗୀତା ମାରାଣ୍ଡି, ଦୁଲଣା ଦାସ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ସସ୍ମିତା ମାଳିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ମୁରଲୀଧର ପରିଡା ଧନ୍ୟବାଦ ଦେଇଥିଲେ।

# ମାଗଣାରେ ହେବ କୃତ୍ରିମ ହାତ ପ୍ରତିରୋପଣ

**■ ମାର୍ଚ୍ଚ ୧୭ରେ ଇନ୍‌ଡୋର ଷ୍ଟାଡିୟମରେ ଶିବିର**

**କଟକ ଅଫିସ, ୨୯।୧**

ପ୍ରତିବର୍ଷ ଦେଶରେ ବହୁସଂଖ୍ୟକ ଲୋକ ଏବଂ ଶିଶୁ ସଡ଼କ ଦୁର୍ଘଟଣା କିମ୍ବା କୌଣସି ଶିଳ୍ପସଂସ୍ଥାରେ କାମ କରୁଥିବାବେଳେ ପଙ୍ଗୁ ହୋଇଯାଉଛନ୍ତି। ଦୁର୍ଭାଗ୍ୟବଶତଃ ଯଦି ସେମାନଙ୍କର ହାତ କଟିଯାଏ ତେବେ ତାହାର ଭରଣା ହୋଇପାରୁନାହିଁ କିମ୍ବା କୌଣସି କୃତ୍ରିମ ଅଙ୍ଗ ହାତରେ ଲଗାଯାଇ ପାରୁନାହିଁ। ଯଦିଓ କିଛି କୃତ୍ରିମ ଅଙ୍ଗ ହାତରେ ଲଗାଯାଇପାରିବା ଭଳି ଅଛି, ସେଗୁଡ଼ିକ ଅତ୍ୟନ୍ତ ଓଜନଦାର ଏବଂ ଅଶୋଧିତ। ତେଣୁ ସେଗୁଡ଼ିକର କିଛି ଭଲ ଉପଲବ୍ଧ ନାହିଁ। ଲାଏନ୍ସ କ୍ଲବ, ରୋଟାରୀ କ୍ଲବ ପୁନା ଡାଉନ ଟାଉନ, ରୋଟାରୀ କ୍ଲବ ବ୍ରହ୍ମପୁର ପୂର୍ବ ଏବଂ ଭାରତୀୟ ରେଡକ୍ରସ ସଂସ୍ଥା (କଟକ ଜିଲା)ର ମିଳିତ ଆନୁକୂଲ୍ୟରେ ଲୋକହିତ ପାଇଁ ଏକ ଶିବିର ଆୟୋଜନ କରାଯାଇଛି। ଯେଉଁଥିରେ କୌଣସି କାରଣ ପାଇଁ ନିଜ ହାତ ହରେଇଥିବା ଲୋକମାନଙ୍କର କୃତ୍ରିମ ହାତ ଲଗାଯାଇପାରିବ। ଏହି ଶିବିର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ମାର୍ଚ୍ଚ ୧୭ ତାରିଖରେ ଅନୁଷ୍ଠିତ ହେବ। ଏହି କୃତ୍ରିମ ହାତ ଏଲ୍ଏନ୍-୪ ନାମରେ ପ୍ରଖ୍ୟାତ। ଯାହାକି ଆମେରିକାରେ ତିଆରି ହୋଇଛି ଏବଂ ଦରକାର ଥିବା ବ୍ୟକ୍ତି/ଶିଶୁଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଏହା ଅତ୍ୟନ୍ତ ସହଜ ଏବଂ ଶୀଘ୍ର ଲଗାଯାଇପାରିବ। ଏହାର ରକ୍ଷଣାବେକ୍ଷଣର ଆବଶ୍ୟକତା ନାହିଁ। ଏହା ସବୁ ବର୍ଗଙ୍କ ଉପଯୁକ୍ତ। ଏହାର ଓଜନ ୪୦୦ ଗ୍ରାମ। ଏହାକୁ ଲଗାଇ ସାରିବା ପରେ ଏବଂ କିଛିଟା ଆବଶ୍ୟକ ଅଭ୍ୟାସ ପରେ ବ୍ୟକ୍ତି ହାତରେ ଖାଇବା, ଗାଡ଼ି ଚଳାଇବା ଏବଂ ଲେଖିବା ଭଳି କାମ କରିପାରିବ ବୋଲି ଲାୟନ୍ସ କ୍ଲବ ପକ୍ଷରୁ ପ୍ରେସ୍ ବିବୃତିରେ କୁହାଯାଇଛି।

■ଶ୍ରୀସୂକ୍ଷ୍ମେଶ୍ୱର ମନ୍ଦିର ପରିଚାଳନା

# ବେଆଇନ ନିର୍ମାଣ ବନ୍ଦ କରିବାକୁ ପ୍ରସ୍ତାବ

**ପୁରୁଣା ଭୁବନେଶ୍ୱର, ୨୯।୧(ଡି.ଏନ.ଏ.)**

ଶ୍ରୀରାମ ନଗରସ୍ଥିତ ଶ୍ରୀସୂକ୍ଷ୍ମେଶ୍ୱର ମନ୍ଦିର ପରିସରରେ ଏକ କ୍ଲବ ଘର ନିର୍ମାଣକୁ ବିରୋଧ ପରେ ଏବେ ଦେବୋତ୍ତର କମିଶନର ତାହା ଉପରେ ଅଙ୍କୁଶ ଲଗାଇଛନ୍ତି। ମନ୍ଦିରକୁ ଦେବୋତ୍ତର କମିଶନରଙ୍କ ଅଧୀନ ବିଭାଗକୁ ନେବା ଠାକୁରଙ୍କ ରୀତି ନୀତି ସୁପରିଚାଳନା କରିବା, ବେଆଇନ ନିର୍ମାଣ ବନ୍ଦ କରିବା ଓ ଜମିମାଫିଆଙ୍କଠାରୁ ଜମି ଫେରାଇ ଆଣିବା ଭଳି ଅନେକ ପ୍ରସ୍ତାବରେ ମଙ୍ଗଳବାର ବିଭାଗ ମୋହର ଲଗାଇଛି। ଦେବୋତ୍ତର କମିଶନରଙ୍କୁ ଭେଟିବା ପରେ ସୋମବାର ଜାଗାରେ ଦେଖାଯାଇଥିବା ବିଶୃଙ୍ଖଳା ଏଡ଼େଇବାକୁ ଯାଇ ଏହି ପଦକ୍ଷେପ ନିଆଯାଇଥିବାରୁ କେବଳ ଶ୍ରଦ୍ଧାଳୁ ନୁହନ୍ତି ସେବାୟତଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏହି ଅଭିଯୋଗ ଆଇନଜୀବୀ ଅରୁଣ ମହାପାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକେ ମଙ୍ଗଳବାର ବିଭାଗୀୟ ଅଧିକାରୀଙ୍କ ଭେଟିବାରୁ ଖୁବ୍‌ଶୀଘ୍ର ଉପରୋକ୍ତ ପ୍ରସ୍ତାବମାନ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି। ଅପରାହ୍ନରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ କାର୍ଯ୍ୟାଳୟରେ କୌଣସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ବିଚାର ବିମର୍ଷ କରିବା ପରେ ସମାନ ପ୍ରତିଶ୍ରୁତି ଦିଆଯାଇଥିବା ସେ କହିଛନ୍ତି। ସୂକ୍ଷ୍ମେଶ୍ୱର ମନ୍ଦିରର ପୂର୍ବଭଳି ଟ୍ରଷ୍ଟ ବୋର୍ଡ ବିଧି ବଦ୍ଧ ଭାବେ ଗଠନ ହେଉ ଏବଂ ମନ୍ଦିର ପରିଚାଳନାରେ ଶୃଙ୍ଖଳା ଆଣିବାକୁ କହିଛନ୍ତି ସ୍ଥାନୀୟ ବାସିନ୍ଦା ହଳଧର ମଲିଆ। ସୂଚନାଥାଉ କି ନିକଟରେ ଥିବା ଶ୍ରୀବାରୁଣେଶ୍ୱର ମନ୍ଦିର ସମସ୍ୟାକୁ ନେଇ ମଧ୍ୟ ଅଭିଯୋଗ ରହିଛି।

# ଭାଷା ଆନ୍ଦୋଳନ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

ଓଡ଼ିଆରେ ଓଡ଼ିଶା ଶାସନ, ଆଇନ ଖିଲାପକାରୀଙ୍କୁ ଦଣ୍ଡବିଧାନ ଦାବିରେ 'ଭାଷା ଆନ୍ଦୋଳନ' ପକ୍ଷରୁ ୮୭୮ଦିନ ଧରି ଆନ୍ଦୋଳନ କରାଯାଇଥିଲା। ୨୦୧୮ ସେପ୍ଟେମ୍ବର ୧୯ରେ ବିଧାନସଭାରେ ସରକାର ଭାଷା ଆଇନ ସଂଶୋଧନ କରି ଦଣ୍ଡବିଧାନ ପାଇଁ ବିଧେୟକ ପାରିତ କରିବା ପରେ ଭାଷା ଆନ୍ଦୋଳନ ଏହାର କଳାପତାକା ଅଭିଯାନକୁ ବନ୍ଦ କରିଥିଲା। ଏଥିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଯୋଗଦେଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ମଙ୍ଗଳବାର ସୂଚନା ଭବନଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆୟୋଜିତ ସଭାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭଟନାଥ ମଙ୍ଗରାଜ ଓ ସୋମନାଥ ପାତ୍ର ଯୋଗଦେଇ ଆନ୍ଦୋଳନକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଭାଷା ଆନ୍ଦୋଳନରେ ସାମିଲ ଆନ୍ଦୋଳନକାରୀଙ୍କ ଫଟୋଚିତ୍ର ସହ ପ୍ରେକ୍ଷାପଟ ଆଲୋଚନା ସମ୍ବନ୍ଧୀୟ ଭାଷା ଆନ୍ଦୋଳନ ମୁଖପତ୍ର-୨ ଉନ୍ମୋଚିତ ହୋଇଥିଲା। ସଭାପତି ପ୍ରଦ୍ୟୁମ୍ନ ଶତପଥୀ ଭାଷା ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଆବାହକ ପବିତ୍ର ମହାରଥା ଭାଷା ଆନ୍ଦୋଳନର ଆରମ୍ଭ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଭାଷା ଆନ୍ଦୋଳନ ଅଧ୍ୟକ୍ଷ ଚକ୍ରଧର ମହନ୍ତ, ନବକିଶୋର ପ୍ରଧାନ, ଜୟପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଶହୀଦନଗର ଓ ରସୁଲଗଡ ଖବରକାଗଜ ବିକ୍ରେତା ସଂଘର ପ୍ରଥମ ବାର୍ଷିକ ବଣଭୋଜି ୨୦୧୯ରେ ସାମିଲ ହୋଇଥିବା ସଦସ୍ୟ।

# ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ଲାଟିନମ୍ ଜୁବିଲି ପାଇଁ କ୍ରୀଡ଼ା ପ୍ରତିଯୋଗିତା

**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ମହୋତ୍ସବ ଉପଲକ୍ଷେ ୟୁନିଭରସିଟି ହାଇସ୍କୁଲରେ ମଙ୍ଗଳବାର ଆନ୍ତଃବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଏନ୍.ଏସ୍.ଏସ୍ ପ୍ରୋଗ୍ରାମ କୋଅର୍ଡିନେଟର ଡ. ମନୋରଞ୍ଜନ ମହାନ୍ତି ଓ କ୍ରୀଡ଼ା ପରିଷଦ ଉପନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ଦାସ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ସୁକାନ୍ତି ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ତ୍ରିପାଠୀ, ଉମ୍ବରୁଧର ନାୟକ, ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ପୂର୍ବତନ ଛାତ୍ର ସଂସଦ ସମ୍ପାଦକ ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସବିତା ଦେଇ ଧନ୍ୟବାଦ ଦେଇଥିଲେ। ପ୍ଲାଟିନମ୍ ଜୁବିଲି ମହୋତ୍ସବ ଉପଲକ୍ଷେ ସୋମବାର ବିଦ୍ୟାଳୟ ପରିସରରେ ଆନ୍ତଃବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

### ଗାୟତ୍ରୀ ମହାଯଜ୍ଞ

**ବାରଙ୍ଗ,୨୯।୧(ଡି.ଏନ୍.ଏ.)**

ସ୍ଥାନୀୟ ଦେଉଳ ଗ୍ରାମରେ ମଙ୍ଗଳବାରଠାରୁ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। ଯଜ୍ଞରେ ହୋଇଥିବା କଳସ ଯାତ୍ରାରେ ୩ଶହରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଏହି ଯାତ୍ରାରେ ବିଭିନ୍ନ ପାରମ୍ପରିକ ବାଜା ଓ ବାଣ ସହ କେତେକ ଭକ୍ତ ଦେବାଦେବୀଙ୍କ ବେଶରେ ସଜ୍ଜିତ ହୋଇଥିବାର ଦେଖିବାକୁ ମିଳିଥିଲା। ଏହା ୩ଦିନ ଧରି ଚାଲିବ।

# ରାଜଭବନରେ ଇନକାଲ ମାସ୍କଟ




**ଭୁବନେଶ୍ୱର,୨୯।୧**

ଇଣ୍ଟରନ୍ୟାଶନାଲ କନଫରେନ୍ସ ଆଣ୍ଡ ଏକଜିବିଶନ ଅନ୍ ଆଲୁମିନିୟମ (ଇନ୍‌କାଲ)ର ମାସ୍କଟ ଆଲୁମଫଙ୍କୁ ରାଜଭବନ ପରିଦର୍ଶନ କରାଯାଇଛି। ଓଡ଼ିଶାକୁ ଦେଶର ଆଲୁମିନିୟମ ରାଜଧାନୀ ଭାବେ ଗଢି ତୋଳିବାକୁ ଏହା ରାଜ୍ୟପାଳ ଗଣେଶୀ ଲାଲଙ୍କଠାରୁ ଶୁଭେଚ୍ଛା ଗ୍ରହଣ କରିଥିଲା। କାର୍ଯ୍ୟକ୍ରମ ଅବସରରେ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଉପସ୍ଥିତ ଥିଲେ।

# ଇକୋରୋ ପକ୍ଷରୁ ସାନିଟାରୀ ପ୍ୟାଡ ବଣ୍ଟନ




**ଭୁବନେଶ୍ୱର,୨୯।୧**

ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ (ଇକୋରୋ) ପକ୍ଷରୁ ଭୁବନେଶ୍ୱରର ସାଲିଆ ସାହି ବସ୍ତିରେ ଆର୍ଥିକ ଅନଗ୍ରସରର ମହିଳା ଏବଂ ଝିଅଙ୍କ ମଧ୍ୟରେ ସୁଲଭ ମୂଲ୍ୟର ସାନିଟାରୀ ପ୍ୟାଡ ବଣ୍ଟନ କରାଯାଇଛି। ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତାକୁ ଧ୍ୟାନରେ ରଖି ଇକୋରୋର ସଦସ୍ୟା ଏହାର ଅଧ୍ୟକ୍ଷ ରଶ୍ମିରେଖା ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିଭଳି ଶ୍ରୀମତୀ ମିଶ୍ର ରେଳବାଇ କେନ୍ଦ୍ରୀୟ ଚିକିତ୍ସାଳୟଠାରେ ରୋଗୀ ଏବଂ ଶିଶୁମାନଙ୍କୁ ଫଳ ଏବଂ ଖାଦ୍ୟ ପ୍ୟାକେଟ ଉପହାର ବଣ୍ଟନ କରିଥିଲେ।

# ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ଟାଙ୍ଗୀ(କଟକ),୨୯।୧(ଡି.ଏନ୍.ଏ)**

ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ କ୍ଷେତ୍ରବ୍ୟାଙ୍କ ଗଡ଼ା ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାନକୋଷ୍ଠି ଗ୍ରାମର ରାହାସ ଖୁଣ୍ଟିଆ। ଖୁଣ୍ଟିଆ ସାଇକେଲରେ ଟାଙ୍ଗୀ ଅଭିମୁଖେ ଆସୁଥିବାବେଳେ ଏକ ଟ୍ରକ୍(ଓଆର୍-୦୪ଏନ୍-୦୩୧୯୫) ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଟାଙ୍ଗୀ ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ରାଜ୍ୟ କନିଷ୍ଠ ଶିକ୍ଷକ ସଂଘର ଆନ୍ଦୋଳନ ନିଷ୍ପତ୍ତି

**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**

ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଖାରବେଳ ନଗରସ୍ଥିତ ପ୍ରାଥମିକ ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ମଳୟ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ରାଜ୍ୟରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଶିକ୍ଷକ (ଚୁକ୍ତିଭିତ୍ତିକ) ଓ କନିଷ୍ଠ ଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି, ୨୦୧୨ ବ୍ୟାଚ୍‌ରେ ନିଯୁକ୍ତ ଶିକ୍ଷା ସହାୟକମାନଙ୍କୁ ତୁରନ୍ତ ନିୟମିତ ଶିକ୍ଷକ ମାନ୍ୟତା ଓ ଓଟିଇଟି ଉଚ୍ଛେଦ ଆଦି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଆଗକୁ ସାଧାରଣ ନିର୍ବାଚନ ରହିଥିବାବେଳେ ଦାବି ପୂରଣ ପାଇଁ ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମହାସଚିବ ବିବେକାନନ୍ଦ ବେହେରା ଆସନ୍ତା ଫେବୃୟାରୀ ୨ ସୁଦ୍ଧା ନିଜ ନିର୍ବାଚନ ମଣ୍ଡଳୀର ବିଧାୟକ ଓ ଏମ୍‌ପିମାନଙ୍କୁ ସଂଘ ତରଫରୁ ଦାବିପତ୍ର ଦେବା ନିମନ୍ତେ ସର୍ବସମ୍ମତିକ୍ରମେ ଆହ୍ୱାନ ଜଣାଇଥିଲେ। ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଶ୍ରୀକାନ୍ତ କୁମାର ନାୟକ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ଆଗାମୀ ଦିନରେ ଏକାକୀ ଭାବେ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଥିଲେ। ବୈଠକରେ ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ସୁମନ୍ତ କୁମାର ପାଲ୍, ଉପଦେଷ୍ଟା ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ଆସନ୍ତୁ ଚାଲିବା, ଟାଙ୍ଗୀ-ସାଲେପୁରର ବିକାଶରେ ସାମିଲ ହେବା

# ପ୍ରକାଶଙ୍କ ସହ ସାମିଲ ହେଲେ ସମର୍ଥକ

**ସାଲେପୁର,୨୯।୧(ଡି.ଏନ.ଏ.)**

ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ଆସନ୍ତୁ ଚାଲିବା, ଟାଙ୍ଗୀ-ସାଲେପୁରର ବିକାଶରେ ସାମିଲ୍ ହେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିନା ଦଳୀୟ ଚିହ୍ନରେ ବିଧାୟକ ବେହେରାଙ୍କ ନେତୃତ୍ୱରେ ହଜାରହଜାର ଯୁବ, ଛାତ୍ର, ମହିଳା ସମର୍ଥକ ସାମିଲ ହୋଇ କଟକ-ଚାନ୍ଦବାଲି ରାସ୍ତାର ପୀରବଜାରଠାରୁ ସାଲେପୁର ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ପ୍ରାୟ ୧୬ କି.ମି. ବ୍ୟାପୀ ପଦଯାତ୍ରାରେ ଜନସାଧାରଣ ବିଧାୟକଙ୍କ ଦ୍ୱାରା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟ ଏବଂ ସାଲେପୁରର ବିକାଶ ପାଇଁ ବିଧାୟକଙ୍କ ଅବଦାନ ସମ୍ପର୍କରେ ସ୍ଲୋଗାନ ଦେଇଥିଲେ। ସକାଳ ୧୦ଟାରୁ ପଦଯାତ୍ରା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ସାଲେପୁର ତହସିଲ୍ ପଡ଼ିଆଠାରେ ଥିବା ବିଧାୟକଙ୍କ କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା। ବିଧାୟକ ବେହେରା ପଦଯାତ୍ରା ସଫଳ ପାଇଁ ସାମିଲ୍ ହୋଇଥିବା ସମର୍ଥକଙ୍କୁ କୃତଜ୍ଞତା ଜଣାଇଥିଲେ। ବିକାଶ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଥିବାରୁ ଏବଂ ବିଭିନ୍ନ ବର୍ଗର ଲୋକେ ଆସନ୍ତୁ ଚାଲିବା କାର୍ଯ୍ୟକ୍ରମରେ ସାମିଲ୍ ହେବା ପାଇଁ ଆହ୍ୱାନ ଦିଆଯାଇଥିବାରୁ ଦଳୀୟ ଚିହ୍ନର ଆବଶ୍ୟକତା ନାହିଁ ବୋଲି ପୁଣି ବକ୍ତବ୍ୟରେ ପ୍ରକାଶ କରିଥିଲେ। ପଦଯାତ୍ରାରେ ସାଲେପୁର ଓ ଟାଙ୍ଗୀ ବ୍ଲକ୍‌ର ବହୁ ଜନସାଧାରଣ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ମମତା ରାଉତ, ବ୍ଲକ୍ ଆମ୍ବା ସଭାପତି ତଥା ଯୁବନେତା ସମ୍ରାଟ କେଶରୀ ଲେଙ୍କା, ବିଶ୍ୱରଞ୍ଜନ ଦାଶ, ପ୍ରିୟରଞ୍ଜନ ମହାପାତ୍ର, ବସନ୍ତ ଭୂୟାଁ, ବେଣୁଧର ପ୍ରଧାନ, ଅଜିତ୍ ପଣ୍ଡା, ନାରୀନେତ୍ରୀ ପୂର୍ଣ୍ଣିମା ବସ୍ତିଆ, ସୟଦ ସଫିଉଲ୍ ଆଲାମ୍, ରଘୁପତି ରାଉତ, ଅରବିନ୍ଦ ବିଶ୍ୱାଳ, ଶୁକଦେବ ଭୂୟାଁ ପ୍ରମୁଖ ପଦଯାତ୍ରାରେ ସାମିଲ୍ ହୋଇଥିଲେ। ଅନ୍ୟପକ୍ଷରେ ବିଧାୟକଙ୍କ ବିନା ଦଳୀୟ ଚିହ୍ନର ଏହି ପଦଯାତ୍ରାକୁ ନେଇ ସାଲେପୁର ଅଞ୍ଚଳର ଲୋକଙ୍କ ମଧ୍ୟରେ ନାନା ଆଲୋଚନା ହେଉଛି।




ବିଧାୟକ ପ୍ରକାଶ ବେହେରା ଓ ତାଙ୍କ ସମର୍ଥକ ପଦଯାତ୍ରାରେ ଯାଉଛନ୍ତି।